# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-42 ◆WEDNESDAY ◆5 AUGUST 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୪୨ ◆ବୁଧବାର ◆୫ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**‘ରାମାୟଣ’**
ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି’

▶ପୃଷ୍ଠା ୧୧ ଦେଖନ୍ତୁ...

# ତାମିଲନାଡୁ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ୍ ଗିରଫ

■ ଚେନ୍ନାଇ, ୪।୮ (ଏଜେନ୍ସି): ତାମିଲନାଡୁର ଚର୍ଚ୍ଚିତ ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଅଶାଳୀନ ଏବଂ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ରାଜ୍ୟର ବିରୋଧୀ ଦଳ ନେତା ତଥା ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କୁ ପୁଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କ ବିରୋଧରେ ମାମଲା ରୁଜୁ ହେବାର କିଛି ସମୟ ମଧ୍ୟରେ ଚେନ୍ନଇ ପୁଲିସ ତାଙ୍କ ବାସଭବନ ବାହାରୁ ତାଙ୍କୁ ହେପାଜତକୁ ନେଇଥିଲା। ସୂଚନା ଅନୁଯାୟୀ, କାବେରୀ ନଦୀ ଜଳ ବଣ୍ଟନ ବିବାଦକୁ ନେଇ ଆୟୋଜିତ ଏକ ପ୍ରତିବାଦ ସଭାରେ ଉଦୟନିଧି ଷ୍ଟାଲିନ୍ ଭାଷଣ ଦେଉଥିଲେ। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାରକୁ ସମାଲୋଚନା କରିବା ସହ ଅଭିନେତ୍ରୀ ତ୍ରିଶାଙ୍କ ସମ୍ପର୍କରେ ଏକ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ। ସଭାରେ ଉପସ୍ଥିତ କେହି ଜଣେ ‘ତ୍ରିଶା, ତ୍ରିଶା’ ବୋଲି ଚିତ୍କାର କରିବା ପରେ ଉଦୟନିଧି ଏହି ପ୍ରତିକ୍ରିୟା ରଖିଥିଲେ। ଏହି ଘଟଣାକୁ ଅଭିନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅପମାନଜନକ ବୋଲି ବିବେଚନା କରାଯାଉଛି। ତେବେ ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ପରେ ▶ପୃଷ୍ଠା-୧୦



**ଅଭିନେତ୍ରୀ ତ୍ରିଶାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଅଭିଯୋଗ**

# ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍; ଗାଡ଼ି ଇଞ୍ଜିନ୍ ପାଇଁ ବିପଦ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତୀୟ ଅଟୋମୋବାଇଲ୍ ନିର୍ମାତାଙ୍କ ସଂଗଠନ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକଚର୍ସ (ସିଆମ୍), ଦେଶବ୍ୟାପୀ ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ଇ-୨୦ ପେଟ୍ରୋଲ (୨୦% ଇଥାନଲ୍ ମିଶ୍ରିତ ଇନ୍ଧନ)ର ଗୁଣବତ୍ତାକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିଛି। ସଂଘ କହିଛି ଯେ ଇ-୨୦ ପେଟ୍ରୋଲରେ ଅତ୍ୟଧିକ କ୍ଲୋରାଇଡ୍ ପ୍ରଦୂଷଣ ଏବଂ ଆର୍ଦ୍ରତା ଯାନବାହାନର ଇଞ୍ଜିନ୍ ଅଂଶଗୁଡ଼ିକୁ କ୍ଷତି ପହଞ୍ଚାଉଛି। ଯାହାଫଳରେ ଗାଡ଼ି ଇଞ୍ଜିନ୍ ଖରାପ ହେବାର ସମ୍ଭାବନା ରହିଛି। ସିଆମ୍ ଏହି ପ୍ରସଙ୍ଗରେ ଏବେ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ଚିଠି ଲେଖିଛି। ଅନ୍ୟପକ୍ଷରେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଇନ୍ଧନ ମାନଦଣ୍ଡରେ ବାଧ୍ୟତାମୂଳକ କ୍ଲୋରାଇଡ୍ ସୀମା ରହିଥିବା ଏବଂ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ଦ୍ୱାରା କଠୋର ଗୁଣବତ୍ତା ଅନୁପାଳନ କରାଯାଉଥିବା ନେଇ ଦାବି କରିଛି। ସରକାର ମଧ୍ୟ ଏହି ପ୍ରସଙ୍ଗରେ ଇ-୨୦ ପେଟ୍ରୋଲ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ସିଆମ୍‌ର କହିବାନୁଯାୟୀ, ▶ପୃଷ୍ଠା-୧୦




**ଅଟୋମୋବାଇଲ୍ ନିର୍ମାତା ସଂଘର ଚେତାବନୀ**

**ମେଳି ବାନ୍ଧିଛନ୍ତି ଚୀନ, ପାକିସ୍ତାନ**

# ଭାରତ ସୀମାରେ ସମରସଜ୍ଜା

## ଷ୍ଟିଲ୍‌ଥ ଜେଟ୍, ଅତ୍ୟାଧୁନିକ ତୋପ ମୁତୟନ ■ ସ୍ଥିତି ଉପରେ ନଜର ରହିଛି: ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତର ଉତ୍ତର ଓ ପଶ୍ଚିମ ଉଭୟ ସୀମାରେ ଚୀନ ଏବଂ ପାକିସ୍ତାନର ବର୍ଦ୍ଧିତ ସାମରିକ ଗତିବିଧି ଦେଶର ସୁରକ୍ଷା ପାଇଁ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ଚୀନ ଭାରତ ସୀମା ନିକଟରେ ଅତିକମରେ ୧୨ଟି ଜେ-୨୦ ‘ମାଇଟି ଡ୍ରାଗନ’ ଷ୍ଟିଲଥ୍ ଯୁଦ୍ଧ ବିମାନ ମୁତୟନ କରିଛି। ଅନ୍ୟପଟେ, ପାକିସ୍ତାନ ମଧ୍ୟ ଚୀନଠାରୁ କିଣିଥିବା ୨୫୦ଟି ଏସ୍‌ଏଚ୍-୧୫ ସ୍ୱୟଂଚାଳିତ ହାଓିଜର୍ ତୋପ ଭାରତୀୟ ସୀମାକୁ ଲାଗିଥିବା ଅଞ୍ଚଳରେ ମୁତୟନ କରିଥିବା ଜଣାପଡ଼ିଛି। ଏହି ଦୁଇ ପଡ଼ୋଶୀ ଦେଶର ଏଭଳି ଗତିବିଧି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି। ତେବେ ଭାରତ ସରକାର ଏସଂପର୍କରେ ସଜାଗ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହିଛନ୍ତି।

ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି ଯେ ଚୀନ ଜୁନ୍ ଶେଷ ଏବଂ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ୨ଟି ପ୍ରମୁଖ ବାୟୁସେନା ଘାଟିରେ ଏହି ଅତ୍ୟାଧୁନିକ ବିମାନଗୁଡ଼ିକୁ ମୁତୟନ କରିଛି। ସିନଜିଆଙ୍ଗର ହୋଟାନ ଏୟାରବେସରେ ୭ଟି ଏବଂ ତିବ୍ବତର ଦାମସୁଙ୍ଗ ଏୟାରବେସରେ ୪ଟି ଜେ-୨୦ ବିମାନ ଦେଖିବାକୁ ମିଳିଛି। ଏହି ବିମାନଗୁଡ଼ିକୁ ଭାରତ ଆଡ଼କୁ ଲକ୍ଷ୍ୟ କରି ମୁତୟନ କରାଯାଇଛି।



ହୋଟାନ ବେସ୍ ଲଦାଖର ଦୌଲତ ବେଗ ଓଲ୍ଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ଏହି ଜେ-୨୦ ବିମାନଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ଷ୍ଟିଲଥ୍ ଗୁଣ। ଏହା ରାଡାର୍ ନଜରରୁ ବର୍ତ୍ତି ଶତ୍ରୁପକ୍ଷର ଆକାଶମାର୍ଗରେ ପ୍ରବେଶ କରିପାରେ। ଭାରତ ପାଖରେ ବର୍ତ୍ତମାନ ରାଫେଲ ଭଳି ଶକ୍ତିଶାଳୀ ବିମାନ ଥିଲେ ହେଁ, ଏହା ଷ୍ଟିଲଥ୍ ନୁହେଁ। ଭାରତର ନିଜସ୍ୱ ଷ୍ଟିଲଥ୍ ବିମାନ ଏଏମ୍‌ସିଏ ନିର୍ମାଣ ପାଇଁ ଅତିକମରେ ଆହୁରି ୧୦ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।

ସେହିଭଳି ବାୟୁସେନା ସହିତ ସ୍ଥଳଭାଗରେ ମଧ୍ୟ ପାକିସ୍ତାନ ନିଜର ଶକ୍ତି ବୃଦ୍ଧି କରୁଛି। ଚୀନରୁ ଆମଦାନୀ ହୋଇଥିବା ୨୫୦ଟି ଏସ୍‌ଏଚ୍-୧୫ ତୋପକୁ ପାକିସ୍ତାନ ଭାରତୀୟ ସୀମାର ଗୁଜରାନୱାଲା, ସିଆଲକୋଟ ଏବଂ ଜଲାଲପୁର ଜଟ୍ଟାନ ସେକ୍ଟରରେ ମୁତୟନ କରିଛି। ଏହି ୧୫୫ ମିଲିମିଟରର ତୋପଗୁଡ଼ିକ ପ୍ରାୟ ୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ। ଏହି ମୁତୟନ ବିଶେଷ କରି ଭାରତର ପଞ୍ଜାବ ଓ ଜାମ୍ମୁ-କାଶ୍ମୀର ସୀମା ନିକଟରେ କରାଯାଇଛି।

ସେପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ, ‘ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଯାହା କିଛି ଆବଶ୍ୟକ, ଭାରତ ସେସବୁ କରିବ’। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୀମାପାର ଆତଙ୍କବାଦକୁ ରୋକିବା ପାଇଁ ଭାରତ ସବୁବେଳେ ସତର୍କ ଅଛି ଏବଂ ପୂର୍ବରୁ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଉପଯୁକ୍ତ ଜବାବ ଦିଆଯାଇଛି। ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ମଧ୍ୟ କାର୍ଯ୍ୟ କରୁଛି। ଭାରତୀୟ ସେନା ପକ୍ଷରୁ ଏମ୍୭୭୭ ଅଲଟ୍ରା-ଲାଇଟ୍ ହାଓିଜର୍, କେ-୨ ବଜ୍ର ଏବଂ ସ୍ୱଦେଶୀ ଧନୁଷ ତୋପଗୁଡ଼ିକୁ ସେନାରେ ସାମିଲ କରାଯାଇଛି। ଏହା ବ୍ୟତୀତ ଭାରତ ନିଜସ୍ୱ ‘ମାଉଣ୍ଟେଡ୍ ଗନ୍ ସିଷ୍ଟମ୍’ର ବିକାଶ କରୁଛି ଯାହା ଚୀନର ଏସ୍‌ଏଚ୍-୧୫ ଭଳି ପ୍ରଭାବଶାଳୀ ହେବ। ଚୀନ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ସାମରିକ ସହଯୋଗ ଭାରତ ପାଇଁ ‘ଟୁ-ଫ୍ରଣ୍ଟ ୱାର୍’ ବା ଦ୍ୱିମୁଖୀ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିପାରେ। ତଥାପି, ଭାରତ ନିଜର ସୀମା ସୁରକ୍ଷା ପ୍ରତି ଅତ୍ୟନ୍ତ ସତର୍କ ରହିଛି ଏବଂ ଆବଶ୍ୟକ ପଡ଼ିଲେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛି।

# ଇ-୨୦ ପେଟ୍ରୋଲକୁ ବିରୋଧ

## ପ୍ରଧାନମନ୍ତ୍ରୀ ଆବାସ ଅଭିମୁଖେ କେଜ୍ରିୱାଲଙ୍କ ପଦଯାତ୍ରାକୁ ଅଟକାଇଲା ପୁଲିସ



■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଇ-୨୦ ପେଟ୍ରୋଲ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାକ୍ଷରିତ ଆବେଦନ ପତ୍ର ପ୍ରଦାନ କରିବାକୁ ଯାଉଥିବା ଆମ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଅଧାବାଟରେ ଅଟକାଇଛି। ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା। କେଜ୍ରିୱାଲ କହିଥିଲେ, ‘ଆମେ ଆତଙ୍କବାଦୀ ନୁହେଁ। ଆମେ ଇ୨୦ ଇନ୍ଧନ ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛୁ’। ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଅନୁଯାୟୀ, ଦେଶର ପ୍ରାୟ ୨ ଲକ୍ଷ ୩୩ ହଜାରରୁ ଅଧିକ ଲୋକ ଇ୨୦ ପେଟ୍ରୋଲ ବିରୋଧରେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି।

କେଜ୍ରିୱାଲ ଦାବି କରିଛନ୍ତି ଯେ, ଇ୨୦ ବ୍ୟବହାର ଯୋଗୁଁ ଗାଡ଼ିଗୁଡ଼ିକରେ ବିଭିନ୍ନ ଯାନ୍ତ୍ରିକ ସମସ୍ୟା ଦେଖାଦେଉଛି। ଗତ ମାସରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅନୁମତି ମାଗି ଏକ ପତ୍ର ଲେଖିଥିଲେ ମଧ୍ୟ କୌଣସି ଉତ୍ତର ନମିଳିବାରୁ ସେ ବ୍ୟକ୍ତିଗତ ଭାବେ ଏହି ପିଟିସନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପେଟ୍ରୋଲ ପମ୍ପଗୁଡ଼ିକରେ ଶୁଦ୍ଧ ପେଟ୍ରୋଲ ଏବଂ ଇ୨୦ ଇନ୍ଧନ ମଧ୍ୟରୁ ▶ପୃଷ୍ଠା-୧୦

**ବଦଳିବ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀର ନାଁ**

# ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

■ ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ)ର ନାମ ବଦଳାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବାହିନୀକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ/ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ଭାବେ ନାମିତ କରାଯିବ। ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ସହ ରାଜସ୍ୱ ବିଭାଗ ଆଜି ଏନେଇ ଏହି ସୂଚନା ଦେଇଛି। ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି।

୧୯୯୯ ମସିହାର ମହାବାତ୍ୟା ପରେ ବିପର୍ଯ୍ୟୟ ସମୟରେ ଓଡ଼ିଶା ସାମ୍ନା କରିଥିବା ବଡ଼ ବିପଦ ଓ ଏହାର ସ୍ଥାୟୀ ମୁକାବିଲା ପାଇଁ ଓଡ୍ରାଫ୍‌ର ପରିକଳ୍ପନା କରାଯାଇଥିଲା। ସେବେଠାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଓଡ୍ରାଫ୍‌କୁ ଆଧୁନୀକରଣ ▶ପୃଷ୍ଠା-୧୦



**ଗଠନ ହେବ ସ୍ୱତନ୍ତ୍ର ବାଟାଲିୟନ, ପରିଚାଳନା ପାଇଁ ସ୍ୱତନ୍ତ୍ର ଅଧିକାରୀ**

**ଏସ୍‌ଡିଆର୍‌ଏଫ୍ ଭାବେ ଓଡ୍ରାଫ୍ ପାଇଁ ଜାରି ହେବ ନୂତନ ଏସ୍‌ଓପି**

**ରାଜ୍ୟ ସରକାରଙ୍କୁ ଏଲ୍‌ନିନୋ ଚିନ୍ତା**

# ବନ୍ଦହେବ ଜଳ ବିଦ୍ୟୁତ୍ ଉତ୍ପାଦନ

■ ଭୁବନେଶ୍ୱର, ୪।୮ (ସମିସ): ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବକୁ ନେଇ ପାଣିପାଗ ବିଜ୍ଞାନୀ ଓ କୃଷି ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଆକଳନ ପ୍ରକାଶ କରୁଥିବା ବେଳେ ସରକାରୀ ସ୍ତରରେ ଏହାର ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏହିକ୍ରମରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର କମିଲେ ଏଣିକି ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ। ଏହାବଦଳରେ ପାନୀୟ ଜଳ ଏବଂ ଜଳସେଚନକୁ ପ୍ରାଧାନ୍ୟ ଦିଆଯିବ। ଗତ ୨୦ ତାରିଖରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଗୁରୁତ୍ୱାରୋପ କରିଥିଲେ। ସେହି ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ମଙ୍ଗଳବାର ଚିଠି ଲେଖାଯାଇ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜଳ ସୁରକ୍ଷାକୁ ଗୁରୁତର ସହ ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଯେ ପାନୀୟ ଜଳ ଯୋଗାଣ ଏବଂ କୃଷି ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବା ଅତ୍ୟନ୍ତ ଜରୁରୀ ଏବଂ ସର୍ବୋଚ୍ଚ ଅଟେ। ସେହି ଅନୁସାରେ ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ଏହି ଅଗ୍ରାଧିକାରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ସୀମାଠାରୁ କମ୍ ଥିବାର ଜଣାପଡ଼େ, ତେବେ ତତକ୍ଷଣାତ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯିବା ଉଚିତ୍ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜଳଭଣ୍ଡାରଗୁଡ଼ିକରେ ପାନୀୟ ଜଳ ଏବଂ କୃଷି ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯିବ। ଯଦି କୌଣସି ଜଳଭଣ୍ଡାରରେ ▶ପୃଷ୍ଠା-୧୦

◆ **ପାନୀୟଜଳ ଓ ଜଳସେଚନକୁ ଦିଆଯିବ ପ୍ରାଥମିକତା**

◆ **ଜଳଭଣ୍ଡାର ଉପରେ ରଖାଯିବ ୨୪ ଘଣ୍ଟିଆ ନଜର**



# ଧାରା ଶ୍ରାବଣରେ ଖରା-ବର୍ଷାର ଲୁଚକାଳି ଖେଳ

■ ଭୁବନେଶ୍ୱର, ୪।୮ (ସମିସ): ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଖରା ସାଙ୍ଗକୁ ଗରମ ଗୁଳୁଗୁଳି ଲାଗି ରହିଥିଲା। ତେବେ ଅପରାହ୍ନ ପରେ ପାଗରେ ପରିବର୍ତ୍ତନ ଆସିବା ସହ ଅନେକ ସ୍ଥାନରେ ବର୍ଷା ଅନୁଭବ ହୋଇଛି। ଏହି କ୍ରମରେ ତାଳଚେରରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ରେ ୩୫, ସୁନ୍ଦରଗଡ଼ ୪୧, ଝାରସୁଗୁଡ଼ା ୨୬, ଅନୁଗୁଳ ୩୦ ଓ ଭୁବନେଶ୍ୱରରେ ୧୮ ମିମି ବର୍ଷା ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ମୟୂରଭଞ୍ଜରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ସହ ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଭାରି ବର୍ଷା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଏବେ ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ହେତୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଛି। ମୌସୁମୀ ନିମ୍ନ ଚାପ ରେଖା ତାର ସାଧାରଣ ଅବସ୍ଥାନ ଠାରୁ ଉତ୍ତରରେ ରହୁଥିବାରୁ ରାଜ୍ୟ ଉପରେ ମୌସୁମୀ ପ୍ରବାହ ଦୁର୍ବଳ ସହ ଉପକୂଳ ଓଡିଶା ସମେତ ବିଭିନ୍ନ ଅଞ୍ଚଳରେ ଗୁଳୁଗୁଳି ଲାଗିରହିଛି। ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବଢ଼ିବା ପରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ▶ପୃଷ୍ଠା-୧୦

**ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ; ୮ ତାରିଖ ଯାଏଁ ବର୍ଷା**

# ରାଜ୍ୟରେ କମୁଛି କନ୍ୟା ସନ୍ତାନ ଜନ୍ମହାର

■ ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟରେ ପୁତ୍ରଙ୍କ ଅନୁପାତରେ କମୁଛି କନ୍ୟା ସନ୍ତାନଙ୍କ ଜନ୍ମହାର। ରାଜ୍ୟରେ ସଂପ୍ରତି ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି। ସେହିପରି ଓଡିଶାରେ ଏହି ଜନ୍ମହାର ୧୬ ପ୍ରତିଶତ ଥିବାବେଳେ ଭାରତରେ ଏହା ୧୮.୪ ପ୍ରତିଶତ ରହିଛି। ରାଜ୍ୟରେ ଜନ୍ମ ସମୟରେ ଲିଙ୍ଗ ଅନୁପାତରେ ଉନ୍ନତି ଆଣିବା ଏବଂ ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ସରକାର ପୁଣିଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜନ୍ମ ସମୟର ଲିଙ୍ଗ ଅନୁପାତ(ଏସଆରବି)ର ବିଶ୍ଳେଷଣ ସମୀକ୍ଷାରେ ଯାଜପୁର ସବୁଠାରୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ହୋଇଥିବା ବେଳେ ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧା ସବୁଠାରୁ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଚିହ୍ନଟ ହୋଇଛି। ତେବେ ଏହି ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବା, ଫର୍ମ-ଏଫ୍ ରେକର୍ଡର ଶତପ୍ରତିଶତ ଯାଞ୍ଚ ସୁନିଶ୍ଚିତ କରିବା ଏବଂ ଉକ୍ତ ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନ ଗ୍ରହଣ କରିବାକୁ ନିର୍ଦ୍ଦେଶ ନିଆଯାଇଛି।

ଏଥିସହିତ ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ଉପରେ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବା ସହ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ପିସିପିଏନ୍‌ଡିଟି ଆଇନ୍ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରୀ ବୋର୍ଡ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ମହାଲିଙ୍ଗ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କଠୋର ଯାଞ୍ଚ, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରାଯିବାକୁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ଏବାବଦରେ ସୂଚନାଦାତା ▶ପୃଷ୍ଠା-୧୦

**ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି**

**ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ**

**ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପାଇଁ ସୂଚନାଦାତାଙ୍କୁ ମିଳିବ ୨୫୦୦୦**








# ଦୁଇ ସହକର୍ମୀଙ୍କୁ ଗୁଳି ପରେ ସିଆର୍‌ପିଏଫ୍ ଅଧିକାରୀଙ୍କ ଆତ୍ମହତ୍ୟା

ନାଗାଓଁ, ୪।୮ (ଏଜେନ୍ସି): ଆସମର ନାଗାଓଁ ଜିଲ୍ଲାରେ ଜଣେ ସିଆରପିଏଫ ଅଧିକାରୀ ନିଜର ୨ ଜଣ ସହକର୍ମୀଙ୍କୁ ଗୁଳି କରି ହତ୍ୟା କରିବା ସହ ଅନ୍ୟ ଜଣଙ୍କୁ ଗୁରୁତର ଭାବେ ଆହତ କରି ନିଜେ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ କାଟିମାରି ସ୍ଥିତ ୩୪ ବାଟାଲିୟନ କ୍ୟାମ୍ପରେ ଏହି ଘଟଣା ଘଟିଛି। ପୁଲିସ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବାସିନ୍ଦା ଏଏସଆଇ ବଲ୍ଲାନି ପ୍ରେମାବରମ ମୁଖ୍ୟ ଫାଟକରେ ଡ୍ୟୁଟି କରୁଥିବା ସମୟରେ ଗାର୍ଡ ରୁମ୍‌ରୁ ଏକ ରାଇଫଲ୍ ନେଇ ହଠାତ ଗୁଳି ଚଳାଇଥିଲେ। ପ୍ରେମାବରମ ପ୍ରଥମେ ହାବିଲଦାର ବିଷ୍ଣୁ ପ୍ରସାଦ ବାଘେଲଙ୍କୁ ଗୁଳି କରିଥିଲେ। ଏଥିରେ ବିଷ୍ଣୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାପରେ ସେ ଏସଆଇ ରାମନୱାଲ ସିଂ ଯାଦବଙ୍କ ଉପରକୁ ଗୁଳି ଚଳାଇଥିଲେ। ଯାଦବ ମଧ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଏହି ଗୁଳିକାଣ୍ଡରେ ଅନ୍ୟ ଜଣେ ଅଧିକାରୀ ଏଏସଆଇ ମାନେ ଗୋବିନ୍ଦ ଶ୍ରୀପୁଲ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଗୌହାଟୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ନିଜ ସହକର୍ମୀଙ୍କୁ ଗୁଳି କରିବା ପରେ ପ୍ରେମାବରମ ନିଜେ ବାରାକ ଭିତରକୁ ଯାଇ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ନାଗାଓଁ ବରିଷ୍ଠ ପୁଲିସ ଅଧୀକ୍ଷକ ପାର୍ଥ ପ୍ରତିମ ଦାସ ଏବଂ ଡିଏସପି ପାରମିତା ସରକାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସିଆରପିଏଫ ଏବଂ ପୁଲିସର ବରିଷ୍ଠ ଅଧିକାରୀମାନେ ଏହି ଅଭାବନୀୟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମଙ୍କୁ 'ବିକ୍ରମ ସାରାଭାଇ' ସମ୍ମାନ


ଫ୍ଲୋରେନ୍ସ, ୪।୮ (ଏଜେନ୍ସି): ବେଙ୍ଗାଲୁରୁ ସ୍ଥିତ ଭାରତୀୟ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏ)ର ନିର୍ଦ୍ଦେଶିକା ପ୍ରଫେସର ସୁବ୍ରମଣ୍ୟମଙ୍କୁ ମହାକାଶ ଗବେଷଣାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନଜନକ 'କୋସପାର୍ ବିକ୍ରମ ସାରାଭାଇ ପଦକ-୨୦୨୬'ରେ ସମ୍ମାନିତ କରାଯାଇଛି। ଇଟାଲୀର ଫ୍ଲୋରେନ୍ସଠାରେ ଆୟୋଜିତ ୪୬ତମ କୋସପାର୍ ସାଧାରଣ ପରିଷଦ ଅଧିବେଶନରେ ତାଙ୍କୁ ଏହି ପଦକ ପ୍ରଦାନ



କରାଯାଇଥିଲା। ବିକାଶଶୀଳ ଦେଶଗୁଡ଼ିକରେ ମହାକାଶ ଗବେଷଣାକୁ ଉତ୍ସାହିତ କରିବା ଏବଂ ଏଥିରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ତାଙ୍କୁ ଏହି ବିରଳ ସମ୍ମାନ ମିଳିଛି। ଏହି ସମ୍ମାନଜନକ ପଦକ ହାସଲ କରିବାରେ ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମ ହେଉଛନ୍ତି ଭାରତର ପ୍ରଥମ ମହିଳା ବୈଜ୍ଞାନିକ ଏବଂ ଚତୁର୍ଥ ଭାରତୀୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ କମିଟି ଅନ୍ ସ୍ପେସ୍ ରିସର୍ଚ୍ଚ (କୋସ୍‌ପାର୍)ର ମିଳିତ ସହଯୋଗରେ ମହାନ ବୈଜ୍ଞାନିକ ବିକ୍ରମ ସାରାଭାଇଙ୍କ ସ୍ମୃତିରେ ପ୍ରତି ଦୁଇ ବର୍ଷରେ ଥରେ ଏହି ପଦକ ପ୍ରଦାନ କରାଯାଇଥାଏ। ପ୍ରଫେସର ସୁବ୍ରମଣ୍ୟମଙ୍କ ଷ୍ଟେଲାର ପପୁଲେସନ୍ସ, ବ୍ଲୁ ଷ୍ଟ୍ରାଗଲର୍ ଷ୍ଟାର୍ସ, ୟୁଭିଆଇଟି/ଆଷ୍ଟ୍ରୋସାଟ୍ ଏବଂ ଭବିଷ୍ୟତର ଟେଲିସ୍କୋପ୍ ଉପରେ ଗବେଷଣା ପାଇଁ ଏହି ସ୍ୱୀକୃତି ମିଳିଛି।

## ବିଶିଷ୍ଟ ଶିକ୍ଷାବିତ୍ ଡିୱାଇ ପାଟିଲଙ୍କ ପରଲୋକ

କୋହ୍ଲାପୁର, ୪।୮ (ଏଜେନ୍ସି): ବିଶିଷ୍ଟ କଂଗ୍ରେସ ନେତା, ଜଣାଶୁଣା ଶିକ୍ଷାବିତ୍ ଏବଂ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ମହାରାଷ୍ଟ୍ରର



କୋହ୍ଲାପୁରସ୍ଥିତ ନିଜ ବାସଭବନରେ ଦୀର୍ଘ ଦିନର ଅସୁସ୍ଥତା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପାଟିଲ ଜଣେ ଦକ୍ଷ ରାଜନୀତିଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ତ୍ରିପୁରା ଏବଂ ବିହାରର ରାଜ୍ୟପାଳ ଭାବରେ ସେବା କରିବା ସହିତ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇଥିଲେ। ତାଙ୍କର ରାଜନୈତିକ ଜୀବନ କୋହ୍ଲାପୁରରୁ ଆରମ୍ଭ ହୋଇଥିଲା। ସେଠାରେ ସେ ୧୯୬୭ ରୁ ୧୯୭୮ ପର୍ଯ୍ୟନ୍ତ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ରାଜନୀତି ବ୍ୟତୀତ ଶିକ୍ଷା ଜଗତରେ ତାଙ୍କର ଅବଦାନ ଅତୁଳନୀୟ। ସେ ମହାରାଷ୍ଟ୍ରରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଆଜି ଶିକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ଜଣାଶୁଣା। ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ୧୯୯୧ରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଅଲ୍ ଜଜିରା ଉପରେ କଟକଣା

ଇସଲାମାବାଦ, ୪।୮ (ଏଜେନ୍ସି): ପାକିସ୍ତାନ ସରକାର ଅନ୍ତର୍ଜାତୀୟ ସମ୍ବାଦ ସଂସ୍ଥା ଅଲ୍ ଜଜିରା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାକୁ ଦେଶରେ ନିଷିଦ୍ଧ କରିଛନ୍ତି। ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଚାଲିଥିବା ସରକାରୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ପ୍ରସାରଣ କରିବା ପରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ପାକିସ୍ତାନ ପ୍ରଶାସନ ପକ୍ଷରୁ ଅଲ୍ ଜଜିରା ଉପରେ 'କାମଳ ସାମ୍ବାଦିକତା' ବା ନିମ୍ନମାନର ଏବଂ ଭ୍ରାନ୍ତ ଖବର ପରିବେଷଣର ଗୁରୁତର ଅଭିଯୋଗ କରାଯାଇଛି। ବିଶେଷ କରି ପିଓକେ ଅଞ୍ଚଳରେ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ନେଇ ଚ୍ୟାନେଲ୍ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ଭିତ୍ତିହୀନ ଦର୍ଶାଇ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି। ଏହି ଘଟଣା ପରେ ଅନ୍ତର୍ଜାତୀୟ ସ୍ତରରେ ଗଣମାଧମର ସ୍ୱାଧୀନତାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ପାକିସ୍ତାନର ଏହି ପଦକ୍ଷେପକୁ ସମାଲୋଚକମାନେ ସ୍ୱର ଚାପିଦେବାର ଏକ ପ୍ରୟାସ ବୋଲି ଅଭିହିତ କରିଛନ୍ତି।

### ଏୟାର ଇଣ୍ଡିଆ ବିମାନରେ ଭୟଙ୍କର ଝଟ୍‌କା

# ୩୦୦ ଫୁଟ୍ ତଳକୁ ଖସିଲା ବିମାନ, ୧୨ ଯାତ୍ରୀ ଆହତ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଥାଇଲ୍ୟାଣ୍ଡର ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ମଝି ଆକାଶରେ ପ୍ରବଳ ବାୟୁ ଅସ୍ଥିରତା ବା 'ଟର୍ବୁଲେନ୍ସ'ର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ୧୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏୟାରବସ ଏ୩୨୦ ଦ୍ୱାରା ପରିଚାଳିତ ଏଆଇ୨୩୭୯ ବିମାନଟି ଦିଲ୍ଲୀରେ ଅବତରଣ କରିବାର କିଛି ସମୟ ପୂର୍ବରୁ ଏହି ଅଘଟଣ ଘଟିଥିଲା। ବିଭିନ୍ନ ରିପୋର୍ଟ ଏବଂ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ 'ଫ୍ଲାଇଟ୍‌ରାଡାର୍ ୨୪'ର ତଥ୍ୟ ଅନୁଯାୟୀ, ଉକ୍ତ ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିଯାଇଥିଲା। ଜଣେ ଯାତ୍ରୀଙ୍କ ଅନୁଯାୟୀ, ଯାତ୍ରା ଆରମ୍ଭର ପ୍ରାୟ ଦେଢ଼ ଘଣ୍ଟା ପରେ ହଠାତ୍ ପ୍ରବଳ ଝଟକା ଅନୁଭବ ହୋଇଥିଲା। ବିମାନଟି ପ୍ରାୟ ୨ ରୁ ୩ ମିନିଟ୍ ପର୍ଯ୍ୟନ୍ତ ଭୟଙ୍କର ଭାବେ ଦୋହଲିବାକୁ ଲାଗିଥିଲା। ଏହାସହ ତଳକୁ ଖସିବାରେ ଲାଗିଥିଲା। ଯାହା ଫଳରେ ଅନେକ ଯାତ୍ରୀ ଆହତ ହୋଇଥିଲେ। ଜାତୀୟ ରାଜଧାନୀରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ଆହତ ଯାତ୍ରୀମାନଙ୍କୁ ତୁରନ୍ତ ବିମାନବନ୍ଦରରେ ଥିବା ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ଏୟାର ଇଣ୍ଡିଆର ଜଣେ ପ୍ରବକ୍ତା କହିଛନ୍ତି ଯେ, ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକତା ଏବଂ ସେମାନେ ପ୍ରଭାବିତ ବ୍ୟକ୍ତିଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି। ଏଥିସହ ଏହି ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାର କିଛି ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏଥିରେ ଦେଖିବାକୁ ମିଳୁଛି ଯେ, ଝଟକା ଏତେ ପ୍ରବଳ ଥିଲା ଯେ ବିମାନ କ୍ୟାବିନର ଉପର ଭାଗ ବା ସିଲିଂରେ ଫାଟ ସୃଷ୍ଟି ହୋଇଛି। ଜଣେ ଯାତ୍ରୀ ଦାବି କରିଛନ୍ତି ଯେ ବିମାନରେ ଥିବା ପ୍ରାୟ ୧୫-୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି ଏବଂ ଏଥିପାଇଁ ସେ ଏୟାର ଇଣ୍ଡିଆ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ବିଚାର କରୁଛନ୍ତି।



# ଇରାନକୁ ଟ୍ରମ୍ପଙ୍କ 'ଶେଷ ସୁଯୋଗ' ଧମକ

## କୂଟନୈତିକ ସମାଧାନ ନହେଲେ ସାମରିକ ଆକ୍ରମଣ

ୱାସିଂଟନ୍, ୪।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କୂଟନୈତିକ ବୁଝାମଣା କରିବାକୁ 'ଶେଷ ସୁଯୋଗ' ଦେଇଥିବା କହି ସତର୍କ କରାଇଛନ୍ତି। ଏକ ବଡ଼ ଧରଣର ସାମରିକ ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିବା ପରେ ସେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯଦି ଏହି ପର୍ଯ୍ୟାୟରେ କୌଣସି ବୁଝାମଣା ସ୍ୱାକ୍ଷର ନହୁଏ, ତେବେ ଏହା ଇରାନ ପାଇଁ ଚୂଡ଼ାନ୍ତ ସୁଯୋଗ ବୋଲି ବିବେଚନା କରାଯିବ। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ ପ୍ରକାଶ କରିଛନ୍ତି ଯେ, ଆମେରିକା ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ଏହି ଆକ୍ରମଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସବୁଠାରୁ ଭୟଙ୍କର ହୋଇଥାନ୍ତା। କିନ୍ତୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କାତାର ଏବଂ ଇରାନ ପକ୍ଷରୁ କୂଟନୈତିକ ଆଲୋଚନା ପାଇଁ ଅନୁରୋଧ ଆସିବା ପରେ ଏହି ସୈନ୍ୟ କାର୍ଯ୍ୟାନୁଷ୍ଠାନକୁ ରୋକାଯାଇଛି।



ଟ୍ରମ୍ପଙ୍କ ଦାବି ଅନୁଯାୟୀ, ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ଇରାନର ସମ୍ପୂର୍ଣ୍ଣ ପରମାଣୁ ନିରସ୍ତ୍ରୀକରଣ ହିଁ ଆଲୋଚନାର ମୁଖ୍ୟ ବିଷୟ ହେବା ଆବଶ୍ୟକ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କେବେ ବି ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ଯଦିଓ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନର ଅନୁରୋଧ କ୍ରମେ ଆଲୋଚନା ଜାରି ରହିଛି, କିନ୍ତୁ ଇରାନ ଏହାକୁ ଅସ୍ୱୀକାର କରିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ ଆମେରିକା ସହ କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହେଉନାହିଁ। ଅନ୍ୟପଟେ ଟ୍ରମ୍ପ ଇରାନ ନେତୃତ୍ୱକୁ ଅତ୍ୟଧିକ ଛଳନାକାରୀ ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଇରାନ ଅଧିକାରୀମାନେ ଆମେରିକା ପ୍ରତିନିଧିଙ୍କ ସହ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିଲେ ମଧ ସର୍ବସାଧାରଣରେ ଏହାକୁ ଅସ୍ୱୀକାର କରୁଛନ୍ତି। ବର୍ତ୍ତମାନ ବିଶ୍ୱ ସମୁଦାୟର ନଜର ହର୍ମୁଜ୍ ଉପରେ ରହିଛି, ଯାହା ଆଗାମୀ ଦିନକ ମଧ୍ୟରେ ଖୋଲିପାରେ ବୋଲି ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ଯଦି ଏହି କୂଟନୈତିକ ପ୍ରୟାସ ବିଫଳ ହୁଏ, ତେବେ ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କା ସୃଷ୍ଟି ହୋଇଛି।

# ପଞ୍ଜାବରେ ଆଇଏସ୍‌ଆଇ ଆତଙ୍କବାଦୀ ନେଟ୍‌ୱାର୍କ

ଅମୃତସର, ୪।୮ (ଏଜେନ୍ସି): ପଞ୍ଜାବ ପୁଲିସ ୨ଟି ଆଇଏସ୍‌ଆଇ ସମର୍ଥିତ ସୀମାପାର ଆତଙ୍କବାଦୀ ନେଟ୍‌ୱର୍କକୁ ଧରିବାରେ ସଫଳ ହୋଇଛି। ଏହି ଅପରେସନରେ ପୁଲିସ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ସେମାନେ ନିଯୁକ୍ତି, ଗୁପ୍ତଚର କାମ ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା କାର୍ଯ୍ୟରେ ସାମିଲ ଥିଲେ। ପଞ୍ଜାବର ପୁଲିସ ମହାନିର୍ଦ୍ଦେଶକ ସାମାଜିକ ଗଣମାଧମରେ ଏନେଇ ସୂଚନା ଦେଇଛନ୍ତି। ଏଥିରେ ବିଦେଶୀ ସହାୟତା ରହିଥିବା ସେ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୩ଟି ବେଆଇନ ପିସ୍ତଲ, ୪ଟି ପେଟ୍ରୋଲ ବୋମା ଏବଂ ୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଅଭିଯୁକ୍ତମାନେ ବିଦେଶରେ ରହୁଥିବା ଆଇଏସ୍‌ଆଇ ହ୍ୟାଣ୍ଡଲର୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ସ୍ଥାନୀୟ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ କରିବା, ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ରେଳ ଧାରଣା ନିକଟରେ ସିସିଟିଭି କ୍ୟାମେରା ଲଗାଇ ସେହି ଫୁଟେଜ୍‌କୁ ବିଦେଶୀ ହ୍ୟାଣ୍ଡଲର୍‌ମାନଙ୍କ ସହ ସେୟାର କରୁଥିଲେ। ପୁଲିସ ବର୍ତ୍ତମାନ ଏହି ନେଟୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କର ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପର୍କ ବିଷୟରେ ଅଧିକ ଖୋଳତାଡ଼ ଜାରି ରଖିଛି।



୪ ନାବାଳକଙ୍କ ସମେତ ୯ ଗିରଫ

# ଝାଡ଼ଖଣ୍ଡରେ ବି ଜେନ୍-ଜି ଆନ୍ଦୋଳନ ଜୋର ଧରିଲା

ରାଞ୍ଚି, ୪।୮ (ଏଜେନ୍ସି): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଛାତ୍ର ଆନ୍ଦୋଳନ ଏକ ନୂଆ ମୋଡ଼ ନେଇଛି। ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରି ଯୁବ ଛାତ୍ର ନେତା ଦେବେନ୍ଦ୍ର ନାଥ ମାହାତୋ ବର୍ତ୍ତମାନ ଆନ୍ଦୋଳନର ମୁଖ୍ୟ ଚେହେରା ଭାବେ ଉଭା ହୋଇଛନ୍ତି। ରାଞ୍ଚିର ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ହଜାର ହଜାର ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବା ବେଳେ ମାହାତୋ ରବିବାର ରାତିରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ

**ଛାତ୍ର ଆନ୍ଦୋଳନର ନୂଆ ଚେହେରା ଦେବେନ୍ଦ୍ର ନାଥ ମାହାତୋଙ୍କ ଆମରଣ ଅନଶନ**

ଅନଶନ ଆରମ୍ଭ କରିଛନ୍ତି। ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ଏବଂ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜେପିଏସ୍‌ସି ସିଭିଲ ସେବା ପ୍ରାରମ୍ଭିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏହି ବିବାଦ ତେଜିଛି। ଦେବେନ୍ଦ୍ର ନାଥ ମାହାତୋ ଏହି ଘଟଣାର ସିବିଆଇ ଏବଂ ଇଡି ଦ୍ୱାରା ତଦନ୍ତ କରାଯିବା ସହ ସ୍ୱଚ୍ଛତା ନ ଆସିବା ପର୍ଯ୍ୟନ୍ତ ପରୀକ୍ଷାକୁ ବାତିଲ କରିବା ପାଇଁ ଦାବି କରିଛନ୍ତି। ମାହାତୋଙ୍କ ଅନୁଯାୟୀ, ଅଧିକାରୀମାନଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆ ନଯିବାରୁ ସେମାନଙ୍କ ପାଖରେ ଅନଶନ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା। ରାଞ୍ଚିର ଏକ ଗ୍ରାମାଞ୍ଚଳରୁ ଆସିଥିବା ମାହାତୋ ଜଣେ ଉଚ୍ଚଶିକ୍ଷିତ ଯୁବକ। ସେ ସଂସ୍କୃତ ଏବଂ କୁଡ଼ମାଲି ଭାଷାରେ ସ୍ନାତକୋତ୍ତର କରିବା ସହ ବିଇଡି ମଧ କରିଛନ୍ତି। ୨୦୧୫ରୁ ସେ ବିଭିନ୍ନ ଛାତ୍ର ସମସ୍ୟା, ଯଥା- ପ୍ରଶ୍ନପତ୍ର ଲିକ ଓ ନିଯୁକ୍ତି ନିୟମାବଳୀକୁ ନେଇ ସଂଗ୍ରାମ ଜାରି ରଖିଛନ୍ତି। ଏପରିକି ୨୦୨୪ ବିଧାନସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା ମଧ କରିଥିଲେ। ତାଙ୍କର ଏହି ନିର୍ଭୀକ ପଦକ୍ଷେପ ପାଇଁ ଅନେକ ତାଙ୍କୁ ସୋନମ ୱାଙ୍ଗଚୁକଙ୍କ ସହ ତୁଳନା କରି 'ୱାଙ୍ଗଚୁକ ୨.୦' ବୋଲି କୁହାଯାଉଛି। ଏହି ଆନ୍ଦୋଳନକୁ ବର୍ତ୍ତମାନ ବିଭିନ୍ନ ମହଲରୁ ସମର୍ଥନ ମିଳିବାରେ ଲାଗିଛି। 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପକେ ମାହାତୋଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।




## ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୮ ୭କୁ ବୃଦ୍ଧି

ଗୁଆହାଟୀ, ୪।୮ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଅତି ଗୁରୁତର ହେବାରେ ଲାଗିଛି। ରାଜ୍ୟରେ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୮ ୭ରେ ପହଞ୍ଚିଥିବା ବେଳେ ପ୍ରାୟ ୧.୩ ଲକ୍ଷ ଲୋକ ଏବେ ମଧ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଗତ ୨୪ ଘଣ୍ଟାରେ ଶିବସାଗର ଜିଲ୍ଲାରୁ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟର ଅଧିକାଂଶ ଅଞ୍ଚଳରୁ ବନ୍ୟା ଜଳ ଧୀରେ ଧୀରେ ହ୍ରାସ ପାଉଥିଲେ ହେଁ, ୬ଟି ଜିଲ୍ଲାରେ ପ୍ରାୟ ୧, ୨୮, ୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶିବସାଗର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ପ୍ରାୟ ୫୫, ୦୦୦ ଗୃହପାଳିତ ପଶୁ ବନ୍ୟା ଜଳରେ ଭାସି ଯାଇଥିବା ବେଳେ ଅନ୍ୟ ୩୫, ୦୦୦ ପଶୁ ପ୍ରଭାବିତ ହୋଇଛନ୍ତି। ନୁମାଲିଗଡ଼ଠାରେ ଧନଶିରି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏକ ନୂତନ ଚେତାବନୀ ଜାରି କରିଛି। ପଡୋଶୀ ରାଜ୍ୟ ଅରୁଣାଚଳ ପ୍ରଦେଶ ଏବଂ ମେଘାଳୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ରେଡ୍ ଏବଂ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାର ପ୍ରଭାବ ଆସାମର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପଡ଼ିବାର ଆଶଙ୍କା ରହିଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ରିଲିଫ୍ କାର୍ଯ୍ୟ ଜାରି ରହିଛି।

# ସଂସଦରେ ପ୍ରବଳ ହଟ୍ଟଗୋଳ ଜାରି




ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନରେ ମଙ୍ଗଳବାର ମଧ ଶାସକ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ନିଟ୍ ପ୍ରଶ୍ନପତ୍ର ଲିକ, ଅଯୋଧା ରାମ ମନ୍ଦିର ଚାନ୍ଦା ଆତ୍ମସାତ ଏବଂ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ମଧ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଲୋକସଭା ଓ ରାଜ୍ୟସଭା ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ବିଜେପି ପକ୍ଷରୁ ବିରୋଧୀ ଦଳଗୁଡ଼ିକ ଉପରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଅଣାଯାଇଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ସାଂସଦ ସମ୍ବିତ ପାତ୍ର କହିଛନ୍ତି ଯେ, କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ଜାଣିଶୁଣି ଗୃହର କାର୍ଯ୍ୟଧାରାରେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଜନସାଧାରଣଙ୍କ ପ୍ରସଙ୍ଗରେ ଆଲୋଚନା ହୋଇପାରୁ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତି ଅଧିବେଶନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ପ୍ରଶ୍ନକାଳ ଏବଂ ଶୂନ୍ୟକାଳକୁ ଚାଲିବାକୁ ଦିଆଯାଉ ନାହିଁ। ତେବେ ଆଜି ମଧ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଭଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦମାନେ ସଂସଦ ପରିସରରେ ପ୍ରତିବାଦ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଅଯୋଧା ରାମ ମନ୍ଦିର ଚାନ୍ଦା ଚୋରି ଅଭିଯୋଗ ଏବଂ ଛାତ୍ରମାନଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିବୃତ୍ତି ଦାବି କରିଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ

**ରାଜ୍ୟସଭାରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ବିଲ୍ ପାରିତ**

ଖଡଗେ କହିଛନ୍ତି ଯେ ରାମ ଜନ୍ମଭୂମି ଟ୍ରଷ୍ଟ ଏବଂ ଛାତ୍ରଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ଅନୁମତି ଦେବା ଉଚିତ।

ଏହି ହଟ୍ଟଗୋଳ ମଧ୍ୟରେ ମଧ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇଛନ୍ତି। ରାଜ୍ୟସଭାରେ 'ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ବିଲ୍, ୨୦୨୬' ବାଚନିକ ଭୋଟ୍‌ରେ ପାରିତ ହୋଇଛି। ଏହି ନୂତନ ବିଲ୍ ଅନୁଯାୟୀ, ୨ ବର୍ଷରୁ ଅଧିକ ବିଳମ୍ବରେ ଜନ୍ମ ବା ମୃତ୍ୟୁ ପଞ୍ଜିକରଣ କରିବା ପାଇଁ ଫାଷ୍ଟ କ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଆଦେଶ ଆବଶ୍ୟକ ହେବ। ଫଳରେ ଡେରିରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ କଠୋର ହେବ। ଏଥିସହ ଲୋକସଭାରେ 'ବିନିଯୋଗ ବିଲ୍' ପାରିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ 'ଟିକସ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬' ଆଗତ କରିଛନ୍ତି।




## ପଞ୍ଜାବ ବିଧାନସଭାରେ ଇ-୨୦ ପେଟ୍ରୋଲ୍ ବିରୋଧୀ ପ୍ରସ୍ତାବ ପାରିତ

ଚଣ୍ଡିଗଡ଼, ୪।୮ (ଏଜେନ୍ସି): ପଞ୍ଜାବ ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ଇ୨୦ ପେଟ୍ରୋଲ୍ ପ୍ରଚଳନ ବିରୋଧରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଶାସକ ଦଳ ପକ୍ଷରୁ ଆଗତ ପ୍ରସ୍ତାବକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇବା ସହ ଏହି ବାଧ୍ୟତାମୂଳକ ନୀତିକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ, ପୁରୁଣା ମଡେଲର ଦୁଇ ଚକିଆ, ଚାରି ଚକିଆ ଏବଂ କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଉପରେ ଇ୨୦ ପେଟ୍ରୋଲର କୁପ୍ରଭାବ ପଡୁଛି। ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି ଯେ ଏହି ମିଶ୍ରିତ ଇନ୍ଧନ ଦ୍ୱାରା ଇଞ୍ଜିନ ଶୀଘ୍ର ଖରାପ ହେବା ସହ ଏହାର କାର୍ଯ୍ୟକ୍ଷମତା ହ୍ରାସ ପାଉଛି। ଏହା ସାଧାରଣ ଜନତା ଏବଂ ଚାଷୀଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରୁଛି। ପଞ୍ଜାବ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏଠାକାର ଗ୍ରାମୀଣ ଅର୍ଥନୀତି ପୁରୁଣା ପେଟ୍ରୋଲ୍ ଚାଳିତ ପମ୍ପ ସେଟ୍ ଏବଂ ହାଲୁକା ପରିବହନ ଗାଡ଼ି ଉପରେ ନିର୍ଭରଶୀଳ। ପେଟ୍ରୋଲ୍ ପମ୍ପଗୁଡ଼ିକରେ ବିନା ମିଶ୍ରିତ ପେଟ୍ରୋଲର ବିକଳ୍ପ ନ ଥିବାରୁ ନିମ୍ନ ଆୟକାରୀ ପରିବାର ଏବଂ ଚାଷୀ ଗାଡ଼ିର ମରାମତି ଓ ପରିବର୍ତ୍ତନ ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି।

## ମସ୍କୋ ଗୋଦାମରେ ବିସ୍ଫୋରଣ, ୫ ମୃତ

ମସ୍କୋ, ୪।୮ (ଏଜେନ୍ସି): ମସ୍କୋ ନିକଟବର୍ତ୍ତୀ ଏକ ଗୋଦାମ ଗୃହ ଉପରେ ସୋମବାର ରାତିରେ ୟୁକ୍ରେନ ପକ୍ଷରୁ କରାଯାଇଥିବା ଡ୍ରୋନ୍ ମାଡ କରାଯାଇଛି। ଏହି ଆକ୍ରମଣରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ରୁଷର ଆଞ୍ଚଳିକ ଗଭର୍ଣ୍ଣର ଆନ୍ଦ୍ରେଇ ଭୋରୋବିୟୋଭଙ୍କ ଅନୁସାରେ, କ୍ରେମଲିନଠାରୁ ପ୍ରାୟ ୬୯ କିଲୋମିଟର ଦୂରରେ ଥିବା ନୋଭୋସେଲକି ଅଞ୍ଚଳର ଏକ ଶିଳ୍ପାଞ୍ଚଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା। ଏହି ଡ୍ରୋନ୍ ମାଡ଼ ଫଳରେ ଏକ ବିଶାଳ ଗୋଦାମ ଗୃହରେ ଭୟଙ୍କର ନିଆଁ ଲାଗିଯିବା ସହ ନିକଟସ୍ଥ ଏକ ବୈଦ୍ୟୁତିକ ସବଷ୍ଟେସନ ଏବଂ ପ୍ରଶାସନିକ ଭବନ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଏହି ଗୋଦାମ ଗୃହଟି ରୁଷର ପ୍ରସିଦ୍ଧ ଇ-କମର୍ସ ସଂସ୍ଥା ୱାଇଲ୍ଡବେରିଜ୍ ସହ ଜଡିତ, ଯାହାକୁ ରୁଷର ଆମାଜନ ବୋଲି କୁହାଯାଏ। କିଭ୍‌ର ଦାବି ଅନୁଯାୟୀ, ରୁଷୀୟ ସେନାକୁ ସାମଗ୍ରୀ ଯୋଗାଣ ପାଇଁ ଏହି ଡିପୋଗୁଡ଼ିକ ବ୍ୟବହାର କରାଯାଉଛି। କିନ୍ତୁ ମସ୍କୋ ଏହି ଅଭିଯୋଗକୁ ଅସ୍ୱୀକାର କରିଛି।

**ଗଞ୍ଜାମ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

# ମା' କନ୍ଧୁଣୀ ଦେବୀଙ୍କ ପୀଠରେ କଲେ ପୂଜାର୍ଚ୍ଚନା



ବ୍ରହ୍ମପୁର/ସାନଖେମୁଣ୍ଡି,୪।୮ (ସମିସ): ଦୁଇଦିନିଆ ଗଞ୍ଜାମ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭୁବନେଶ୍ୱରରୁ ରେଳ ଯୋଗେ ସେ ବ୍ରହ୍ମପୁର ପହଞ୍ଚିବା ପରେ ତପ୍ତପାଣି ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତପ୍ତପାଣିରେ ପହଞ୍ଚି ସେ କାନ୍ଧୁଣୀ ଦେବୀ ଓ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କୁମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ଅବସରରେ ପବିତ୍ର ତପ୍ତପାଣି ଆଜି ରଙ୍ଗ, ରାଗ, ତାଳ ଓ ପରମ୍ପରାର ଏକ ଅପୂର୍ବ ସମାଗମର ସାକ୍ଷୀ ପାଲଟିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକ କଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା, ଆଦିମ ବାଦ୍ୟଯନ୍ତ୍ର ଏବଂ ମନୋମୁଗ୍ଧକର ଲୋକନୃତ୍ୟ ପରିବେଷଣ କରି ଗଞ୍ଜାମର ସମୃଦ୍ଧ ସାଂସ୍କୃତିକ ବୈଭବକୁ ଦେଶର ପ୍ରଥମ ନାଗରିକଙ୍କ ସମ୍ମୁଖରେ ଗୌରବର ସହ ଉପସ୍ଥାପନ କରିଥିଲେ। ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇ ଉଠିଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ ରାଷ୍ଟ୍ରପତି। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ।

ଏହାପୂର୍ବରୁ ବ୍ରହ୍ମପୁର ରେଳ ଷ୍ଟେସନରୁ କଡ଼ା ସୁରକ୍ଷା ବଳରେ ତପ୍ତପାଣି ଗସ୍ତବେଳେ ଆମ୍ବ ବଜାର ନିକଟ ମିନାକ୍ଷୀ ନଗର ସ୍ଥିତ ମହାମାୟୀ ମହାବିଦ୍ୟାଳୟର ଛାତ୍ରୀମାନେ ହାତରେ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ। ଏହାକୁ ଦେଖି ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ଗାଡ଼ି ଅଟକାଇବା ସହ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ ଚକୋଲେଟ ଦେଇଥିଲେ। ଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ପଚାରି ବୁଝିବା ପରେ ସିଧା ତପ୍ତପାଣି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

# କମିଲା ବନ୍ୟା ପ୍ରକୋପ; ଉଜୁଡ଼ିଗଲା ପରିବା ଚାଷ

## ଫସଲହାନୀ ଚାଷୀଙ୍କ ଜୀବନଜୀବିକାକୁ ବିପର୍ଯ୍ୟସ୍ତ କରିଦେଇଛି

ଭଦ୍ରକ,୪।୮ (ଉମାକଲ୍ୟାଣ ମହାପାତ୍ର):





ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ପ୍ରକୋପ ଥମିଛି। ସବୁ ନଦୀର ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ହେଲେ ବନ୍ୟା ଉଜାଡ଼ି ଦେଇଛି ପରିବା ଚାଷ। ଭଦ୍ରକ ଜିଲ୍ଲାରେ ବନ୍ୟା ଯୋଗୁଁ ୬ଟି ବ୍ଲକ୍‌ର ୧୧୧ଟି ପଞ୍ଚାୟତ ଅଧୀନ ୨୯୫ଟି ଗାଁର ୨୯୩ ହେକ୍ଟର ପରିବା ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଆଉ ସର୍ବାଧିକ କ୍ଷତି ବନ୍ୟାପ୍ରବଣ ଧାମନଗର ବ୍ଲକ୍‌ରେ ହୋଇଛି। ପ୍ରାୟ ୯୫ ହେକ୍ଟରରୁ ଅଧିକ ପରିବା ଚାଷ ହୋଇଥିବା ଜମି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ହୃଦୟ ରଞ୍ଜନ ଜେନା ସୂଚନା ଦେଇଛନ୍ତି। ବିଶେଷ କରି ବନ୍ୟା ଯୋଗୁଁ ବାଇଗଣ, କଲରା, କାକୁଡ଼ି, ଲଙ୍କା, କଦଳୀ, ଭେଣ୍ଡି, ଝୁଡ଼ଙ୍ଗ, କଖାରୁ, ପୋଟଳ ଆଦି ବିଭିନ୍ନ ପରିବା ଚାଷ ଦୀର୍ଘ ସମୟ ଧରି ବନ୍ୟା ପାଣିରେ ବୁଡ଼ି ରହିବା ଫଳରେ ସେଗୁଡ଼ିକ ସଡ଼ି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ବନ୍ୟା ଉପୁଜାଇଥିବା ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀ ସହ ଏହାର ଶାଖା ନଦୀରେ ବନ୍ୟା ପାଣି ଏବେ ଧୀରେ ଧୀରେ କମିବାରେ ଲାଗିଛି। ବନ୍ୟା ବିପଦରୁ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ ମଧ୍ୟ ଏବେ ଉଜୁଡ଼ି ଯାଇଥିବା ଚାଷ ଜମିକୁ ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବନ୍ୟା ପାଣି ଛାଡ଼ିବା ପରେ ଚାଷୀଙ୍କ ଅସଲ ଦୁଃଖ ସାମ୍ନାକୁ ଆସିଛି। ପରିବା ଚାଷ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ଚାଷୀ ଏବେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଭଦ୍ରକ ଜିଲ୍ଲାର ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ ଓ ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ୨୯୫ଟି ଗାଁର ୨୯୩ ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ଚାଷ ବନ୍ୟା ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ଷସାରା ଏହି ପରିବା ବିକ୍ରି କରି ପରିବାର ଚଳାଉଥିବା ଚାଷୀମାନେ ଏବେ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସେମାନଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ଧାମନଗର ବ୍ଲକ୍ ଅଞ୍ଚଳରେ ବନ୍ୟା ଯୋଗୁଁ ସର୍ବାଧିକ ୯୫ ହେକ୍ଟର ପରିବା ଚାଷ ନଷ୍ଟ ହୋଇଛି। ସେହିଭଳି ଭଦ୍ରକ ବ୍ଲକ୍ ଅଞ୍ଚଳରେ ବନ୍ୟା ଯୋଗୁଁ ୬୦ରୁ ୬୨ ହେକ୍ଟର ଜମିରେ ପନିପରିବା ଚାଷ ନଷ୍ଟ ହୋଇଛି। ବାସୁଦେବପୁର ବ୍ଲକ୍‌ରେ ୨୫ ହେକ୍ଟର

**■ ୧୧୧ ପଞ୍ଚାୟତ ଅଧୀନ ୨୯୫ ଗାଁର ୨୯୩ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ**
**■ ଧାମନଗର ବ୍ଲକ୍‌ରେ ସର୍ବାଧିକ ୯୫ ହେକ୍ଟର ଜମିରେ ପରିବା ଚାଷ ନଷ୍ଟ**

ଜମିରେ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାନ୍ଦବାଲି ବ୍ଲକ୍‌ରେ ୫୧ ହେକ୍ଟର ଜମି, ଭଣ୍ଡାରିପୋଖରୀ ବ୍ଲକ୍‌ରେ ୪୦ ହେକ୍ଟର ଜମିରେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ କରିଛି ବନ୍ୟା। ସେହିଭଳି ତିହିଡ଼ି ବ୍ଲକ୍‌ରେ ବନ୍ୟା ଯୋଗୁଁ ୨୦ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରାକ୍ କ୍ଷୟକ୍ଷତି ଆକଳନ ଗତ ୨ ତାରିଖ ସୁଦ୍ଧା କରାଯାଇଥିବା ବେଳେ ଏବେ ଏହି କ୍ଷତି ପରିମାଣ ଅଧିକ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି।

ଅଧିକ ଭାବେ ବନ୍ୟା କବଳିତ ଜିଲ୍ଲାର ଧାମନଗର ବ୍ଲକ୍ କରଦା ପଞ୍ଚାୟତ ତେନ୍ତୁଳିଗାଁ ଅଞ୍ଚଳର ଚାଷୀ ମଧୁସୂଦନ ସାହୁ ଜଣେ ବଡ଼ ପରିବା ଚାଷୀ। ସେ ତାଙ୍କ ଦେଢ଼ ଏକରରୁ ଅଧିକ ଜମିରେ କାକୁଡ଼ି ଓ କଦଳୀ ଚାଷ କରିଥିଲେ। ତେବେ ବନ୍ୟା ଯୋଗୁଁ ତାଙ୍କ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ସେ ଏହି ଚିନ୍ତାରେ ଏବେ ଭାଙ୍ଗି ପଡ଼ିଛନ୍ତି। ଧାମନଗର ସୋହଡ଼ା ପଞ୍ଚାୟତ ଅଧୀନ ବାଲିପଦା ଗାଁର ଅଶୋକ ନାୟକ ତାଙ୍କ ଜମିରେ ବିପୁଳ ସଂଖ୍ୟାରେ ଅମୃତଭଣ୍ଡା ଚାଷ କରିଥିଲେ। ତେବେ ଅମୃତଭଣ୍ଡା ଫଳିବା ପରେ ଅମଳ ହେବା ପୂର୍ବରୁ ବନ୍ୟାଜଳ ତାଙ୍କ ଜମିକୁ କବଳିତ କରି ରଖିବାରୁ ଏହା ପଚିସଢ଼ି ନଷ୍ଟ ହୋଇଥିବା ସେ କହିଛନ୍ତି। ସେହିଭଳି ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତ ବାଲିପଦା ଗାଁର ବଡ଼ ପରିବା ଚାଷୀ ତୁଷାର ପଲାଇ ତାଙ୍କ ୨ ଏକର କ୍ଷେତରେ ବାଇଗଣ ଚାଷ କରିଥିଲେ। ବନ୍ୟା ଯୋଗୁଁ ସମ୍ପୂର୍ଣ୍ଣ ତାଙ୍କ ପରିବା ଚାଷ ନଷ୍ଟ ହୋଇଯାଇଛି। ଭଦ୍ରକ ବ୍ଲକ୍ ଅର୍ଣ୍ଣପାଳ ପଞ୍ଚାୟତ ରାଜୁଆଳିବିନ୍ଧାରେ ଚାଷୀମାନେ ପନିପରିବା ଚାଷ କରି ମୁଖ୍ୟତଃ ପରିବାର ପ୍ରତିପୋଷଣ କରିଥା'ନ୍ତି। ହେଲେ ସାଳନ୍ଦୀ ଓ ନାଳିଆ ନଦୀରେ ଆସିଥିବା ବନ୍ୟା ପାଣି ଭସାଇ ଦେଇଛି ସେମାନଙ୍କ ଚାଷ ଓ ରୋଜଗାର। ଏହି ଗାଁର ରବୀନ୍ଦ୍ର ମହାଳିକ ଓ ନରେନ୍ଦ୍ର ମହାଳିକ ବାଡ଼ିରେ ଜହ୍ନି, ଭେଣ୍ଡି, ବାଇଗଣ ଓ ଲଙ୍କା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗାଁରେ ବନ୍ୟା ପାଣି ୪ ଫୁଟ୍ ଉଚ୍ଚରେ ଚାଲିଥିବାବେଳେ ଏମାନଙ୍କ ପରିବା ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଫଳରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିଭଳି ଜିଲ୍ଲାର ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ବାସୁଦେବପୁର ବନ୍ୟାଞ୍ଚଳର ଶତାଧିକ ଚାଷୀଙ୍କ ପରିବା ଚାଷକୁ ବନ୍ୟା ଉଜାଡ଼ି ଦେଇଛି।

ପନିପରିବା ଚାଷ କାର୍ଯ୍ୟ ପାଇଁ ଅନେକ ଚାଷୀ ବ୍ୟାଙ୍କ ଓ ବେସରକାରୀ ସଂସ୍ଥାରୁ ଋଣ ନେଇଥିଲେ। ଏବେ ସୁନା ଫସଲ ଉଜୁଡ଼ିଯିବା ପରେ ଋଣ କିପରି ସୁଝିବେ ଏବଂ ପରିବାର କିପରି ଚଳାଇବେ, ସେ ନେଇ ଚାଷୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ବନ୍ୟା ପାଣି ଛାଡ଼ିଥିଲେ ମଧ୍ୟ ଜମିରେ କାଦୁଅ ଏବଂ ବାଲି, ପଟୁମାଟି ଆଦି ଜମି ରହିଥିବାରୁ ତୁରନ୍ତ ପୁନର୍ବାର ଚାଷ କରିବା ମଧ୍ୟ ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ତୁରନ୍ତ ସଠିକ୍ ଆକଳନ କରାଯାଇ ବିପର୍ଯ୍ୟସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ କୃଷି ଇନ୍‌ପୁଟ୍ ସହାୟତା ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବା ପରେ ଏବେ ବଜାରରେ ପରିବାଦର ଆକାଶଛୁଆଁ ହୋଇପଡ଼ିଛି।

**ଆଇନମନ୍ତ୍ରୀଙ୍କ ସହ ରାଜ୍ୟ ଆଇନଜୀବୀ ପରିଷଦର ଆଲୋଚନା**

# ରାଜ୍ୟରେ ପ୍ରତିଷ୍ଠା ହେବ ଆଇନ ଏକାଡେମୀ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ଖୁବଶୀଘ୍ର ଆଇନଜୀବୀମାନଙ୍କ ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା କରାଯିବ। ଏହାସହ ଆଇନଜୀବିମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ ସହ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି ବିଷୟରେ ରାଜ୍ୟ ସରକାର ଆଇନଜୀବୀ ପରିଷଦର ଅନୁରୋଧ ସହିତ ସହମତି ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରକାଶ କରିଛନ୍ତି।

ରାଜ୍ୟ ସଚିବାଳୟ ପରିସରରେ ଆନୁଷ୍ଠାନିକ ଭାବେ ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ପରିଷଦର ସଦସ୍ୟ ଧନଞ୍ଜୟ ମୁଣ୍ଡ, ଆମ୍ବ ପ୍ରକାଶ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟଙ୍କ ସହିତ ଆଲୋଚନା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଆଇନଜୀବୀମାନଙ୍କ କଲ୍ୟାଣ ପାଇଁ ଅଙ୍ଗୀକାରବଦ୍ଧ ଓ ଆଇନଜୀବୀ ପରିଷଦ ରାଜ୍ୟ ସରକାରଙ୍କ ସହିତ ଏ ଦିଗରେ କାର୍ଯ୍ୟ କରିବା ଲାଗି ଏହି ଅବସରରେ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଇନଜୀବୀ ସୁରକ୍ଷା ଆଇନ ପାଇଁ ପ୍ରସ୍ତାବିତ ବିଲ୍ ଉପରେ ପରିଷଦର ମତାମତ ଲୋଡ଼ିଛନ୍ତି।

**କଲ୍ୟାଣ ପାଣ୍ଠି ୯ ଲକ୍ଷକୁ ବୃଦ୍ଧି ସହ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କ ସହମତି**

ସେହିପରି ସେମାନଙ୍କର ପେସାଗତ ଦକ୍ଷତା ବୃଦ୍ଧି ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା ହେବାକୁ ଥିବାବେଳେ ରାଜ୍ୟ ଆଇନଜୀବୀ ପରିଷଦକୁ ସରକାର ଆବଶ୍ୟକ ଜମି ଯୋଗାଇଦେବେ। ପ୍ରାରମ୍ଭିକ ସ୍ତରରେ ସରକାର ଏଥିପାଇଁ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପ୍ରଶିକ୍ଷଣ ଗୃହ ପ୍ରଦାନ କରିବେ ବୋଲି ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ଅବସରରେ ଆଇନ ସଚିବ ଡଃ ପବିତ୍ର ମୋହନ ସାମଲ ରାଜ୍ୟ ଆଇନଜୀବୀ ପରିଷଦ କଲ୍ୟାଣ ପାଣ୍ଠିର ବୈଠକ ନିୟମିତ ବ୍ୟବଧାନରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟବୀମା ସାମ୍ବାଦିକମାନଙ୍କ ଭଳି ଯୋଜନା କରିବା ପାଇଁ ଅନୁରୋଧ କରିଥିଲେ। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କରିବା ପାଇଁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହିତ ଉପରଲିଖିତ ପ୍ରସ୍ତାବଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଛନ୍ତି।

# ଚୋରା ଚାଲାଣ ବେଳେ ୭୨ ବସ୍ତା ସାର ସହ ଗାଡ଼ି ଜବତ



ବାସୁଦେବପୁର,୪।୮ (ସମିସ): ବାସୁଦେବପୁରରୁ ଶୁକଦେବପୁର ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ସହିତ ୭୨ ବସ୍ତା ଚୋରା ସାରକୁ କୃଷି ବିଭାଗର ଅଧିକାରୀ ଜବତ କରିଛନ୍ତି। ଖରିଫ୍‌ରେ ମିଳୁନି ସାର ମାର୍କେଟ୍‌ରେ ମିଳୁନାହିଁ। ସାରର କୃତ୍ରିମ ଅଭାବ ଦେଖାଦେଇଛି। କିଛି ସାର ଦୋକାନୀ କୃତ୍ରିମ ଅଭାବ ଦର୍ଶାଇ ଚୋରାରେ ଚଢ଼ା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି। ଚାଷୀ ବିଲରେ ସାର ପକାଇବାକୁ ଏଠିସେଠି ବୁଲୁଛି। ବାସୁଦେବପୁର ବଜାର ଏକ ସାର ଦୋକାନରୁ ଶୁକଦେବପୁର ଆଡ଼କୁ ପିକ୍‌ଅପ୍ ଭ୍ୟାନ୍‌ରେ ୭୨ ବସ୍ତା ବୋଝେଇ କରି ଯାଉଥିବାବେଳେ ସହକାରୀ କୃଷି ଅଧିକାରୀ ଚଢ଼ଉ କରି ଧରିଥିଲେ। ଯାଞ୍ଚ ସମୟରେ ଗାଡ଼ି ଚାଳକ କାଗଜପତ୍ର ଦେଖାଇପାରି ନ ଥିବାରୁ ଗାଡ଼ି ସହିତ ୭୨ ବସ୍ତା ସାର ଜବତ କରାଯାଇଛି। ଗାଡ଼ି ଓ ସାର ଥାନାର ଅଟକ ରଖି ତଦନ୍ତ ଚାଲିଛି।

**ସାଂସଦ ମାନସଙ୍କ ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର**

# ରାଜ୍ୟରେ ସାରର କୌଣସି ଅଭାବ ନାହିଁ


ନୂଆଦିଲ୍ଲୀ,୪।୮ (ସମିସ): ଓଡ଼ିଶାରେ ଚଳିତ ଖରିଫ ଋତୁରେ କୃଷକଙ୍କ ପାଇଁ ୟୁରିଆ, ଡିଏପି ଏବଂ ଏନପିକେଏସ୍ ସାରର କୌଣସି ଅଭାବ ନଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ ଓଡ଼ିଶା ପାଇଁ ୟୁରିଆ, ଡିଏପି ଏବଂ ଏନପିକେ ସାରର ବଣ୍ଟନ, ରାଜ୍ୟର ଚାହିଦା ପୂରଣ ହୋଇଛି କି ନାହିଁ, କୌଣସି ଅଭାବ ରିପୋର୍ଟ ହୋଇଛି କି ନାହିଁ ଏବଂ ଧାର୍ଯ୍ୟ ସମୟରେ ସାର ଯୋଗାଣ ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ପଟେଲ୍ ସଂସଦରେ ଦେଇଥିବା ତଥ୍ୟ ଅନୁଯାୟୀ, ୧ ଏପ୍ରିଲ୍ ୨୦୨୬ରୁ ୨୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାରେ ସମସ୍ତ ପ୍ରମୁଖ ସାରର ଉପଲବ୍ଧତା ରାଜ୍ୟର ଆବଶ୍ୟକତାଠାରୁ ଅଧିକ ରହିଛି। ୟୁରିଆର ଆବଶ୍ୟକତା ୩.୧୧ ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ ୪.୪୭ ଲକ୍ଷ ମେଟ୍ରିକ ଟନ୍ ସାରା ଉପଲବ୍ଧ କରାଯାଇଛି। ଏହାସହିତ ଡିବିଟି ମାଧ୍ୟମରେ ୨.୦୮ ଲକ୍ଷ ମେଟ୍ରିକ ଟନ୍ ବିକ୍ରି କରାଯାଇଥିବା ବେଳଏ ୨୯ ଜୁଲାଇ ସୁଦ୍ଧା ଅବଶିଷ୍ଟ ୨.୪୦ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି। ସେହିପରି ଡିଏପିର ଆବଶ୍ୟକତା ୧.୩୯ ଲକ୍ଷ ମେଟ୍ରିକ ଟନ୍ ଓ ଉପଲବ୍ଧ ପରିମାଣ ୧.୭୨ ଲକ୍ଷ ମେଟ୍ରିକ ଟନ୍ ରହିଛି। ୦.୯୬ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହେବା ସହ ୦.୭୬ ଲକ୍ଷ ମେଟ୍ରିକ ଟନ୍ ମହଜୁଦ ଅଛି। ଏନପିକେଏସ୍‌ର ଆବଶ୍ୟକତା ୧.୯୦ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨.୨୯ ଲକ୍ଷ ମେଟ୍ରିକ ଟନ ଉପଲବ୍ଧ ରହିଛି। ୧.୦୧ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହୋଇ ସାରିଥିବା ବେଳେ ଅବଶିଷ୍ଟ ୧.୨୯ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି।

କେନ୍ଦ୍ର ସରକାର କହିଛନ୍ତି, ସାରର ଉପଲବ୍ଧତା ଆବଶ୍ୟକତାଠାରୁ ଅଧିକ ଥିବା ଏବଂ ଉପଲବ୍ଧତା ବିକ୍ରିଠାରୁ ମଧ୍ୟ ଅଧିକ ରହିଛି। ଓଡ଼ିଶାରେ ସାରର ସ୍ଥିତି ସନ୍ତୋଷଜନକ ରହିଛି ଓ କୌଣସି ଅଭାବର ରିପୋର୍ଟ ନାହିଁ ବୋଲି କୁହାଯାଇଛି। ଏହା ବ୍ୟତୀତ ଚାଷୀଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସମୟସୀମା ଅନୁଯାୟୀ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆଯାଇଛି। ସମୟମତେ ସାର ଯୋଗାଣ ପାଇଁ କେନ୍ଦ୍ର ସରକାର ୬ଟି ପ୍ରମୁଖ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଚାହିଦା ଅନୁଯାୟୀ ସାର ଯୋଗାଣ ସୁନିଶ୍ଚିତ କରାଯାଇଥିବାରୁ କୃଷକମାନେ ସାର ଅଭାବର ସମ୍ମୁଖୀନ ହୋଇନାହାନ୍ତି ବୋଲି ସଂସଦରେ ସରକାର ସ୍ପଷ୍ଟ କରିଛନ୍ତି। ଏହା ସହ ଆଗାମୀ ଦିନରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱରେ ସାର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ରଖାଯିବ ବୋଲି ସରକାର ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତି ଭବନରେ ଶୋଭାପାଇବ ରଥ ଚକ

ପୁରୀ,୪।୮ (ସମିସ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଐତିହ୍ୟର ବଡ଼ ସ୍ୱୀକୃତି ସ୍ୱରୂପ ରାଷ୍ଟ୍ରପତି ଭବନରେ ଶୋଭା ପାଇବ ମହାପ୍ରଭୁଙ୍କ ତିନି ରଥର ଗୋଟିଏ ଲେଖାଏଁ ପବିତ୍ର ଚକ। ଏହି ପ୍ରସ୍ତାବକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ଉପସ୍ଥାପନ କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି। ଫଳରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର



ଏହି ପ୍ରତୀକ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ବାସଭବନର ଶୋଭାମଣ୍ଡନ କରିବ। ସୋମବାର ଭୁବନେଶ୍ୱରଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଏହାକୁ ତୁରନ୍ତ ଅନୁମୋଦନ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ସମୟରେ ଘୋଷଯାତ୍ରାର ରଥତ୍ରୟର ଗୋଟିଏ ଲେଖାଏଁ ପବିତ୍ର ଚକକୁ ରାଷ୍ଟ୍ରପତି ଭବନରେ ସ୍ଥାପନ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ଏହା ଓଡ଼ିଶାବାସୀ ଏବଂ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ମହାପ୍ରଭୁଙ୍କ ରଥର ଚକ ଏବେ ଦେଶର ସର୍ବୋଚ୍ଚ ପ୍ରାସାଦରେ ଶୋଭା ପାଇବ।

**■ ସମ୍ମତି ପ୍ରଦାନ କଲେ ରାଷ୍ଟ୍ରପତି**
**■ ଗୌରବର ବିଷୟ କହିଲେ ମୁଖ୍ୟ ପ୍ରଶାସକ**

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ନିର୍ମାଣ କରାଯାଇଥାଏ। ଏହି ପବିତ୍ର ରଥ ଏବଂ ଏହାର ଚକ ରାଜ୍ୟର ଅନନ୍ୟ ସାଂସ୍କୃତିକ ପରିଚୟ, ଭକ୍ତି ଓ ବିଶ୍ୱାସର ପ୍ରତୀକ ଅଟେ। ପ୍ରତିବର୍ଷ ରଥଯାତ୍ରା ପରେ ତିନି ରଥକୁ ଭଙ୍ଗାଯାଏ। କିଛି ଅଂଶ ଶ୍ରୀମନ୍ଦିର ରୋଷଘରେ ବ୍ୟବହୃତ ହେଉଥିବାବେଳେ ରଥର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରି କି, ଚକ, ଗୁଜ, ଅଶୁଆରୀ ଆଦି ସଂରକ୍ଷିତ ରଖାଯାଇଥାଏ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନକୁ ଆବେଦନ କରି ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଧାର୍ଯ୍ୟ ଦେୟ ଦେଇ ରଥ ଚକ ନେଇଥା'ନ୍ତି। ସେମାନେ ପୁରୀରୁ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଚକ ନେଇ ସ୍ଥାପନ କରିବା ସହ ପୂଜାର୍ଚ୍ଚନା ମଧ୍ୟ କରିଥା'ନ୍ତି। ଏବେ ପ୍ରଥମଥର ପାଇଁ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଗୋଟିଏ ଲେଖାଏଁ ଚକ ରାଷ୍ଟ୍ରପତି ଭବନ ପରି ଜାତୀୟସ୍ତରରେ ସ୍ଥାନ ପାଇବାକୁ ଯାଉଛି। ଏହା ପୁରୀ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ରଖିଛନ୍ତି। ଏହି ନିଷ୍ପତ୍ତିକୁ ସ୍ୱାଗତ କରି ବରିଷ୍ଠ ସେବାୟତ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥର ଚକ ଯେତେବେଳେ ରାଷ୍ଟ୍ରପତି ଭବନ ଭଳି ସ୍ଥାନରେ ଶୋଭା ପାଇବ, ସେତେବେଳେ ଏହା ସମଗ୍ର ଦେଶରେ ପୁରୀ ଏବଂ ଓଡ଼ିଶାର ସଂସ୍କୃତିକୁ ଆହୁରି ଉଚ୍ଚକୁ ନେଇଯିବ। ଅନେକ ବିଶିଷ୍ଟ ବ୍ୟକ୍ତି ଏହାକୁ ଦେଖିପାରିବେ। ଏହାଦ୍ୱାରା ଜଗନ୍ନାଥ ସଂସ୍କୃତି ସାରା ବିଶ୍ୱରେ ଅଧିକ ପ୍ରଚାରପ୍ରସାର ହୋଇପାରିବ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପରମ ସୌଭାଗ୍ୟ। ସେହିପରି ଜଣେ ଜଗନ୍ନାଥପ୍ରେମୀ ପ୍ରମୋଦ ସାହୁ କହିଛନ୍ତି, ଆମେ ପ୍ରତିବର୍ଷ ରଥଟଣା ଦେଖି ଧନ୍ୟ ହୋଇଥାଉ। ଆଜି ସେହି ରଥର ଚକ ରାଷ୍ଟ୍ରପତି ଭବନରେ ସ୍ଥାନ ପାଇବ ଶୁଣି ଛାତି ଗର୍ବରେ ଫୁଲି ଉଠୁଛି। ଏହା ପୁରୀ ପାଇଁ ଏକ ବଡ଼ ସମ୍ମାନ।


PARADEEP PARIVAHAN LIMITED

**PARADEEP PARIVAHAN LIMITED**
**CIN: L52241OR2000PLC006379**
Reg. Office- At -Room No 204 Above OBC Building, Bank Street Area, Port Town, Paradeep, Jagatsinghpur-754142, Odisha
Tel/ Fax- 06722-223416, Mail id: ho@paradeepparivahan.com
Corporate Office: A29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail id: info@paradeepparivahan.com
Website: www.paradeepparivahan.com

**NOTICE OF 26TH ANNUAL GENERAL MEETING AND REMOTE E-VOTING**

NOTICE IS HEREBY GIVEN THAT THE 26TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON WEDNESDAY, 26TH AUGUST, 2026 AT 12:30 PM (ISD) AT NUA SANDHAKUDA, MAYFAIR BAY RESORT, PLOT NO.47(P) & 56(P, MARINE DRIVE ROAD, PARADEEP-754142, ODISHA, INDIA.

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2026 have been sent in electronic mode on August 04, 2026 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 26th Annual General Meeting and 26th Annual Report of the company are available on the website of the company **www.paradeepparivahan.com .** The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2025-26.

All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 04, 2026;
3. The remote e-voting shall commence on **Saturday, 22nd August, 2026 at 9:00 am (ISD)** and end on **Tuesday, 25th August, 2026 at 5:00 pm (ISD);**
4. The remote e-voting shall not be allowed beyond Tuesday, 25th August, 2026 at 5:00 pm (ISD);
5. The cut-off date for determining the eligibility to vote through remote e-voting or at the AGM will be Wednesday, 19th August, 2026;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at **www.evoting.nsdl.com and https://ivote.bigshareonline.com.** However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Wednesday, 19th August, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
    a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
    b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
**For PARADEEP PARIVAHAN LIMITED**
SD/-
USHA RANI RAY
Company Secretary & Compliance Officer
ACS No.79021

**Place: Bhubaneswar**
**Date: 04.08.2026**

# କମୁଛି ମାତୃମୃତ୍ୟୁ ହାର; ଚିନ୍ତା ବଢ଼ାଉଛି ଜିଲ୍ଲାର ଶିଶୁମୃତ୍ୟୁ

**୫ ବର୍ଷରେ ମଲେଣି ୩୧୯୯ ଶିଶୁ**

**ଆଭ୍ୟନ୍ତରୀଣ ଅଞ୍ଚଳକୁ ପହଞ୍ଚୁନି କି ସ୍ୱାସ୍ଥ୍ୟସେବା ?**

କେନ୍ଦୁଝର, ୪।୮ (ସମିସ)

କେନ୍ଦୁଝର ଜିଲ୍ଲା ଅନ୍ୟ କେତେକ ଉପକୂଳିଆ ଜିଲ୍ଲା ଭଳି ଉନ୍ନତ ଜିଲ୍ଲା ହେବାରେ ଅନେକ ବାଟ ବାକି ଅଛି। କେତେକ କ୍ଷେତ୍ରରେ ଏହି ଜିଲ୍ଲା ଅଗ୍ରଣୀ ଜିଲ୍ଲା ହୋଇଥିଲେ ମଧ୍ୟ ଆଉ କେତେକ କ୍ଷେତ୍ରରେ ଜିଲ୍ଲା ପଛରେ ପଡିଛି। ଶିଶୁ ମୃତ୍ୟୁ କ୍ଷେତ୍ରରେ ଏହି ଜିଲ୍ଲା ଅନ୍ୟ ଜିଲ୍ଲା ତୁଳନାରେ ଚିନ୍ତାଜନକ ଅବସ୍ଥାରେ ରହିଛି।

ଜିଲ୍ଲାରେ ଅର୍ଦ୍ଧାଧିକ ଲୋକ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଆଗରୁ ଅନ୍ଧବିଶ୍ୱାସ ଓ ସଚେତନତାର ଅଭାବରୁ ଡାକ୍ତରଖାନା ପ୍ରସବକୁ ଲୋକେ ଗୁରୁତ୍ୱ ଦେଉ ନଥିଲେ। ଏବେ କିନ୍ତୁ ଡାକ୍ତରଖାନା ପ୍ରସବ ସଂଖ୍ୟା ଅନ୍ୟ ଜିଲ୍ଲାଗୁଡିକ ଅପେକ୍ଷା ଅନେକ ଆଗରେ ରହିଛି। ଫଳରେ ମାତୃମୃତ୍ୟୁ ସଂଖ୍ୟା ଗତ ୫ ବର୍ଷ ହେଲା ହ୍ରାସପାଇ ଚାଲିଛି। ମାତ୍ର ଶିଶୁମୃତ୍ୟୁ ସଂଖ୍ୟା ଏବେବି ଚିନ୍ତାଜନକ ଅବସ୍ଥାରେ ରହିଛି।

ଆବଶ୍ୟକ ଜିଲ୍ଲାରୁ ଶିଶୁ ମୃତ୍ୟୁହାର କମେଇବା ଦିଗରେ ପ୍ରଶସନ ଅନେକଗୁଡିଏ ପଦକ୍ଷେପ ଗ୍ରହଣ କରିଛି; ତଥାପି ବିଗତ ୫ ବର୍ଷରେ ୩୧୯୯ ଜଣ ଶିଶୁଙ୍କ ମୃତ୍ୟୁ ସମସ୍ତଙ୍କ ପାଇଁ ସତର୍କ ଘଣ୍ଟି ସାଜିଛି। ଉକ୍ତ ୫ ବର୍ଷରେ ୧୩୧ଟି ମାତୃ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ୨୦୨୧-୨୨ ବର୍ଷରେ ଜିଲ୍ଲାରେ ୧୮ଟି ମାତୃ ମୃତ୍ୟୁ ହୋଇଥିବାବେଳେ ୬୭୫ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ୨୦୨୨-୨୩ ବର୍ଷରେ ୨୯ଟି ମାତୃମୃତ୍ୟୁ ଘଟଣା ସାମ୍ନାକୁ ଆସିଥିବାବେଳେ ସେବର୍ଷ ୬୮୭ଟି ଶିଶୁମୃତ୍ୟୁ ଗଣନା କରାଯାଇଥିଲା। ସେହିପରି ୨୦୨୩-୨୪ ବର୍ଷରେ ଜିଲ୍ଲାରେ ୩୯ଟି ମାତୃମୃତ୍ୟୁ ହୋଇଥିଲା ଏବଂ ୬୬୫ ଜଣ ଶିଶୁଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ତଥ୍ୟ କହୁଛି।

ଅନ୍ୟପକ୍ଷରେ, ୨୦୨୪-୨୫ ବର୍ଷରେ ପୂର୍ବ ଦୁଇବର୍ଷ ଅପେକ୍ଷା ଉଭୟ ଶିଶୁ ଓ ମାତୃ ମୃତ୍ୟୁରେ ହ୍ରାସ ହୋଇଥିବା ଦେଖାଯାଇଥିଲା। ସେବର୍ଷ ଜିଲ୍ଲାରେ ୨୨ ଜଣ ମାତୃ ମୃତ୍ୟୁ ହୋଇଥିବାବେଳେ ୫୫୩ଟି ଶିଶୁମୃତ୍ୟୁ ହୋଇଥିଲା। ଏତଦବ୍ୟତୀତ ବିଗତ ୨୦୨୫-୨୬ ବର୍ଷରେ ୨୩ଟି ମାତୃ ମୃତ୍ୟୁ ହୋଇଥିବା ସୂଚନା ମିଳିଥିବାବେଳେ ପୂର୍ବ ତୁଳନାରେ ଏହାର ବୃଦ୍ଧି ଘଟି ଶିଶୁ ମୃତ୍ୟୁ ସଂଖ୍ୟା ୬୧୯ ଛୁଇଁଥିଲା। ବିଗତ ୫ ବର୍ଷରେ ୧୩୧ ମାତୃ ମୃତ୍ୟୁ ଏବଂ ୩୧୯୯ ଶିଶୁମୃତ୍ୟୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୋଜନାଗୁଡିକୁ ଅଧିକ କ୍ରିୟାଶୀଳ କରେଇବାର ଆବଶ୍ୟକତାକୁ ଦର୍ଶାଉଛି। ମାତୃ ଶିଶୁ ଟୀକାକରଣ ବୃଦ୍ଧି ପାଇ ଚାଲିଛି। ଡାକ୍ତରଖାନା ପ୍ରସବ ୯୯.୮% ଛୁଇଁଲାଣି। ଏହା ଯୋଜନାଗୁଡିକର ସଫଳତାକୁ ଦର୍ଶାଉଛି। ମାତ୍ର କେଉଁ କାରଣ ପାଇଁ ଜିଲ୍ଲାରେ ଶିଶୁ ମୃତ୍ୟୁହାର ଆଖିଦୃଶିଆ ହ୍ରାସ ହେଉନାହିଁ ତାହା ଚିନ୍ତା କରିବାର ବେଳ ଆସିଛି।

## ବଜ୍ରପାତରେ ମୋବାଇଲ ଫାଟି ଜଣେ ଗୁରୁତର



ଆନନ୍ଦପୁର, ୪।୮ (ସମିସ): ଆଜି ଅପରାହ୍ନରେ ବଜ୍ରପାତର ଶିକାର ହୋଇ ଜଣେ ବ୍ୟବସାୟୀ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପଶ୍ଚିମ ବଙ୍ଗର ଶେଖ ଫିରୋଜ ନାମକ ଯୁବକ ଶାଳପଡା ବାଇପାସ ନିକଟରେ କପଡା ବେପାର କରୁଥିବା ବେଳେ ଅଚାନକ ବଜ୍ରପାତ ହେବାରୁ ତାଙ୍କ ପକେଟରେ ଥିବା ମୋବାଇଲ ଫାଟି ଯାଇଥିଲା। ଫଳରେ ଦେହର କିଛି ଅଂଶ ପୋଡି ଯାଇଥିଲା। ତାଙ୍କୁ ତୁରନ୍ତ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି।

## କାଞ୍ଜିପାଣି ଘାଟିରେ ଓଲଟିଲା ଘରୋଇ ବସ୍



**ଯାତ୍ରୀ ସୁରକ୍ଷିତ**

ତେଲକୋଇ, ୪।୮ (ସମିସ): ତେଲକୋଇ କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତା କାଞ୍ଜିପାଣି ଘାଟିରେ ମଙ୍ଗଳବାର ସକାଳେ ଏକ ଘରୋଇ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ବସରେ ଯାତ୍ରା କରୁଥିବା ୨୦ରୁ ଅଧିକ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାକୁ ନେଇ କାଞ୍ଜିପାଣି ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଓଡ଼ି ୦୯ଡି ୭୫୫୫ ନମ୍ବର ବିଶିଷ୍ଟ ଦୁର୍ଗାମାଧବ ନାମକ ଘରୋଇ ବସ କାଳିଆହତାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ କାଞ୍ଜିପାଣି ଘାଟିରେ ରାସ୍ତାକଡକୁ ଓଲଟି ପଡିଥିଲା। ବସଟି ଘାଟି ରାସ୍ତା ଚଢୁଥିବା ବେଳେ କୌଣସି କାରଣବଶତଃ ଆଗକୁ ନ ଯାଇ ପଛକୁ ଖସିଥିଲା। କିଛିବାଟ ତଳକୁ ଖସିବା ପରେ ରାସ୍ତାକଡ଼ରେ ଓଲଟି ପଡିଥିଲା। ସ୍ଥାନୀୟ ପଥଚାରୀ ଓ ତେଲକୋଇ ଅଗ୍ନିଶମ ବାହିନୀ ଲୋକଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ପରେ ସମସ୍ତେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ। ବସଟି ଆଉ ସାମାନ୍ୟ କିଛି ଦୂରକୁ ଖସିଥିଲେ ଘାଟି ତଳେ ପଡ଼ିବା ସହିତ ଏକ ବଡ଼ଧରଣର ଅଘଟଣ ଘଟିଥାଆନ୍ତା ବୋଲି କୁହାଯାଉଛି। ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

## ଖଣି ବିଭାଗର ଚଢ଼ଉ

## ୧୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ଗାଡ଼ି ଜବତ

ଯୋଡ଼ା, ୪।୮ (ସମିସ)

ଖଣିଜ ଚୋରା କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଯାଞ୍ଚ ଅଭିଯାନରେ ଖଣି ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଛି। ଆଜି ଭୋର ସମୟରେ ବାଂଶପାଣି ଅଞ୍ଚଳରୁ ପ୍ରାୟ ୧୦ ମେଟ୍ରିକ ଟନ୍ ଲୁହାପଥର ସହ ବୋଝେଇ ଗାଡ଼ି (ଏମ୍‌ପି ୧୦ଜେଡ୍‌ଏଲ୍ ୯୩୯୭)କୁ ଖଣି ବିଭାଗ ଜବତ କରିଛି। ଜବତ ହୋଇଥିବା ଗାଡ଼ିକୁ ପରବର୍ତ୍ତୀ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗର କାର୍ଯ୍ୟାଳୟ ପରିସରକୁ ଅଣାଯାଇଛି। ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ ଗାଡ଼ିର ପରିବହନ ସମ୍ପର୍କିତ ଦସ୍ତାବିଜ ଓ ଖଣିଜ ପରିବହନର ବୈଧତାକୁ ନେଇ ତଦନ୍ତ ଜାରି ରହିଛି। ଯଦି କୌଣସି ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼େ, ତେବେ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ।

## ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ବେଆଇନ ଲୁହପଥର ଖନନ



**ଜେସିବି ଜବତ**

ବଡ଼ବିଲ, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ବନାଞ୍ଚଳ ଅଧୀନ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଲୁହପଥର ଖନନ ଓ ପରିବହନ ଉଦ୍ୟମ ବେଳେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ଜେସିବି ମେସିନ୍ ଜବତ କରାଯାଇଛି। ଏହି ଘଟଣାରେ ବଡ଼ବିଲ ରେଞ୍ଜ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨ ଅଗଷ୍ଟ ରାତି ପ୍ରାୟ ୧୨.୩୦ଟା ସମୟରେ ନିୟମିତ ପାଟ୍ରୋଲିଂ ବେଳେ ବଡ଼ବିଲ ବନ ବିଭାଗକୁ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଫୋନ୍ ଯୋଗେ ଖବର ମିଳିଥିଲା ଯେ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଭିତରେ ଏକ ଜେସିବି ସାହାଯ୍ୟରେ ବେଆଇନ ଭାବେ ଲୁହପଥର ଖନନ କରାଯାଇ ପରିବହନ ପାଇଁ ପ୍ରସ୍ତୁତି ଚାଲିଛି। ପରେ ବଡ଼ବିଲ ରେଞ୍ଜ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ବନ ବିଭାଗର ଟିମ୍ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଓଡି–୦୯–ଜି–୪୬୬୮ ନମ୍ବର ବିଶିଷ୍ଟ ଏକ ହଳଦିଆ ରଙ୍ଗର ଜେସିବି ଏବଂ ପ୍ରାୟ ୧୫ ମେଟ୍ରିକ ଟନ୍ ଲୁହପଥର ଜବତ କରାଯାଇଥିଲା। ବିଲେଇପଦା ସେକ୍ସନର ଫରେଷ୍ଟର କାର୍ତ୍ତିକ ଦାସ ଜବତ ପ୍ରକ୍ରିୟା ସମ୍ପନ୍ନ କରିଥିଲେ। ଏହି ଚଢ଼ଉ ବିଲେଇପଦା ସେକ୍ସନର ମୁର୍ଗା ବିଟ୍ ଅନ୍ତର୍ଗତ ଯୋଡ଼ା ଥାନା ଦେଓଝର ଗ୍ରାମ ନିକଟ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ବେଆଇନ ଖନନରେ ସମ୍ପୃକ୍ତ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସ୍ୱାମ ଖସାପିଟା ସାହିରେ ମଙ୍ଗଳବାର ଅପରାହ୍ନରେ ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କାହ୍ନୁ ମୁଣ୍ଡା (୩୪)। ପରିବାର ଲୋକେ ବିଲକୁ କାମ କରିବାକୁ ଯାଇଥିବା ସମୟରେ ସେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳରେ ପାଟଣା ଥାନା ଏଏସ୍‌ଆଇ ଗୌରହରି ଗର୍ଡିଆ ପହଞ୍ଚି ମୃତ ଦେହ ଜବତ କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନ୍ଧ୍ୟା ହୋଇ ଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନାହିଁ।

## ବରିଷ୍ଠ ଶିକ୍ଷକ ଉମାକାନ୍ତ ଖିଲାରଙ୍କ ପରଲୋକ

ଚମ୍ପୁଆ, ୪।୮ (ସମିସ): ଚମ୍ପୁଆ ଅଞ୍ଚଳର ବରିଷ୍ଠ ଶିକ୍ଷକ ତଥା ଶିକ୍ଷାବିତ୍ ଉମାକାନ୍ତ ଖିଲାରଙ୍କ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ମଙ୍ଗଳବାର ଦିନ ୧୨ଟା ୩୦ ମିନିଟ୍ ସମୟରେ ନିଜ ବାସଭବନ ବାଙ୍କ ଗ୍ରାମରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଶିକ୍ଷାଦାନକୁ ନିଜ ଜୀବନର ଏକ ପବିତ୍ର କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିବା ଉମାକାନ୍ତ ଖିଲାର ଅନେକ ଛାତ୍ରଛାତ୍ରୀଙ୍କ ଜୀବନକୁ ଜ୍ଞାନର ଆଲୋକରେ ଆଲୋକିତ କରିଥିଲେ। ସେ ଚିମିଳା ୟୁଜିଏମଇ ସ୍କୁଲ, କଳିଙ୍ଗା ନୋଡାଲ ସ୍କୁଲ ଏବଂ ଜାମଦଳକ ୟୁଜିଏମଇ ସ୍କୁଲରେ ଶିକ୍ଷକ ଭାବେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ୨୦୦୫ରେ ଅବସର ଗ୍ରହଣ କରିଥିଲେ। ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ସେ ଥିଲେ ଜଣେ ଆଦର୍ଶ ଗୁରୁ, ମାର୍ଗଦର୍ଶକ ଓ ଅଭିଭାବକ।



ତାଙ୍କଠାରୁ ଶିକ୍ଷା ଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ଆଜି ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ। ତାଙ୍କ ବିୟୋଗରେ ସେମାନଙ୍କ ମନରେ ଗଭୀର ଦୁଃଖ ଓ ଶୋକର ଛାୟା ଖେଳିଯାଇଛି। ଜୀବନର ଶେଷ ସମୟରେ ମଧ୍ୟ ପରିବାର ତାଙ୍କ ନିକଟରେ ଥିଲା। ତାଙ୍କ ବଡ଼ ପୁଅ ସତ୍ୟବାନ ଖିଲାର, ସାନ ପୁଅ ଶଶାଙ୍କ ଖିଲାରଙ୍କ ସମେତ ନାତିନାତୁଣୀ ଓ ପରିବାରବର୍ଗ ତାଙ୍କ ପାଖରେ ଉପସ୍ଥିତ ଥିଲେ। ପୂର୍ବତନ ସହକର୍ମୀ, ଶିକ୍ଷକ ସମାଜ, ପୂର୍ବତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅଞ୍ଚଳବାସୀ ଗଭୀର ସମବେଦନା ଜଣାଇଛନ୍ତି।

## ରାସ୍ତାକଡ଼ରେ ଛିଡ଼ା ଟ୍ରକ୍‌କୁ ଧକ୍କାଦେଇ ଓଲଟିଲା



ବଡ଼ବିଲ, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଝୁମ୍ପୁଡି ହୋଟେଲ ନିକଟସ୍ଥ ରାଜ୍ୟ ରାଜପଥର ଏକ ବୁଲାଣି ସ୍ଥାନରେ ସୋମବାର ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାର ଡାହାଣ ପାର୍ଶ୍ୱରେ ଛିଡ଼ା ହୋଇଥିବା ଓଡି–୦୯–ବି–୬୭୮୦ ନମ୍ବର ବିଶିଷ୍ଟ ଏକ ଟ୍ରକକୁ କଳିଙ୍ଗ ପଟୁ ଆସୁଥିବା ଓଡି–୦୯–କେ–୧୩୩୨ ନମ୍ବର ବିଶିଷ୍ଟ ଅନ୍ୟ ଏକ ଟ୍ରକ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା।

ଧକ୍କାର ପ୍ରଭାବ ଏତେ ଜୋରଦାର ଥିଲା ଯେ ଧକ୍କା ଦେଇଥିବା ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଉଭୟ ଟ୍ରକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକଙ୍କ ଆଘାତ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଖବର ପାଇ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିବାରେ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ରାସ୍ତାର ଡାହାଣ ପଟେ ବେଆଇନ ଭାବେ ପାର୍କିଙ୍ଗ ଯୋଗୁ ଦୁର୍ଘଟଣା ଘଟିଥିବା ସାଧାରଣରେ ଅଭିଯୋଗ ହେଉଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ମଛାଳରେ ଆବାସ କେଳେଙ୍କାରୀ; ଯୋଗ୍ୟଙ୍କୁ ମିଳୁନି ଘର



ଆନନ୍ଦପୁର, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ମଛାଳ ପଞ୍ଚାୟତରେ ଆବାସ କେଳେଙ୍କାରୀକୁ ନେଇ ଗ୍ରାମବାସୀ ଆଣିଲେ ସଙ୍ଗିନୀ ଅଭିଯୋଗ। ଘଷିପୁରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଏଭଳି ଅନେକ ଅଭିଯୋଗ ଆସିଥିବା ବେଳେ ଆଜି ଘଷିପୁରା ବିଡ଼ିଓ ବିନିତା ବିଜୟିନୀ ମଛାଳ ପଞ୍ଚାୟତରେ ଆବାସ ତାଲିକାରେ ନାମ ଥିବା ହିତାଧିକାରୀଙ୍କ ଘର ତଦନ୍ତ କରିବା ପାଇଁ ଯାଇଥିଲେ। ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ ଯେ ଯୋଗ୍ୟ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ ଥିବାବେଳେ ବଡ଼ବଡିଆଙ୍କ ଘର ତଦନ୍ତ କାହିଁକି କରୁଛନ୍ତି। ବିଡ଼ିଓ ଲିଷ୍ଟ ଆସିଥିବା ଲୋକଙ୍କ ତଦନ୍ତ କରିବାକୁ କହି ପଳେଇ ଆସିଥିବା ବେଳେ ବିଡ଼ିଓ ଓ ମଛାଳ ସରପଞ୍ଚଙ୍କ ନାମରେ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। କେନ୍ଦୁଝର ଜିଲ୍ଲାପାଳ ଯୋଗ୍ୟ ହିତାଧିକାରୀଙ୍କ ଘର ତଦନ୍ତ କରି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରିବା ସହିତ ଯଦି ଦାବି ପୂରଣ ନହୁଏ ତାହେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ମଛାଳ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଗଣ୍ଡାନାଳ ସେତୁର ଆପ୍ରୋଚ୍ ରୋଡ୍ ତ୍ରୁଟିପୂର୍ଣ୍ଣ



ଆନନ୍ଦପୁର, ୪।୮ (ସମିସ): ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ନିର୍ମାଣାଧୀନ ଗଣ୍ଡା ସେତୁର ଆପ୍ରୋଚ ରୋଡ ଓ ବାଡ଼ା ନଷ୍ଟ ହୋଇଯାଇଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ପରିସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାଯାଇଛି। ଲଗାଣ ବର୍ଷାରେ ସେତୁର ବାଡା ଭୁଶୁଡ଼ି ପଡ଼ିଥିବା ଅନୁଧ୍ୟାନରୁ ଜଣାଯାଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ଲଗାଣ ବର୍ଷାରେ ୨୦ ନମ୍ବର ଜାତୀୟ ରାଜପଥର ଜର୍‌ଦାରୁ ଦେଓଗାଁ ସଂଯୋଗକାରୀ ରାସ୍ତାର ଗଣ୍ଡା ନାଳରେ ନିର୍ମାଣାଧୀନ ସେତୁର ଆରସିସି ୱାଲ ରଡରେ ନିର୍ମାଣ କରିବା ପରିବର୍ତ୍ତେ କେବଳ କଂକ୍ରିଟ କରାଯାଇଥିବାରୁ ଆପ୍ରଚ ରୋଡ ଦବିଯାଇ ବିପଦ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅନେକ ଗ୍ରାମବାସୀ ବିଭିନ୍ନ ରାସ୍ତାରେ ଯାତାୟାତ କରି ଯଥେଷ୍ଟ ବିଳମ୍ବରେ ଗନ୍ତବ୍ୟସ୍ଥଳରେ ପହଞ୍ଚୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



କେନ୍ଦୁଝର, ୪।୮ (ସମିସ): କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁବାଟିକା ଭାଗ-୧ର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସ ଅତିଥି ପରିଚୟ କରିବା ସହ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପରିଚାଳନା ସମିତିର ସଦସ୍ୟା ତଥା କେନ୍ଦୁଝରଗଡ ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟର ପ୍ରଧାପିକା ଭକ୍ତିଶ୍ରୀ ନାୟକ ଯୋଗ ଦେଇ ଶିଶୁ ଶିକ୍ଷାରେ ଭାରତୀୟତା ଓ ଶିଶୁ ଶିକ୍ଷାରେ ପରିବାରର ଭୂମିକା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବରେ ପରିଚାଳନା ସମିତି ସଦସ୍ୟା ତଥା ବ୍ୟାଙ୍କ ଅଧିକାରୀ ଦୁଲାରୀ କିସ୍କୁ ଉପସ୍ଥିତ ଥିଲେ। ୧୫୦ରୁ ଅଧିକ ମାଆ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁବାଟିକା ବିଭାଗର ବିରଞ୍ଚି ନାରାୟଣ ମହାନ୍ତ, ପୁଷ୍ପାଞ୍ଜଳି ସାହୁ, ମନସ୍ୱିନୀ ଦାଶ, ସୁଜାତାରାଣୀ ମିଶ୍ର, ଜ୍ୟୋତିରାଣୀ ପଣ୍ଡା, ଆରତୀ ସାହୁ, ମୌସୁମୀ ରାଉତରାୟ, ଗାୟତ୍ରୀ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ମଧୁସ୍ମିତା ମହାନ୍ତ, କନକ ମଂଜରୀ ମହାନ୍ତ ଓ ପ୍ରଦୀପ୍ତା ମହାନ୍ତ ସହଯୋଗ କରିଥିଲେ।

## ବେଆଇନ ସ୍କ୍ରାପ୍ କାର୍‌ବାରରେ ଦୁଇ ଗିରଫ

ଯୋଡ଼ା, ୪।୮ (ସମିସ): ସୋମବାର ପୂର୍ବାହ୍ନରେ ଯୋଡ଼ା ସହରର ଲକ୍ଷ୍ମୀ ପଡ଼ିଆସ୍ଥିତ ଏକ ସ୍କ୍ରାପ (କବାଡ଼ି) ଗୋଦାମରେ ପୁଲିସ ଚଢ଼ଉରେ ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଯୋଡ଼ା ଥାନା ଏଏସଆଇ ଏ.ପି ମୁଣ୍ଡଙ୍କ ନେତୃତ୍ୱରେ ଏହି ଚଢ଼ଉ ପରେ ପୁଲିସ ସ୍କ୍ରାପ ବ୍ୟବସାୟୀ ଯୋଡ଼ାର ଲକ୍ଷ୍ମୀଧର ମହାନ୍ତି (୪୬) ଏବଂ ଟ୍ରକ ଚାଳକ ଝାଡ଼ଖଣ୍ଡର ସୁନୀଲ ଗୁପ୍ତା (୩୮)କୁ ଗିରଫ କରିଛି। ଯୋଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଛି।

**ଚାଷୀକୁ ମିଳିଲାନି ଧାନ ବିକ୍ରି ଟଙ୍କା**

## ମରେଇଗାଁ ସମିତି ସମ୍ପାଦକଙ୍କ ନାଁରେ ଅଭିଯୋଗ

ଆନନ୍ଦପୁର, ୪।୮ (ସମିସ):

ଦୀର୍ଘବର୍ଷ ବିତିଥିଲେ ସୁଦ୍ଧା ଚାଷୀକୁ ମିଳିଲାନି ଧାନ ବିକ୍ରି ଟଙ୍କା। ମରେଇଗାଁ ସେବା ସମବାୟ ସମିତି ଅଧୀନ ଡଙ୍କୁରୀ ଗ୍ରାମର ଜଣେ ଚାଷୀ ଆଜକୁ ଦୀର୍ଘ ୧୨ ବର୍ଷ ତଳର ଧାନ ବିକ୍ରି ଟଙ୍କା ଏହି ସେବା ସମବାୟ ସମିତି ପକ୍ଷରୁ ପାଇ ନଥିବା ଅଭିଯୋଗ ଆଣିଛନ୍ତି। ଟଙ୍କା ପାଇଁ ସମ୍ପାଦକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଟଙ୍କା ମିଳି ନଥିଲା। ପରେ ନୋଟାରୀରେ ଏକ ଚୁକ୍ତିନାମା ଅନୁସାରେ ସମ୍ପାଦକ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ଉକ୍ତ ଚାଷୀକୁ ୫ଲକ୍ଷ ୩୬ହଜାର ଟଙ୍କା ଦେବେ ବୋଲି ଆଇନଜୀବୀ ମହେନ୍ଦ୍ର ରାମଙ୍କ ଜରିଆରେ ଏକ ଲିଖିତନାମା ହୋଇଥିଲା। ଅବଧି ଶେଷ ହୋଇଥିଲେ ସୁଦ୍ଧା ସମ୍ପାଦକ ଚାଷୀଙ୍କୁ ବକେୟା ଅର୍ଥ ନଦେବାରୁ ଉକ୍ତ ଚାଷୀ ଆଇନର ଆଶ୍ରୟ ନେଇଥିଲେ। ଆଇନ ଅନୁସାରେ ସୋସାଇଟି ସମ୍ପାଦକଙ୍କ ନିକଟକୁ ନୋଟିସ ଯାଇଥିଲେ ସୁଦ୍ଧା ସେ ଅନୁପସ୍ଥିତ ଥିବା ଓକିଲ ଶ୍ରୀ ରାମ କହିଛନ୍ତି। ସୋସାଇଟି ସମ୍ପାଦକ ବିଭିନ୍ନ ସ୍ଥାନରେ ପ୍ଲଟ କିଣିବା ଠାରୁ ଦାମୀ ଗାଡ଼ି ଚଢୁଥିବା ବେଳେ ଚାଷୀଙ୍କ ଅର୍ଥ ନଦେବା ଅତ୍ୟନ୍ତ ଦୁଃଖଦାୟକ କୁହାଯାଇଛି। ଚାଷୀଙ୍କ ଟଙ୍କା ହେରଫେର କରିବା ସହିତ ଅନେକ ଲୋକଙ୍କ ନାଁରେ ଆଦୌ ବିଲ୍ ନଥିବାବେଳେ ସେମାନଙ୍କ ନାଁକୁ ପଞ୍ଜୀକରଣ କରୁଥିବା ନେଇ ଅଭିଯୋଗକାରୀ ଚାଷୀ ଜଣକ କହିଛନ୍ତି। ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କଡ଼ା ଯାଞ୍ଚ ହେଲେ ଉକ୍ତ ସୋସାଇଟିରେ ହେଉଥିବା ହେରଫେରର କଳା ଚିଠା ପଦାକୁ ଆସିପାରନ୍ତା ବୋଲି ବିଭିନ୍ନ ମହଲରେ କୁହାଯାଉଛି।



**ଜାତୀୟ ରାଜପଥ ବିଭାଗର ମନମାନି**

## ଅଣ୍ଡର୍‌ପାସ୍ ବଢ଼ାଉଛି ସମସ୍ୟା; ଦହଗଞ୍ଜ ଲୋକେ





ଆନନ୍ଦପୁର, ୪।୮ (ସମିସ): ଆନନ୍ଦପୁର ଅଞ୍ଚଳରେ ଜାତୀୟ ରାଜପଥ ବିଭାଗର ମନମାନି ଦେଖିବାକୁ ମିଳିଛି। ବିଶେଷକରି ପୌରାଞ୍ଚଳରେ ରହିଥିବା ତିନୋଟି ଅଣ୍ଡର ପାସ୍ ଲୋକମାନଙ୍କ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଶାଳପଡା, ଘସିପୁରା, ଶୈଳଙ୍ଗରେ ବର୍ଷାଦିନରେ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ପୂର୍ବରୁ ରାଜପଥ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ଲୋକମାନଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶାଳପଡାରେ ଅସମ୍ପୂର୍ଣ୍ଣ ରାସ୍ତା ଶେଷ ହୋଇଥିବାବେଳେ ଗତ ତିନିମାସରୁ ଅଧିକ ସମୟ ହେଲା ୨୦ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ୍ ହୋଇଛି। ତେବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣ୍ଡରପାସ୍ ଗୁଡିକରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରି ନଥିବାରୁ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଶାଳପଡା ୧୨ ନମ୍ବର ୱାର୍ଡ୍‌ର ସମସ୍ତ ବର୍ଷାଜଳ ଅଣ୍ଡର ପାସ୍ ଦେଇ ଅତିକ୍ରମ କରୁଛି। ବର୍ଷା ସମୟରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସାଇକଲ ଓ ବାଇକ୍ ଯାତାୟତ ସମ୍ଭବ ହେଉନାହିଁ। ୧୬ ନମ୍ବର ଶୈଳଙ୍ଗ ଅଣ୍ଡରପାସ୍ ରାସ୍ତା ଦେଓଗାଁ ପାର୍ଶ୍ୱକୁ ସଂଯୋଗ କରୁଛି। ଏହି ସ୍ଥାନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିବାବେଳେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଗତ ଲଘୁଚାପଜନିତ ବର୍ଷାରେ ଅଣ୍ଡରପାସ୍ ତଳେ ୫ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇଥିଲା। ଗତ ୫ ତାରିଖ ଦିନତମାମ ପାଣି ପ୍ରବାହିତ ହେବାରୁ ବାଇକ୍, ସାଇକଲ ଯାତାୟାତ କରିବା ସମ୍ଭବ ହୋଇ ନଥିଲା। ୧୪ ନମ୍ବର ୱାର୍ଡ ଘସିପୁରା ଅଣ୍ଡରପାସ୍ ଏଠାକାର ଜନସାଧାରଣଙ୍କ ପାଇଁ ଦୁଃଖ ପାଲଟିଛି। ଏଠାରେ ବର୍ଷାଦିନ ସାରା ଚାରିମାସ ଧରି ପାଣି ଜମି ରହୁଥିବାରୁ ଗୋଟିଏ ପାର୍ଶ୍ୱରେ ଯାତାୟାତ ସମ୍ଭବ ହେଉନାହିଁ। ଅନେକ ଖାଲ ପାଣିରେ ପଡି ହଟହଟା ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ହରିହର ସାହୁ କହିଛନ୍ତି। ଏନେଇ ଜାତୀୟ ରାଜପଥ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଅବଗତ ରହିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରଯାଉ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ପ୍ରତି ଅବହେଳା

# ନାହାନ୍ତି ଆବଶ୍ୟକ ଶିକ୍ଷକ, ପାଠପଢ଼ା ବାଧାପ୍ରାପ୍ତ

ବେତନଟୀ,୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ସରକାରୀ ଶିକ୍ଷା ବ୍ୟବସ୍ଥାର ଏକ ନିରାଶାଜନକ ଚିତ୍ର ସାମ୍ନାକୁ ଆସିଛି। ଏହି ବ୍ଲକ୍‌ରେ ଥିବା ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଅଭାବରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ ବିଦ୍ୟାଳୟରେ ମାତ୍ର ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ଉପରେ ବିଦ୍ୟାଳୟ ପରିଚାଳନା ଭାର ରହିଥିବାବେଳେ କେତେକ ସ୍କୁଲରେ ଖେଳ ଶିକ୍ଷକ ହିଁ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଥିବା ଦେଖିବାକୁ ମିଳିଛି। ଏଥିଯୋଗୁଁ ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବାରୁ ଅଭିଭାବକ ଓ ସ୍ଥାନୀୟ



ବୁଦ୍ଧିଜୀବୀ ମହଲରେ ଗଭୀର ଚିନ୍ତାପ୍ରକଟ କରାଯାଇଛି।

ସୂଚନା ମୁତାବକ, ଏସ.ଏସ. ନହଣ୍ଡାଶୋଳ ପଞ୍ଚାୟତର ଧନପୁର ଗ୍ରାମରେ ଥିବା ହାଇସ୍କୁଲରେ ଚଳିତ ଅଗଷ୍ଟ ମାସରୁ ଜଣେ ମାତ୍ର ଶିକ୍ଷକ ବିଜୟ କୁମାର ମହାନ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜଣେ ଖେଳ ଶିକ୍ଷକ। ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୮୦ ଜଣ ଓ ଦଶମ ଶ୍ରେଣୀରେ ୬୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେହିପରି ବେତନଟୀ ପଞ୍ଚାୟତ ଅନ୍ତର୍ଗତ ଆମ୍ବଯୋଡ଼ାସ୍ଥ ହୀରାଲାଲ ହାଇସ୍କୁଲରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। ସେଠାରେ ଅଷ୍ଟମ ଶ୍ରେଣୀରେ ୧୧, ନବମରେ ୪୨ ଓ ଦଶମରେ ୩୨ ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ମାତ୍ର ଜଣେ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ (ଖେଳ ଶିକ୍ଷକ)ଙ୍କ ଦାୟିତ୍ୱରେ ପୂରା ସ୍କୁଲ ଚାଲିଛି। ବିଷୟଗତ ଶିକ୍ଷକଙ୍କ ଅଭାବ ଯୋଗୁଁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବେତନଟୀ ବ୍ଲକରେ ୧୭ଟି ସରକାରୀ, ୧୭ଟି ନୂତନ ଅନୁଦାନପ୍ରାପ୍ତ, ଗୋଟିଏ ସଂସ୍କୃତ ଟୋଲ୍ ଓ ଅନ୍ୟାନ୍ୟ ହାଇସ୍କୁଲ ରହିଛି। ମାତ୍ର ନୂତନ ଅନୁଦାନପ୍ରାପ୍ତ ସ୍କୁଲକରେ ନିୟମିତ ନିଯୁକ୍ତି ହୋଇ ନ ଥିବାରୁ ଏଭଳି ସଙ୍କଟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଶୀଘ୍ର ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ଓ ଅବସରପ୍ରାପ୍ତ ଶିକ୍ଷକ ମଧ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ଯେ, ଗ୍ରାମାଞ୍ଚଳ ଶିକ୍ଷାର ବିକାଶ ପାଇଁ ଖୋଲାଯାଇଥିବା ଏହି ସ୍କୁଲଗୁଡ଼ିକୁ ବନ୍ଦ ହେବାରୁ ରକ୍ଷା କରାଯାଉ। ସରକାର ଯଦି ବେତନଟୀ ବ୍ଲକର ଏହି ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ତୁରନ୍ତ ବିଷୟଗତ ସ୍ଥାୟୀ ଶିକ୍ଷକ ନିଯୁକ୍ତ ନ କରନ୍ତି, ତେବେ ସମଗ୍ର ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ନିଶ୍ଚିତ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ଶିକ୍ଷା ବିଭାଗ ଶୀଘ୍ର ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# ନାଳରେ ବୁଡ଼ି ୨ ବର୍ଷର ଶିଶୁକନ୍ୟା ମୃତ

### ● ୨୦ ଘଣ୍ଟା ପରେ ମିଳିଲା ମୃତଦେହ



ବାରିପଦା,୪।୮ (ସମିସ): ବାଙ୍ଗିରିପୋଷି ବ୍ଲକ ବୁଢୀଖମାରୀ ପଞ୍ଚାୟତର ଅର୍ଜୁନ ମାରାଣ୍ଡିଙ୍କ ୨ ବର୍ଷର ଶିଶୁକନ୍ୟା ରୁପିମଣି ମାରାଣ୍ଡିର ଶଙ୍କରାୟ ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ଶିଶୁକନ୍ୟା ସୋମବାର ନାଳପାଣିରେ ଭାସିଯିବା ଜଣାପଡ଼ିବା ପରେ ଅଗ୍ନିଶମ ବିଭାଗ ସହିତ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ମଙ୍ଗଳବାର ଅଗ୍ନିଶମ ବିଭାଗ ସହିତ ଓଡ୍ରାପ ଟିମ୍ ସହାୟତାରେ ପ୍ରାୟ ୨୦ ଘଣ୍ଟା ପରେ ଶିଶୁର ମୃତଦେହ ଶଙ୍କରାୟ ନାଳରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା ପରେ ମୃତଦେହକୁ ବାରିପଦାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ଶିଶୁର ପରିବାର ଗରିବ ହୋଇଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ଗାଡ଼ି ଭଡ଼ା ୬ ହଜାର ଟଙ୍କା ବାଙ୍ଗିରିପୋଷି ଆଇଆଇସି ପଞ୍ଚାନନ ମହାନ୍ତି ପ୍ରଦାନ କରିଥିଲେ। ୨ ବର୍ଷର ଶିଶୁକୁ ହରାଇ ପରିବାର ଭାଙ୍ଗିପଡିଛନ୍ତି। ଶିଶୁକନ୍ୟା ନାଳ ଉପରେ ଠିଆ ହୋଇଥିବାବେଳେ ମା' ଘରର ଅଇଁଠା ବାସନ ନାଳରେ ଧୋଇ ଫେରି ଦେଖିବା ବେଳକୁ ନିଖୋଜ ଥିଲା। ପର ମୁହୂର୍ତ୍ତରେ ପରିବାର ଲୋକ ଥାନାରେ ସୂଚନା ଦେଇଥିଲେ। ପରିବାରକୁ ରେଡକ୍ରସ ସହାୟତା ସହିତ ସରକାରଙ୍କ ପକ୍ଷରୁ ପାଣିରେ ବୁଡି ମୃତ୍ୟୁ ସହାୟତା ରାଶି ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ● ନାଉପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଚୋରି

# ତଦନ୍ତରେ ଅଟକି ଯିବ କି କାର୍ଯ୍ୟାନୁଷ୍ଠାନ

ମୋରଡ଼ା,୪।୮ (ସମିସ): ଶୁଳିଆପଦା ବ୍ଲକରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଚାଉଳ ଓ ଅଣ୍ଡା କାର୍ଯ୍ୟରତ ଶିକ୍ଷୟିତ୍ରୀ,ଶିକ୍ଷକ ଖାଉଛନ୍ତି। ଏ ନେଇ ଖୋଦ ପ୍ରଧାନଶିକ୍ଷକ ନିଜେ ମଧ



ସ୍ୱୀକାର କରିଛନ୍ତି। ନାଉପଦା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୩୦ ପିଲା ପଢୁଛନ୍ତି। ୪୦ ଜଣ ପିଲା ହଷ୍ଟେଲରେ ରହୁଛନ୍ତି। ସୋନୁ ନାଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବାବେଳେ ସାତଜଣ ଶିକ୍ଷକ ଅଛନ୍ତି। ତେବେ ଆଜି ୮୫ଜଣ ପିଲାଙ୍କ ଉପସ୍ଥାପନା ପଡ଼ିଥିବାବେଳେ ୧୦୦ ଜଣଙ୍କର ଖାଦ୍ୟ ରୋଷେଇ ହୋଇଛି। ପନ୍ଦରଟି ଅଧିକ ମିଲ ରୋଷେଇ ହୋଇଥିବା କଥା ସ୍ୱୀକାର କରିଛନ୍ତି ପ୍ରଧାନଶିକ୍ଷକ ଶ୍ରୀ ନାଏକ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ଦୂରଦୁରାନ୍ତରୁ ଆସୁଥିବାରୁ ସେମାନେ ଭାତ, ଅଣ୍ଡା, ଡାଲି, ସୋୟାବିନ ଖାଉଛନ୍ତି ବୋଲି କହିଛନ୍ତି। ସେହିପରି ଗତକାଲି ୧୧୦ ଜଣ ପିଲା ବିଦ୍ୟାଳୟକୁ ଆସିଥିବାବେଳେ ୧୨୦ ଜଣ ପିଲାଙ୍କ ପାଇଁ ରୋଷେଇ ହୋଇଥିଲା। ଏମିତି ପ୍ରତିଦିନ ଅଧିକ ରୋଷେଇ ହୁଏ ବୋଲି କହିଛନ୍ତି ଶିକ୍ଷକ ନାଏକ। ତେବେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ଶିକ୍ଷକମାନେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା, ପିଲାଙ୍କ ସହ ବସି ଖାଇବା ଓ ସଚେତନତା ସୃଷ୍ଟି କରିବା ପାଇଁ ଏକାଠି ଭୋଜନ ଗ୍ରହଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳେ। କିନ୍ତୁ ଏହାର ସୁଯୋଗ ନେଇ ପିଲାଙ୍କ ଖାଦ୍ୟ ଉକ୍ତ ବିଦ୍ୟାଳୟରେ ବାଟମରଣା ହେଉଛି। ଯାହାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏ ନେଇ ଶୁଳିଆପଦା ବିଇଓ ରଶ୍ମିରଞ୍ଜନ ଗିରିଙ୍କୁ ପଚାରିବାରୁ ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ● ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ଶ୍ରଦ୍ଧାଞ୍ଜଳି ରଥଯାତ୍ରା ଓ ବାଇକ୍ ରାଲି



ଉଦଳା, ୪।୮ (ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସଂସ୍ଥାପକ ତଥା ଆଦିବାସୀ ସମାଜର ପ୍ରଖ୍ୟାତ ଜନନେତା ଦିଶମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ଉଦଳା ନିର୍ବାଚନମଣ୍ଡଳୀରେ ଶ୍ରଦ୍ଧାଞ୍ଜଳି ରଥଯାତ୍ରା ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ଉତ୍ସାହର ସହ ଅଂଶଗ୍ରହଣ କରି ଦିଶମ ଗୁରୁଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏ ଅବସରରେ ବଡଖମଣ ସରପଞ୍ଚ ଠୁମ୍ପୁ ମୁର୍ମୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶିରୀଶ ଟୁଡୁ, ବିଜୟ ମୁର୍ମୁ, ଦୁର୍ଗା ମୁର୍ମୁ, ମିଥୁନ ସିଂ, ସିଙ୍ଗରାୟ ଟୁଡୁଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଯୋଗ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ରଥକୁ ଅନୁସରଣ କରି ଶତାଧିକ ବାଇକ୍ ଆରୋହୀଙ୍କୁ ନେଇ ବିରାଟ ରାଲି ଉଦଳା ଅଞ୍ଚଳର ବିଭିନ୍ନ ମୁଖ୍ୟ ସଡ଼କ ପରିକ୍ରମା କରିଥିଲା। ରାଲି ସମୟରେ ଦିଶମ ଗୁରୁ ଶିବୁ ସୋରେନଙ୍କ ଜଳ, ଜଙ୍ଗଲ, ଜମିର ସୁରକ୍ଷା, ଆଦିବାସୀ ସମାଜର ସାମ୍ବିଧାନିକ ଅଧିକାର, ସାମାଜିକ ନ୍ୟାୟ ଓ ଶୋଷିତ, ନିଷ୍ପେସିତ ବର୍ଗଙ୍କ ଉନ୍ନତି ପାଇଁ ତାଙ୍କ ଦୀର୍ଘ ସଂଘର୍ଷକୁ ସ୍ମରଣ କରାଯାଇଥିଲା। ଅତିଥିମାନେ କହିଥିଲେ ଯେ, ଦିଶମ ଗୁରୁଙ୍କ ଆଦର୍ଶ ଓ ସଂଘର୍ଷ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ। ଶେଷରେ ସମସ୍ତେ ଦିଶମ ଗୁରୁଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ଉନ୍ନତି, ଆଦିବାସୀଙ୍କ ଅଧିକାର ସୁରକ୍ଷା ଓ ଲୋକସେବାରେ ନିଜକୁ ସମର୍ପିତ କରିବାକୁ ସଂକଳ୍ପ ନେଇଥିଲେ। ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ରଥଯାତ୍ରା ଓ ବାଇକ୍ ରାଲି ଉଦଳା ଅଞ୍ଚଳରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଥିଲା।

# କଂଗ୍ରେସ ନେତାଙ୍କ ଶୋକସଭା



ବଡ଼ସାହି,୪।୮ (ସମିସ): ଜନ୍ମ ଅଛି ତ ମୃତ୍ୟୁ ଅଛି। ଜୀବନ ନଈର ଗୋଟିଏ କୂଳରେ ଜନ୍ମ ବେଳର କୁଆଁକୁଆଁ ମଧୁର ସଂଗୀତ ତ ଅନ୍ୟ କୂଳରେ ମୃତ୍ୟୁ ସମୟର ବିରହ ସଙ୍ଗୀତ । ଏହି ଜୀବନ କାଳ ମଧ୍ୟରେ କିଛି ପାଇବା ଓ କିଛି ହରାଇବା ଭିତରେ ଯାହା କିଛି ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ସ୍ମୃତି। ମୃତ୍ୟୁ ପରେ ଜଣେ ମଣିଷର ମଣିଷପଣିଆ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ସମାଜ ତଥା ପରିବାର ପ୍ରତି ତାଙ୍କ ଅବଦାନ ଓ କର୍ମ ସେତେବେଳେ ତାଙ୍କ ଜୀବନକାଳର ମାପକାଠି ହୋଇ ସ୍ମୃତି ପାଲଟି ଯାଏ। ଯାହାକୁ ନେଇ ମୃତ୍ୟୁ ପରେ ମଧ ମଣିଷ ବଞ୍ଚିପାରେ ବୋଲି କଂଗ୍ରେସର ବରିଷ୍ଠ ନେତା ସୁଶାନ୍ତ କୁମାର ବିଶ୍ୱାଳଙ୍କ ଏକାଦଶାହରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବଡ଼ସାହି ବ୍ଲକ୍ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏହି ସ୍ମୃତିସଭାରେ ବ୍ଲକ୍ ସଭାପତି ଶଶାଙ୍କଶେଖର କର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରକାଶ କରମହାପାତ୍ର, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଯୁବ ନେତା ସିଦ୍ଧାର୍ଥ ଅଗ୍ରୱାଲା, ପୂର୍ବତନ ବ୍ଲକ୍ ଅଧକ୍ଷ ମନୋରଂଜନ ବଳ, ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦୀପ୍ତିଭାନୁ ସେନାପତି, ଜିଲ୍ଲା ସମ୍ପାଦକ ବିନୋଦ ବିହାରୀ ବେହେରା, ବେତନଟୀ ବ୍ଲକ୍ ମହିଳା ସଭାପତି ବାସନ୍ତୀ ସାହୁ, ମଙ୍ଗଳ ସିଂ, ସଦାଶିବ ବେହେରା, ନୃସିଂହ ଚରଣ ହାତୀ, ଶିକ୍ଷାବିତ ମନୋରଂଜନ ଲେଙ୍କା, ଆନନ୍ଦଶଙ୍କର ପାତ୍ର, ରବିନାରାୟଣ ମହାନ୍ତ, ଖଗେଶ୍ୱର ନାୟକ ଓ ନଟବର ମହାନ୍ତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତଃ ଶ୍ରୀ ବିଶ୍ୱାଳ ଜଣେ ଟାଣୁଆ ସଂଗଠନ ପ୍ରେମୀ ନେତା ଥିବାବେଳେ ଯୁବଛାତ୍ରଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ଥିଲେ। ତାଙ୍କର ଅକାଳ ମୃତ୍ୟୁ କେବଳ ଦଳ ପାଇଁ ନୁହେଁ, ଏ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ବ୍ଲକ୍ ସଭାପତି ଶ୍ରୀ କର ପ୍ରକାଶ କରିଥିଲେ।

# ପୁରୁଣା ବରଗଛ ଉପୁଡ଼ି ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର ଲୋକ

ରାସଗୋବିନ୍ଦପୁର,୪।୮ (ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ଭଦୁଆସୋଲ ଗ୍ରାମରେ ସୋମବାର ପ୍ରାୟ ୨୦୦ ବର୍ଷ ପୁରୁଣା ବିରାଟ ବରଗଛ ହଠାତ୍ ଉପୁଡ଼ି ପଡ଼ିବାରୁ ଏକ ବଡ଼ଧରଣର ଅଘଟଣ ଘଟିବାରୁ ଅଳ୍ପକେ ରକ୍ଷା ମିଳିଛି। ଉପୁଡ଼ି ପଡ଼ିଥିବା ଗଛଟି ଭଦୁଆସୋଲ ଗ୍ରାମର ଜୟଦେବ ମହାନ୍ତଙ୍କ ବାସଗୃହ ଉପରେ ପଡ଼ିବା ଫଳରେ ଘରଟି



ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଏ ସମୟରେ ଘର ଭିତରେ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ତେବେ ଭାଗ୍ୟବଶତଃ ସେମାନେ ଅଳ୍ପକେ ବର୍ତ୍ତିଯାଇଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଗଛ ପଡ଼ିବାରୁ ଘରର ଆସବାବପତ୍ର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି। ଖବର ପାଇ ରାସଗୋବିନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ସହ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ସ୍ଥାନୀୟ ଗ୍ରାମବାସୀ ମଧ ଉଦ୍ଧାର କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ଏହି ଘଟଣାରେ କୌଣସି ଜୀବନହାନି ଘଟି ନ ଥିବାବେଳେ ପରିବାରଟି ବର୍ତ୍ତମାନ ଖୋଲା ଆକାଶ ତଳେ ରହିବାକୁ ବାଧ ହୋଇଛି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କାର୍ ଭିତରୁ ପୁଲିସ କନଷ୍ଟେବଲଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର



ବାରିପଦା, ୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ନିକଟ ୧୮ ନଂ ରାଜପଥର ପଦ୍ମନାଭପୁର ଟୋଲଗେଟ ପାଶ୍ୱର୍ରେ ଛିଡ଼ା ହୋଇଥିବା କାର୍ ଭିତରୁ କନଷ୍ଟେବଲ ବସନ୍ତ ମହାନ୍ତଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣା ସୋମବାର ଭିନ୍ନ ମୋଡ ନେଇଛି। ଶରୀରରେ ଗଭୀର କ୍ଷତଚିହ୍ନ ଥିବାବେଳେ ମୃତକଙ୍କ ବଡ଼ଭାଇ ହତ୍ୟା ଅଭିଯୋଗ ଆଣିଛନ୍ତି। ରବିବାର ବୈଶିଙ୍ଗା ପୁଲିସ ହୃଦଘାତ୍ ସନ୍ଦେହରେ ମୃତ୍ୟୁ ବୋଲି କହି ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ କନଷ୍ଟେବଲ ଜଣକ ହେଉଛନ୍ତି ୨୦୦୨ ବ୍ୟାଚ୍‌ର ବସନ୍ତ ମହାନ୍ତ।

ସୋମବାର ସକାଳ ୧୧ଟାରୁ ରାସ୍ତା କଡ଼ରେ ତାଙ୍କର କାର୍ ଦୀର୍ଘ ସମୟ ଛିଡ଼ା ହୋଇରହିଥିଲା। ଅପରାହ୍ନ ପର୍ଯ୍ୟନ୍ତ କାର୍ ଅଚଳ ରହିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। କାର୍ ନିକଟକୁ ଯାଇ ଦେଖିବା ବେଳକୁ ଚାଳକ ଆସନରେ ବସନ୍ତ ମୃତ ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲା। ପୁଲିସ ପକ୍ଷରୁ ପ୍ରଥମେ ଏହାକୁ ହୃଦଘାତଜନିତ ମୃତ୍ୟୁ ବୋଲି କୁହାଯାଇଥିଲା। ତେବେ ବସନ୍ତଙ୍କ ଶରୀରରେ, ବିଶେଷକରି ବେକରେ ଦଉଡି ଦାଗ ଓ ନଖ ଚିହ୍ନ ଥିବାବେଳେ ହାତରେ ଗରମ ଚେଙ୍କ ଚିହ୍ନ ଓ ଛାତି ନିକଟରେ ଗଭୀର କ୍ଷତଚିହ୍ନ ଥିବା ଦେଖି ଏହାକୁ ଏକ ଷଡ଼ଯନ୍ତ୍ରଜନିତ କିମ୍ବା ଆକ୍ରମଣଜନିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବଡ଼ଭାଇ ମନୋଜ ମହାନ୍ତ ଅଭିଯୋଗ କରିବା ସହିତ ପୁଲିସର ନିରପେକ୍ଷ ତଦନ୍ତ ଓ ନ୍ୟାୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ଅସଲ କାରଣ ସ୍ପଷ୍ଟ ହେବ। ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଆମେ ଗ୍ରହଣ କରିବୁ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି। କନଷ୍ଟେବଲଙ୍କ ଅଳ୍ପ ବୟସରେ ମୃତ୍ୟୁ ସମସ୍ତଙ୍କୁ ଗଭୀର ମର୍ମାହତ କରିଛି। ଆମେ ପରିବାର ସହିତ

### ● ଦେହରେ ରହିଛି ଚେଙ୍କ, ନଖ ଓ ଦଉଡ଼ି ଦାଗ
### ● ତଦନ୍ତ ଚାଲିଛି: ଏସ୍‌ପି

ଅଛୁ, ସବୁ ଫାଇନାନ୍ସିଆଲ୍ ପ୍ରୋସେସିଂ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି। ମଙ୍ଗଳବାର କନଷ୍ଟେବଲଙ୍କୁ ଶେଷ ସମ୍ମାନ ଦେବା ପାଇଁ ମରଶରୀରକୁ ଜିଲ୍ଲା ପୁଲିସ ରିଜର୍ଭ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ପୁଲିସ କନଷ୍ଟେବଳ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଘର ସମ୍ପାଦକ ସୂରଜ କୁମାର ରାଜଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା,୪।୮ (ସମିସ): ବାଙ୍ଗିରିପୋଷି ଥାନା ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଚଢେଇପାହାଡି ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ରଙ୍ଗାମାଟିଆ ଗ୍ରାମର ସାଲହ ମାରାଣ୍ଡି ଜଳଡିହା ଗ୍ରାମର ହରିଟୁଡୁକୁ ବିବାହ କରିଥିଲେ। କିଛିବର୍ଷ ହେଲା ସ୍ୱାମୀଙ୍କୁ ଛାଡି ଏକା ଚଢେଇ ପାହାଡିରେ ରହୁଥିଲେ। ତେବେ ଏକ ଲୁଙ୍ଗି ସାହାଯ୍ୟରେ ଘରେ ଫାସି ଲଗାଥାଇ ତାଙ୍କ ମୃତଦେହ ଝୁଲୁଥିବା ଖବର ପାଇ ପୁଲିସ ଉଦ୍ଧାର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ ଜଣାପଡିବ ବୋଲି ପୁଲିସ କହିଛି। ମହିଳାଙ୍କ କକା କାନଗୋଇ ମାରାଣ୍ଡିଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

# ଫୁଲ ତୋଳିବା ବେଳେ ମରଣାନ୍ତକ ଆକ୍ରମଣ ଅଭିଯୋଗ



ବାରିପଦା, ୪।୮ (ସମିସ): ବାରିପଦା ଟାଉନ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ସକାଳେ ଫୁଲ ତୋଳିବା ବେଳେ ତାଙ୍କୁ ସଙ୍ଗବଦ୍ଧ ଆକ୍ରମଣ ହୋଇଛି। ଏ ନେଇ ବାରିପଦା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପାଲବଣୀ ଛକ ନିକଟରେ ସକାଳ ସମୟରେ ଉତ୍ତମ କୁମାର ଜ୍ୟୋତିଷୀ ଫୁଲ ତୋଳୁଥିଲେ। ଏ ସମୟରେ ତାଙ୍କୁ ଏକୁଟିଆ ପାଇ କିଛି ବ୍ୟକ୍ତି ଆସି ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଉତ୍‌କ୍ଷିପ୍ତ ହୋଇ ସଙ୍ଗବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ମାଆଙ୍କ ସହିତ ଅନ୍ୟ କେହି ବ୍ୟକ୍ତି ଝଗଡ଼ା କରିଥିଲେ। ଶ୍ରୀ ଜ୍ୟୋତିଷୀଙ୍କୁ ଉକ୍ତ ବ୍ୟକ୍ତି ଭ୍ରମବଶତଃ ଚିହ୍ନିତ କରିଥିଲେ। ପରିଚୟ ନିଶ୍ଚିତ ନ କରି ସେମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ସେ ଗୁରୁତର ଭାବେ ଆହତ ହୋଇ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବାରିପଦା ଟାଉନ ଥାନା ଅନ୍ତର୍ଗତ ପ୍ରଫୁଲ୍ଲ ନଗର ଅଞ୍ଚଳର ବିଷ୍ଣୁ ଭଗତ, ସୁମନ ଭଗତ ଓ ବିନୋଦ ଭଗତ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଅଭିଯୁକ୍ତଙ୍କ ପକ୍ଷରୁ ମଧ ଉତ୍ତମଙ୍କ ବିରୋଧରେ ପ୍ରତି ଅଭିଯୋଗ ହୋଇଛି। ପୁଲିସ ଉଭୟ ମାମଲାର ତଦନ୍ତ ଜାରି ରଖିଛି।

# ୭୦ ଲିଟର ମଦ ଓ ବାଇକ୍ ଜବତ, ୪ ଗିରଫ

କୁଆମରା,୪।୮ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ପୃଥକ୍ ସ୍ଥାନରେ ଚଢ଼ଉ କରାଯାଇ ୭୦ ଲିଟର ଦେଶୀମଦ ଜବତ ହୋଇଥିବାବେଳେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇ ପୃଥକ ମାମଲା ରୁଜୁ ହୋଇଛି। ଏଥିସହ ଏକ ବାଇକ୍ ଜବତ ହୋଇଛି। ଖୁଣ୍ଟା ଥାନା ଅନ୍ତର୍ଗତ କୁଶଗଡ଼ିଆ ଗ୍ରାମର ମାୟାବତୀ ହେମ୍ବ୍ରମ (୩୧)ଙ୍କଠାରୁ ୨୦ ଲିଟର, ପୁରୁଣାପାଣି ଗ୍ରାମର ରାକେଶ କୁମାର କିସ୍କୁ (୨୬)ଙ୍କଠାରୁ ୧୫ ଲିଟର, ବଡ଼ସାହି ଥାନା ଅନ୍ତର୍ଗତ ଯଦୁନାଥପୁର ଗ୍ରାମର ଦୁର୍ଗା ସିଂ (୩୨)ଙ୍କଠାରୁ ୨୦ ଲିଟର ଓ ମିଥୁନ ସିଂ (୨୨)ଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଜବତ ହୋଇଥିବା ସମ୍ପୃକ୍ତ ବାଇକଟି ଅଭିଯୁକ୍ତ ଦୁର୍ଗା ସିଂଙ୍କର ବୋଲି ପୁଲିସ କହିଛି। ଖୁଣ୍ଟା ଅବକାରୀ ଥାନା ଓଆଇସି ଅଞ୍ଜନ କୁମାର ଜେନା, ଏଏସଆଇ କୃଷ୍ଣସୁନ୍ଦର ସେଠୀ, ପାର୍ବତୀ ମାରାଣ୍ଡି, ନିରଞ୍ଜନ ମହାନ୍ତ, କିଶୋର ସୋରେନ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

# ମୟୂରଭଞ୍ଜର ଆଦିବାସୀ ଛାତ୍ରଛାତ୍ରୀଙ୍କ ବଡ଼ ସଫଳତା

### ● ୪୦ ଜଣଙ୍କ ଇଞ୍ଜିନିୟରିଂ କଲେଜରେ ଆସନ ନିଶ୍ଚିତ
### ● ଦୁଇଜଣ ଏନ୍‌ଆଇଟିରେ ସ୍ଥାନ ପାଇଲେ

ବାରିପଦା,୪।୮ (ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଜିଲ୍ଲା ପ୍ରଶାସନର ଉଦ୍ୟମ ଫଳରେ ପ୍ରାୟ ୪୦ ଜଣ ଆଦିବାସୀ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ କଲେଜରେ ଆସନ ନିଶ୍ଚିତ କରିଛନ୍ତି। ଏଥିମଧ୍ୟରୁ ଦୁଇଜଣ ଜାତୀୟ ପ୍ରଯୁକ୍ତି ସଂସ୍ଥାନ (ଏନଆଇଟି)ରେ ସ୍ଥାନ ପାଇଥିବାରୁ ଶିକ୍ଷା କ୍ଷେତ୍ରରେ ଏକ ବଡ ସଫଳତା ହାସଲ ହୋଇଛି।

ସୂଚନା ମୁତାବକ, ଜିଲ୍ଲା ପ୍ରଶାସନର ଶିକ୍ଷା କାର୍ଯ୍ୟକ୍ରମ "ମେଧାବୀ ମୟୂରଭଞ୍ଜ' ଅଧୀନରେ ଏହି ଉଦ୍ୟମ ଜିଲ୍ଲାପାଳ ଆରମ୍ଭ କରିଥିଲେ। ଏହା ପ୍ରାଥମିକ ଶିକ୍ଷାରୁ ଉଚ୍ଚମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ମାନ ଓ ସାକ୍ଷରତା ସ୍ତର ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ ଅଧୀନରେ "ଆଚିଭର୍ସ' ନାମକ ଏକ ବିଶେଷ ପଦକ୍ଷେପ ଆରମ୍ଭ କରାଯାଇଥିଲା, ଯଦ୍ୱାରା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଭଳି ବୃତ୍ତିଗତ ପାଠ୍ୟକ୍ରମର ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଉଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଭଲ ସୁଯୋଗ ଦେବା ପାଇଁ କେନ୍ଦ୍ରୀୟ କୋଚିଂ ଓ ଶିକ୍ଷା ସହାୟତା ମାଧ୍ୟମରେ ଏହି ପଦକ୍ଷେପ ଆରମ୍ଭ



କରାଯାଇଥିଲା। 'ମେଧାବୀ ମୟୂରଭଞ୍ଜ' ଅଧୀନରେ ଆମେ "ଆଚିଭର୍ସ' ନାମକ ଆଉଏକ ପଦକ୍ଷେପ ଆରମ୍ଭ କରିଥିଲୁ । ଗତବର୍ଷ ଆରମ୍ଭ କରିଥିବାରୁ ପ୍ରାୟ ୧୬ରୁ ୧୭ ଜଣ ଛାତ୍ର ଇଞ୍ଜିନିୟରିଂ କଲେଜରେ ଭର୍ତ୍ତି ହୋଇଥିଲେ। ଏବର୍ଷ ଆମେ ଏହାକୁ ଜାରି ରଖିଛୁ ଓ ଚୟନ ପ୍ରକ୍ରିୟାକୁ ଅଧିକ ମଜବୁତ କରିଛୁ ବୋଲି କହିଛନ୍ତି। ଏଥିରେ ବାଙ୍ଗିରିପୋଷିରେ ଏକଲବ୍ୟ ମଡେଲ ରେସିଡେନ୍ସିଆଲ୍ ସ୍କୁଲ୍ (ଇଏମଆରଏସ୍) ଓ ଏସଏସଡି ବିଭାଗ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ କୋଚିଂ ସୁବିଧା ଯୋଗାଇ ଦିଆଯାଇଥିଲା। ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଛାତ୍ର ଚୟନ କରାଯାଇଥିଲା। ପ୍ରାୟ ୪୦ରୁ ୫୦ ଜଣଙ୍କୁ ମେଡିକାଲ୍ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ମାଗଣା ଖାଦ୍ୟ ଓ କୋଚିଂ ସୁବିଧା ଦିଆଯାଇଥିଲା। କାଉନସେଲିଂ ମାଧ୍ୟମରେ ଏ ପର୍ଯ୍ୟନ୍ତ ପ୍ରାୟ ୪୦ ଜଣ ଛାତ୍ର ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଭଳି ଶାଖାରେ ଇଞ୍ଜିନିୟରିଂ କଲେଜରେ ଭର୍ତ୍ତି ପାଇଁ ଚୟନ ହୋଇଛନ୍ତି। ଏଥିମଧ୍ୟରୁ ଦୁଇଜଣ ଏନଆଇଟିରେ ସ୍ଥାନ ପାଇଛନ୍ତି। ଅନ୍ୟମାନେ ରାଜ୍ୟ ଇଞ୍ଜିନିୟରିଂ କଲେଜରେ ଚୟନ ହୋଇଛନ୍ତି। ଅଦ୍ୟାବଧି କାଉନସେଲିଂ ଚାଲିଛି ଓ ଆହୁରି ଅଧିକ ଚୟନ ହେବ ବୋଲି ଆଶା କରାଯାଉଛି।

ଗତବର୍ଷ ପ୍ରାୟ ୧୬-୧୭ ଜଣ ଛାତ୍ର ଆସନ ନିଶ୍ଚିତ କରିଥିବାବେଳେ ଏବର୍ଷ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏନଆଇଟି ଜାମସେଦପୁରରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଆସନ ପାଇଥିବା ଜଣେ ଛାତ୍ର ଏକ କୃଷକ ପରିବାରର ଅଟନ୍ତି। ଗ୍ରାମୀଣ ଓ ଆର୍ଥିକ ଦୁର୍ବଳ ପୃଷ୍ଠଭୂମିରୁ ଆସିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ବଡ଼ ମାଇଲଖୁଣ୍ଟ ବୋଲି ଜିଲ୍ଲାପାଳ କହିଛନ୍ତି। ପରବର୍ତ୍ତୀ ସମୟରେ ଆମେ ଏନଆଇଟି ଚୟନ ସଂଖ୍ୟା ବଢ଼ାଇବାକୁ ଚେଷ୍ଟା କରିବୁ। ଏନଆଇଟିରେ ସ୍ଥାନ ପାଇବା ସେମାନଙ୍କ ପାଇଁ ଏକ ବିଶାଳ ସଫଳତା। ଏହା ତାଙ୍କ ଭବିଷ୍ୟତ ସୁରକ୍ଷିତ କରେ, ପରବର୍ତ୍ତୀ ପିଢ଼ିର ଜୀବନଧାରଣ ସ୍ତର ଉନ୍ନତ କରେ ଓ ସମାଜକୁ ମୁଖ୍ୟଧାରାରେ ଆଣିବାରେ ସାହାଯ୍ୟ କରିବ ବୋଲି ଆଶା କରିଛନ୍ତି। ଜିଲା ପ୍ରଶାସନ ପିଏମ-ଜନମାନ୍ ଓ ଆଦି କର୍ମଯୋଗୀ ଅଭିଯାନ ଭଳି କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଆଦିବାସୀ ଶିକ୍ଷା ଭିତ୍ତିଭୂମି ଉନ୍ନତ କରିବା ଦିଗରେ ମଧ କାର୍ଯ୍ୟ କରୁଛି। ଏହି ଛାତ୍ରୀଛାତ୍ରଙ୍କ ସଫଳତା ମୟୂରଭଞ୍ଜର ଗାଁଗୁଡ଼ିକର ଅନ୍ୟ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଓ ବୃତ୍ତିଗତ କ୍ୟାରିୟର୍ ଆଡ଼କୁ ଆଗେଇବା ପାଇଁ ପ୍ରେରଣା ଦେଉଛି। ପ୍ରଶାସନ ମେଡିକାଲ୍ ପ୍ରବେଶିକା ପ୍ରସ୍ତୁତି ଉପରେ ମଧ ଧ୍ୟାନ ଦେଉଛି, ଯାହା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଏହି ଅଞ୍ଚଳର ଛାତ୍ରୀଛାତ୍ର ସରକାରୀ ମେଡିକାଲ୍ କଲେଜରେ ଆସନ ନିଶ୍ଚିତ କରିପାରିବେ।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।
-ୟୁଭାଲ୍ ନୋ ହରାରି

## 'ଜୟ ଜଗନ୍ନାଥ' କହିବା ଛାଡ଼ିଦିଅନ୍ତୁ!

ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ହେବାର ପୁଣି ଏକ ଆଶା ସଞ୍ଚାର ହୋଇଛି। ବିଳମ୍ବରେ ହେଲେ ମଧ୍ୟ ଶେଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କୁ ଗତ ୧ ତାରିଖରେ ଚିଠି ଲେଖିଛନ୍ତି। ପୁରୀ ଶ୍ରୀମନ୍ଦିର ପ୍ରଶାସନ ଏହି ମର୍ମରେ ଯେଉଁ ଆବେଦନ କରିଛନ୍ତି ତାହାର ବିଚାର ଯେପରି ତ୍ୱରାନ୍ୱିତ ହୋଇପାରିବ ସେ ବିଷୟରେ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି। ଏହା ସର୍ବାଦୌ ସ୍ୱାଗତଯୋଗ୍ୟ।

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଘୋଷଣାନାମାରେ ସ୍ୱାକ୍ଷର କରିଥିବାରୁ ଭାରତ ସରକାର ବିଭିନ୍ନ ରାଜ୍ୟର ସର୍ବାଦୃତ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ବା ତାଲିକାଭୁକ୍ତ କରିବା ପାଇଁ ସୁପାରିସ କରିବାର ବିଧିବ୍ୟବସ୍ଥା ରହିଛି। ରାଜ୍ୟମାନଙ୍କର ସୁପାରିସକ୍ରମେ ୟୁନେସ୍କୋକୁ ଏହି ତାଲିକା ପଠାଇବାର ଦାୟିତ୍ୱ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର। ଏହାପରେ ୟୁନେସ୍କୋ ପ୍ରତିନିଧି ପ୍ରତ୍ୟକ୍ଷ ଭାବେ ମହତ୍ତ୍ୱ ଉପଲବ୍ଧି କରିବା ପରେ ଉକ୍ତ ଐତିହ୍ୟକୁ ମାନ୍ୟତା ଦେଇଥା'ନ୍ତି। ହୁଏତ ଦଳୀୟ ରାଜନୀତି ଦୃଷ୍ଟିରୁ ହେଉ କିମ୍ବା ଆଞ୍ଚଳିକ ଅସୂୟା ଯୋଗୁଁ ଅନେକ ସମୟରେ ରାଜ୍ୟ ସରକାରମାନଙ୍କର ସୁପାରିସ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ କାଟ୍ ଖାଇଯାଏ। ଏହାର ଉଦାହରଣ ମଧ୍ୟ ବହୁଳ। ଶ୍ରୀଜଗନ୍ନାଥଙ୍କୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାର ଏ ଦିଗରେ ସୁପାରିସକୁ ଅଗ୍ରାଧିକାର ଦେଇଥିଲେ ଭଲ ହୋଇଥା'ନ୍ତା। ଗତବର୍ଷ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ଏକ ପ୍ରଶ୍ନୋତ୍ତର ଛଳରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ୍ କରିବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦେଇଥିଲେ। କିନ୍ତୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା କଥା ସରକାର ଭୁଲିଗଲେ।

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଞ୍ଚଳିକ ପରମ୍ପରା ଓ ରୀତିନୀତିରେ ସୀମିତ ନୁହେଁ। ଏହା ସାମ୍ୟତା, ସର୍ବଧର୍ମ-ସମ୍ପ୍ରଦାୟ ସମନ୍ୱୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାହିତ୍ୟ, ବିଜ୍ଞାନ, ଭୂଗୋଳ, ଇତିହାସର ଅପୂର୍ବ ସମନ୍ୱୟରେ ଋଦ୍ଧିମନ୍ତ। ବିଶ୍ୱର ଅନେକ ରାଷ୍ଟ୍ରରେ ରଥଯାତ୍ରା ପାଳିତ ହୋଇଆସୁଛି। ଅନ୍ୟ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ସନାତନ ଧର୍ମ ସ୍ୱତଃ ଗ୍ରହଣ କରୁଛନ୍ତି। ରଥଯାତ୍ରାର ସାଙ୍ଗୀତିକତା, ଚିତ୍ରକଳା, ନୃତ୍ୟ ତତ୍ତ୍ୱ ମୌଳିକ ଓ ଶାସ୍ତ୍ରସମ୍ମତ। ବିଶ୍ୱ ପର୍ଯ୍ୟଟନରେ ମଧ୍ୟ ପୁରୀ ରଥଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନଦଣ୍ଡର ଏପରି କୌଣସି ବିଭାଗ ନାହିଁ, ଯାହା ରଥଯାତ୍ରାରେ ସନ୍ନିହିତ ହୋଇନାହିଁ। ତଥାପି କାହିଁକି ଯେ ରଥଯାତ୍ରା ଏହି ତାଲିକାରୁ ଏତେଦିନ ଧରି ବଞ୍ଚିତ ହୋଇରହିଛି ତାହାର ଉତ୍ତର କିଏ ଦେବା ଉଚିତ ତାହା ଆଉ ଅଧିକ ବୁଝାଇ କହିବା ଆବଶ୍ୟକ ନାହିଁ।

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ଦୀର୍ଘବର୍ଷ ଧରି ଅଧିଷ୍ଠିତ। ପିଏମ୍‌ଓର ମୁଖ୍ୟ ସଚିବ ମଧ୍ୟ ଓଡ଼ିଆ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଅବହେଳା କଲେ ଇତିହାସ ଆମକୁ କ୍ଷମା ଦେବ ନାହିଁ; ବିଶେଷକରି ସେମାନଙ୍କୁ, ଯେଉଁମାନେ ସାମର୍ଥ୍ୟ, କ୍ଷମତା, ଅଧିକାର ଥିବା ସତ୍ତ୍ୱେ ଜଗନ୍ନାଥଙ୍କ କାମକୁ ହତାଦର କରିଛନ୍ତି।

ଯେକୌଣସି କେନ୍ଦ୍ରୀୟ ନେତୃମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଲେ 'ଜୟଜଗନ୍ନାଥ' ଶବ୍ଦରୁ ଭାଷଣ ଆରମ୍ଭ କରନ୍ତି। ଏପରିକି ଶ୍ରୀଜଗନ୍ନାଥଙ୍କୁ ନାବ କରି ନିର୍ବାଚନୀ ବୈତରଣୀ ପାର ହେଉଛନ୍ତି। କିନ୍ତୁ ଜଗନ୍ନାଥଙ୍କ କାମ ବେଳେ, ସେ ପରିକ୍ରମା ପ୍ରକଳ୍ପ ହେଉ କି ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ହେଉ, ହୁଏତ ବିରୋଧ କିମ୍ବା ହତାଦର କରୁଛନ୍ତି। ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ରଥଯାତ୍ରା ଏହି ତାଲିକାରେ ସାମିଲ୍ ହେବାର ସମ୍ଭାବନା ନାହିଁ। ବିଡ଼ମ୍ବନା ହେଉଛି ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିବାର ବହୁ ପରେ 'ଛଟ ପୂଜା' ପାଇଁ ଆବେଦନ ହେଲା; ଅଥଚ ଏହା ୨୦୨୬-୨୭ ପାଇଁ 'ଛଟ୍ ପୂଜା' ଯୋଗ୍ୟ ବିବେଚିତ ହୋଇଗଲା। ଏହା ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ।

ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଊର୍ଦ୍ଧ୍ୱକୁ ଉଠି ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ମଧ୍ୟ ଉଠିବା ଜରୁରୀ। ସଂସଦର ମୌସୁମୀ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ସରକାର ଚାହିଁଲେ ରଥଯାତ୍ରା ମଧ୍ୟ ଛଟ୍ ପୂଜା ସହିତ ୨୦୨୬-୨୭ ପାଇଁ ଯୁଗ୍ମ ତାଲିକାରେ ସ୍ଥାନିତ ହୋଇପାରିବ। କେବଳ ଆନ୍ତରିକତା ଆବଶ୍ୟକ।

ଶେଷ କଥାଟି ହେଉଛି, ବିଳମ୍ବ ହେଉ ପଛେ ଯେଉଁ ପଦକ୍ଷେପଟି ଆରମ୍ଭ ହୋଇଛି ତାହା କେବଳ ଲୋକଦେଖାଣିଆ ହୋଇ ରହି ନ ଯାଉ। ଆନ୍ତରିକତା ରହିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ସବୁ କାମ ଜଗନ୍ନାଥଙ୍କ ଉପରେ ଛାଡ଼ି ଦେଇ ବସିଗଲେ ଚଳିବ ନାହିଁ। ଅନିଚ୍ଛା ସତ୍ତ୍ୱେ କ୍ଷମାପ୍ରାର୍ଥନା ସହିତ ଏହି କଠୋର ବାକ୍ୟ କହିବାକୁ ପଡ଼ୁଛି ଯେ - ଯେଉଁମାନେ ସମ୍ଭାଷଣରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରୁଛନ୍ତି; ଅଥଚ ଜଗନ୍ନାଥଙ୍କ କାମ କରୁନାହାନ୍ତି ସେମାନେ ବରଂ ସେହି ଛଳନା ବିଜଡ଼ିତ ଲୋକଦେଖାଣିଆ ଅଭ୍ୟାସଟି ଛାଡ଼ି ଦିଅନ୍ତୁ। କାରଣ ଜଗନ୍ନାଥ ସବୁ ସହିପାରନ୍ତି, କପଟାଚରଣ ନୁହେଁ। ●

## ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ

**ଡ. ବିମଳ ଷଡ଼ଙ୍ଗୀ**

ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ତାହାର ସମ୍ବିଧାନ, ସ୍ୱାଧୀନ ନ୍ୟାୟପାଳିକା, ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା, ସ୍ୱାଧୀନ ଗଣମାଧ୍ୟମ ଓ ଉତ୍ତରଦାୟୀ ସରକାର। କୌଣସି ଦେଶର ଉନ୍ନତି କେବଳ ଜଣେ ନେତାଙ୍କ ଲୋକପ୍ରିୟତା ବା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରେନାହିଁ, ବରଂ ଅନ୍ୟାନ୍ୟ ସ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକର ସ୍ୱଚ୍ଛତା ଓ ସ୍ଥାୟିତ୍ୱ ଉପରେ ନିର୍ଭର କରିଥାଏ। ଭାରତର ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ଅନୁସାରେ 'ସମ୍ବିଧାନ କେତେ ଭଲ ହେଉନା କାହିଁକି, ଯଦି ତାହାକୁ ପରିଚାଳନା କରୁଥିବା ଲୋକମାନେ ଭଲ ହୋଇ ନ ଥିବେ, ତେବେ ସେହି ସମ୍ବିଧାନ କେବେ ବି ଉତ୍ତମ ଭଲ ଫଳ ଦେଇପାରିବ ନାହିଁ।' ସେହିପରି ଆବ୍ରାହାମ ଲିଙ୍କନଙ୍କ ପ୍ରସିଦ୍ଧ ଉକ୍ତି 'ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ସରକାର' ହିଁ ଗଣତନ୍ତ୍ରର ପ୍ରକୃତ ପରିଚୟ। ଇତିହାସ କହେ, ମହାନ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ କୌଣସି ବ୍ୟକ୍ତିଙ୍କ ଦ୍ୱାରା ନୁହେଁ, ବରଂ ଶକ୍ତିଶାଳୀ ପ୍ରତିଷ୍ଠାନ, ସକ୍ରିୟ ଓ ସଚେତନ ନାଗରିକ ଏବଂ ସମ୍ବିଧାନିକ ମୂଲ୍ୟବୋଧ ଦ୍ୱାରା ତିଷ୍ଠି ରହିଥାଏ। ଭାରତର ଆଗାମୀ ବର୍ଷର ଯାତ୍ରା ମଧ୍ୟ ଏହି ମୂଲ୍ୟବୋଧକୁ କେତେ ସୁଦୃଢ଼ କରିପାରୁଛି ତାହା ମୁଖ୍ୟ ଆଲୋଚ୍ୟର ବିଷୟ।

ଭାରତ ସ୍ୱାଧୀନତାର ପରବର୍ତ୍ତୀ ଇତିହାସ ଦେଖିଲେ ଜଣାପଡ଼େ ଯେ, ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଚାପ କୌଣସି ଗୋଟିଏ ଦଳ କିମ୍ବା ଗୋଟିଏ ଯୁଗର ସମସ୍ୟା ନୁହେଁ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ନିଜ ନିଜର ରାଜନୈତିକ ଫାଇଦା ଅନୁସାରେ ସମ୍ବିଧାନ, ଆଇନ ଓ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଭାବିତ କରିବାର ଚେଷ୍ଟା କରିଛନ୍ତି ଏବଂ ଏବେ ବି ଚେଷ୍ଟା ଚାଲିଛି। ଏହି ସତ୍ୟକୁ ସ୍ୱୀକାର କରିବା ହିଁ ଗଣତାନ୍ତ୍ରିକ ପରିପକ୍ୱତାର ପ୍ରଥମ ପଦକ୍ଷେପ। ଭାରତୀୟ ସମ୍ବିଧାନ ନାଗରିକଙ୍କୁ କେବଳ ଭୋଟ ଦେବାର ଅଧିକାର ଦେଇନାହିଁ; ଏହା ମତପ୍ରକାଶ, ସମାଲୋଚନା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ମଧ୍ୟ ଦେଇଛି।

ନିକଟରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ସ୍ମରଣ କରାଇଥିଲେ ଯେ, ପ୍ରତିବାଦ କରିବା ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଦୁଃଖର ବିଷୟ, ଦେଶରେ ଯେତେବେଳେ କୌଣସି ପ୍ରତିବାଦ ହୁଏ, ସରକାରର ସମର୍ଥକ ନେତା, ପ୍ରବକ୍ତାମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରତିବାଦକାରୀଙ୍କୁ ବଦନାମ କରିବାରେ ଲାଗିପଡ଼ନ୍ତି। କୃଷକମାନେ କୃଷି ଆଇନ ବିରୋଧରେ ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିବା ବେଳେ ସେମାନଙ୍କୁ ଦେଶଦ୍ରୋହୀ, ଖାଲିସ୍ତାନୀ ଓ ରାଷ୍ଟ୍ରବିରୋଧୀ ବୋଲି କୁହାଯାଇଥିଲା। ବାସ୍ତବରେ ଶାସନ କ୍ଷମତାରେ ରହିଥିବା ବ୍ୟକ୍ତିମାନେ ସେମାନଙ୍କୁ ଆଲୋଚନା ପାଇଁ ଡାକି ସେମାନଙ୍କ କଥା ଶୁଣିବାର ଆବଶ୍ୟକତା ଥିଲା। ତାହା କାହିଁକି ହେଲା ନାହିଁ, ଆଜି ମଧ୍ୟ ଅସ୍ପଷ୍ଟ।

ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି କକ୍ରୋଚ ଜନତା ପାର୍ଟିର ନେତା ଓ ସମର୍ଥକମାନେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅତୀତରେ ମହାନ ରାଷ୍ଟ୍ର ନେତା ଲାଲ ବାହାଦୁର ଶାସ୍ତ୍ରୀ ଗୋଟିଏ ରେଳ ଦୁର୍ଘଟଣାରେ ନିଜକୁ ଦାୟୀ କରି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ, ଯାହାକୁ କୁହାଯାଏ ସଂବେଦନଶୀଳ ଉତ୍ତରଦାୟୀ। ମାତ୍ର ଆଜି ସେପରି ସଂବେଦନଶୀଳତାର ଅଭାବ ପରିଲକ୍ଷିତ। ଯେ କୌଣସି ଘଟଣା ବା ଦୁର୍ଘଟଣା ପାଇଁ ଶାସନତନ୍ତ୍ର ନିଜକୁ ଦାୟୀ କରିବାକୁ କୁଣ୍ଠିତ। ସୋନମ ୱାଙ୍ଗଚୁକଙ୍କ ଅନଶନ ଭଳି ପଦକ୍ଷେପ ଆଜିର ପରିସ୍ଥିତିରେ ବିଶେଷ ପ୍ରଭାବଶାଳୀ ନୁହେଁ ବୋଲି ହୃଦବୋଧ ହୁଏ। ଆଜିର ଯୁବପିଢ଼ି ଦେଶର ଶିକ୍ଷା ବ୍ୟବସ୍ଥାର ଦୟନୀୟ ଅବସ୍ଥା ଏବଂ ଶିକ୍ଷା ପାଇବା ପରେ ମଧ୍ୟ ଚାକିରିର ଭୟଙ୍କର ଅଭାବ ପ୍ରତି କ୍ଷୁବ୍ଧ ହେବାର ପୂର୍ଣ୍ଣ ଅଧିକାର ରଖିପାରିବେ। ତା' ବ୍ୟତୀତ ଦୁର୍ନୀତି, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ, ବିଜୁଳି, ପାନୀୟଜଳ, ପୋଷଣଯୁକ୍ତ ଖାଦ୍ୟ, ଭିତ୍ତିଭୂମି ନିର୍ମାଣ ଓ ଅତିରିକ୍ତ ଘରୋଇକରଣ ବ୍ୟବସ୍ଥାର ପ୍ରୟୋଗ ଆଦି ଅନେକ ଅବ୍ୟବସ୍ଥିତ କାର୍ଯ୍ୟ ପାଇଁ ନିଜର ଅଭିବ୍ୟକ୍ତି ରଖିପାରିବାର ଅଧିକାର ରହିଛି। କାରଣ ସେମାନେ ହିଁ ଦେଶର ଭବିଷ୍ୟତ।

ଆମ ଗଣତନ୍ତ୍ରକୁ ଆଉ ଗୋଟିଏ ବଡ଼ ବିପଦ ହେଉଛି ବ୍ୟକ୍ତିପୂଜାର ସଂସ୍କୃତି। ଅନେକ ରାଜନେତା ନିଜର ଛବିକୁ ବିଦ୍ୟୁତ୍ ଖୁଣ୍ଟ, ପେଟ୍ରୋଲ ପମ୍ପ, ସରକାରୀ ବିଜ୍ଞାପନ, ସମ୍ବାଦପତ୍ର ଓ ଟେଲିଭିଜନ ଆଦି ସ୍ଥାନରେ ପ୍ରଚାର କରିବାକୁ ଆଗ୍ରହୀ, ଯାହା ଗଣତନ୍ତ୍ର ପାଇଁ କେବେ ବି ସ୍ୱାସ୍ଥ୍ୟକର ନୁହେଁ। ଏପରି ଆତ୍ମପ୍ରଚାର ଆଉ ଗୋଟିଏ କଥା ପ୍ରମାଣ କରେ ଯେ ବିକାଶ ଓ ଆଧୁନିକତାର ଦାବି ସତ୍ତ୍ୱେ ଆମେ ଏପର୍ଯ୍ୟନ୍ତ ଏପରି ଗୋଟିଏ ସମାଜରେ ବାସ କରୁଛୁ, ଯେଉଁଠାରେ ନିର୍ବାଚିତ ନେତାମାନେ ରାଜାଙ୍କ ଭଳି ବ୍ୟବହାର କରିବାକୁ ଆଗଭର।

ସେହିପରି ଗଣତନ୍ତ୍ରରେ ସଂଳାପର କୌଣସି ବିକଳ୍ପ ନାହିଁ। ଯଦି ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଆସୁଛନ୍ତି, ତେବେ ତାହାକୁ କେବଳ ଆଇନ-ଶୃଙ୍ଖଳାର ସମସ୍ୟା ଭାବେ ନଦେଖି, ଜନଅସନ୍ତୋଷର ସଙ୍କେତ ଭାବେ ଗ୍ରହଣ କରିବା ଦରକାର। ଶାସନର ଶକ୍ତି ନିରବତାରେ ନୁହେଁ, ଶୁଣିବାର କ୍ଷମତାରେ ପ୍ରକାଶ ପାଏ। ଭାରତର ଶିକ୍ଷା ବ୍ୟବସ୍ଥା ଆଜି ଅନେକ ପ୍ରଶ୍ନର ସମ୍ମୁଖୀନ। ପରୀକ୍ଷା ପରିଚାଳନାରେ ତ୍ରୁଟି, ନିଯୁକ୍ତିରେ ବିଳମ୍ବ, ଗବେଷଣାର ଦୁର୍ବଳତା, ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଉପରେ ବିତର୍କ, ଘରୋଇ ଶିକ୍ଷାୟତନଗୁଡ଼ିକର ପରିଚାଳନାଗତ ଓ ଭିତ୍ତିଭୂମିର ଅନିୟମିତତା ତଥା ଅତ୍ୟଧିକ ପଢ଼ା ଖର୍ଚ୍ଚ ଏବଂ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ଯୁବପିଢ଼ିକୁ ନିରାଶ କରୁଛି। ତେଣୁ ସେମାନଙ୍କ କ୍ରୋଧକୁ କେବଳ ରାଜନୈତିକ ପ୍ରାୟୋଜିତ ବୋଲି ଅବହେଳା କରିବା ସମାଧାନ ନୁହେଁ। ସେମାନଙ୍କ ଆଶଙ୍କାର ଯଥାର୍ଥ ସମାଧାନ ହିଁ ସରକାରର ପ୍ରକୃତ ଦାୟିତ୍ୱ।

ଆମେରିକାର ସାମ୍ପ୍ରତିକ ରାଜନୀତି ମଧ୍ୟ ଦେଖାଇଛି ଯେ ଲୋକପ୍ରିୟ ନେତୃତ୍ୱ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ମଧ୍ୟରେ କେବେ କେବେ ତୀବ୍ର ସଂଘର୍ଷ ହୋଇପାରେ। କିନ୍ତୁ ଶେଷ ପର୍ଯ୍ୟନ୍ତ ଯଦି ସମ୍ବିଧାନ, ନ୍ୟାୟପାଳିକା, ନିର୍ବାଚନ ବ୍ୟବସ୍ଥା ଓ ସ୍ୱାଧୀନ ଗଣମାଧ୍ୟମ ସଠିକ ଭାବରେ ନିଜ ଭୂମିକା ପାଳନ କରନ୍ତି, ତେବେ ଗଣତନ୍ତ୍ର ସୁରକ୍ଷିତ ହୋଇପାରେ। ଭାରତ ପାଇଁ ମଧ୍ୟ ଏହି ଶିକ୍ଷା ସମାନ ଭାବେ ପ୍ରଯୁଜ୍ୟ। ଗଣତନ୍ତ୍ରର ଭବିଷ୍ୟତ କୌଣସି ଜଣେ ନେତା, ଗୋଟିଏ ଦଳ କିମ୍ବା ଗୋଟିଏ ନିର୍ବାଚନ ଉପରେ ନିର୍ଭର କରେନାହିଁ। ଏହା ନିର୍ଭର କରେ ଆମର ଅନୁଷ୍ଠାନ କେତେ ସ୍ୱାଧୀନ, ଆମର ନାଗରିକ କେତେ ସଚେତନ ଏବଂ ଆମର ଶାସକମାନେ ସମାଲୋଚନାକୁ କେତେ ସହଜତାର ସହ ଗ୍ରହଣ କରିପାରୁଛନ୍ତି।

ଗଣତନ୍ତ୍ରର ସବୁଠାରୁ ବଡ଼ ଶତ୍ରୁ ବିରୋଧୀ ଦଳ ନୁହେଁ; ବରଂ ଅସହିଷ୍ଣୁତା, ଭ୍ରାନ୍ତ ସୂଚନା, ବ୍ୟକ୍ତିପୂଜା, ପ୍ରତିଷ୍ଠାନ ପ୍ରତି ଅବିଶ୍ୱାସ ଏବଂ ନାଗରିକଙ୍କ ସମସ୍ୟା ପ୍ରତି ଉଦାସୀନତା। ଆଜି ଭାରତରେ କିଛି ଚିନ୍ତାଜନକ ପ୍ରବୃତ୍ତି ଦେଖାଯାଉଛି। ରାଜନୀତିର ଅତ୍ୟଧିକ ବ୍ୟକ୍ତିକୈନ୍ଦ୍ରିକ, ସଂସଦରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଆଲୋଚନା ହ୍ରାସ, ସାମାଜିକ ଗଣମାଧ୍ୟମରେ ଅନେକ ଭ୍ରାନ୍ତ ସୂଚନା ଓ ଆପତ୍ତିଜନକ କଥୋପକଥନ, ରାଜନୈତିକ ଭାଷାରେ ଶାଳୀନତାର ଅବକ୍ଷୟ, ସରକାର ଓ ବିରୋଧୀଙ୍କ ମଧ୍ୟରେ ସଂଳାପର ଅଭାବ ଆଦି ନିନ୍ଦନୀୟ। ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ନିର୍ବାଚନ ସମୟରେ ହୁଏନାହିଁ; ବରଂ ସେତେବେଳେ ହୁଏ, ଯେତେବେଳେ ଶାସନ କ୍ଷମତାରେ ରହିଥିବା ସରକାର ସମାଲୋଚନାର ସମ୍ମୁଖୀନ ହୁଏ। ଯେଉଁ ରାଷ୍ଟ୍ର ପ୍ରତିବାଦକୁ ଶୁଣିବା ଶିଖାକରେ, ସ୍ୱାଧୀନ ଅନୁଷ୍ଠାନଗୁଡ଼ିକୁ ସମ୍ମାନ ଦିଏ ଏବଂ ସମ୍ବିଧାନକୁ ସର୍ବୋଚ୍ଚ ସ୍ଥାନରେ ରଖେ, ସେହି ରାଷ୍ଟ୍ରର ଗଣତନ୍ତ୍ର ଦୀର୍ଘଜୀବୀ ହୁଏ। ବ୍ୟକ୍ତିର ଲୋକପ୍ରିୟତା କ୍ଷଣସ୍ଥାୟୀ, କିନ୍ତୁ ଶକ୍ତିଶାଳୀ ଅନୁଷ୍ଠାନ ହିଁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥାୟୀ ସମ୍ପଦ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ପରିବା ଚାଷୀଙ୍କ ଦୁଃଖ

**ଅମର ପଟ୍ଟନାୟକ**

ଏବେ ପରିବା ବଜାରରେ ନିଆଁ। ସପ୍ତାହକରେ ବିଭିନ୍ନ ପରିବା ଦର ପ୍ରାୟ ଦୁଇଗୁଣା ବଢ଼ିଛି। ବାଇଗଣ, ଜହ୍ନି, ଝୁଡ଼ଙ୍ଗ, କଲରା ଭଳି ପରିବା ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ତେବେ 'ଗଛରେ ବେଲ ପାଚିଲେ କାଉର କି ଯାଏ' ନ୍ୟାୟରେ ଏହି ଦରବୃଦ୍ଧିର ଲାଭ ଆମ ରାଜ୍ୟର ଚାଷୀ ପାଇପାରୁନାହାନ୍ତି। ଅସ୍ୱାଭାବିକ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟର ଉତ୍ତର ଓ ଉପକୂଳ ନଦୀମାନଙ୍କରେ ବନ୍ୟା ଆସିବା ସହିତ ଅନେକ ସ୍ଥାନ ଜଳବନ୍ଦୀରେ ରହିଛି। ତେଣୁ ପରିବା ଚାଷ ଗୁରୁତର ପ୍ରଭାବିତ ହୋଇଛି। କିନ୍ତୁ ଏହା କେବଳ ସାମୟିକ ବା ସାମ୍ପ୍ରତିକ ସମସ୍ୟା ନୁହେଁ। ଓଡ଼ିଶାର ଚାଷୀ ପ୍ରାୟତଃ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଅମଳ ସମୟରେ ପରିବା ଦର କମ୍ ରହୁଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ତିରୋଟ ସମୟରେ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମଦାନୀ କରୁଥିବା ବେଳେ ଆମ ଚାଷୀଙ୍କ ଜମିରେ ପରିବା ରହୁନାହିଁ। ଏହି ସ୍ଥିତିରେ ଆନ୍ଧ୍ର, ମହାରାଷ୍ଟ୍ର, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ରାଜ୍ୟର ବ୍ୟବସାୟୀ ଲାଭବାନ ହେଉଛନ୍ତି।

ଓଡ଼ିଶା ସରକାରଙ୍କ 'କୃଷକ ଓଡ଼ିଶା ପୋର୍ଟାଲ'ର ତଥ୍ୟ ଅନୁଯାୟୀ ରାଜ୍ୟରେ ୬୮ ଲକ୍ଷ ୬୮ ହଜାର ପଞ୍ଜିକୃତ ଚାଷୀ ରହିଛନ୍ତି। କିନ୍ତୁ ଅଣପଞ୍ଜିକୃତ ଚାଷୀଙ୍କ ହିସାବ ଏଥିରେ ନାହିଁ। ବେସରକାରୀ ଭାବେ ଏହି ସଂଖ୍ୟା କୋଟିଏରୁ ଅଧିକ। ମୋଟ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନେ ସରକାରୀ ସୁବିଧାରୁ ବଞ୍ଚିତ। ସେ ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ସଂଖ୍ୟା ଆନୁମାନିକ ୬୦-୭୦ ଲକ୍ଷ ଏବଂ ରାଜ୍ୟରେ ପରିବା ଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୭ ଲକ୍ଷ ୯ ହଜାର ହେକ୍ଟର। ବିଡ଼ମ୍ବନା ହେଉଛି ଯେତେବେଳେ ବିଲାତି ବାଇଗଣ ଭଳି ପରିବା ଦର ବଢ଼େ ସେତେବେଳେ ବେଙ୍ଗାଲୁରୁ କିମ୍ବା ନାସିକ ଭଳି ଅଞ୍ଚଳର ଫାର୍ମ ଉତ୍ପାଦନ ଅଧିକ ଦାମରେ ଆମ ବଜାରରେ ମିଳେ। କିନ୍ତୁ ଆମ ଚାଷୀ ବିଲାତି ବାଇଗଣ ଉତ୍ପାଦନ କଲା ବେଳେ ଅଭାବୀ ବିକ୍ରିର ସାମ୍ନା କରନ୍ତି କିମ୍ବା କ୍ଷୋଭରେ ନିଜ ଫସଲ ଉପରେ ଟ୍ରାକ୍ଟର ଚଳାଇ ଦିଅନ୍ତି। ସେତେବେଳେ ସଂପୃକ୍ତ ଚାଷୀଙ୍କୁ ସେମାନଙ୍କ ତୋଳା ମଜୁରୀ ମଧ୍ୟ ମିଳିପାରେ ନାହିଁ।

ଆଜିର ବଜାର ଦର ଆମ ରାଜ୍ୟର ପରିବା ଚାଷୀଙ୍କୁ ଲାଭ ଦେବା ପରିବର୍ତ୍ତେ ଚିନ୍ତାରେ ପକାଇଛି। ବିଲରେ ଫସଲ ନାହିଁ, ଏଣେ ଚଢ଼ା ଦରରେ ପରିବା କିଣିବାକୁ ପକେଟରେ ପଇସା ନାହିଁ। ଏହି ପରିସ୍ଥିତିରେ ପ୍ରଚୁର ଲାଭବାନ ହେଉଛନ୍ତି ବ୍ୟବସାୟୀ ବା ମଧ୍ୟସ୍ଥି ଗୋଷ୍ଠୀ। ଆମଦାନୀ ପରିବା ହେଉ କିମ୍ବା ଘରୋଇ, ସେଥିରେ ସେମାନଙ୍କ ବିଶେଷ କିଛି ଫରକ ନାହିଁ। ପରିବହନ ଖର୍ଚ୍ଚ ଯିବା ପରେ ଯାହା ପାଇକାରୀ ଦର ସ୍ଥିର ହୁଏ ସେ ଅନୁଯାୟୀ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରାଯାଏ। ଖୁଚୁରା ପାଇକାରୀ ବ୍ୟବସାୟୀ ସାଧାରଣ ଗ୍ରାହକଙ୍କୁ ନିଜର ଲାଭ ରଖି ବିକ୍ରି କରିଥା'ନ୍ତି। ଏହି ବ୍ୟବସ୍ଥାରେ ନା ଚାଷୀ ଲାଭ ପାଏ ନା ଖାଉଟି କିଛି ସୁବିଧା ପାଏ। ମାତ୍ର ୧୫ ଦିନ ତଳେ ପୋଟଳ ଖାଉଟିଙ୍କ ପାଖରେ ୪୦ ଟଙ୍କାରୁ କମ୍ ଦାମ୍‌ରେ ମିଳୁଥିବା ବେଳେ ବର୍ତ୍ତମାନ ସ୍ଥାନବିଶେଷରେ ୬୦ ଟଙ୍କାରୁ ୮୦ ଟଙ୍କା ବିକ୍ରି ହେଉଛି। ପୋଟଳ ପାଇଁ ଏବେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଉପରେ ନିର୍ଭର କରିବାକୁ ପଡ଼ୁଛି, ଯାହାକୁ ଲୋକେ ଚାଲାଣ ପୋଟଳ କହୁଛନ୍ତି। ଓଡ଼ିଶା ଖାଉଟି ଏହା ଖାଇବାକୁ ବାଧ୍ୟ।

ଆମ ରାଜ୍ୟରେ ପରିବା ଚାଷ କ୍ଷେତ୍ରରେ ଜଳସେଚନ ପ୍ରମୁଖ ସମସ୍ୟା। ଅଣଜଳସେଚିତ ଅଞ୍ଚଳରେ ଲୋକେ ପମ୍ପ ଲଗାଇ ନିକଟସ୍ଥ ଜଳ ଉତ୍ସରୁ କ୍ଷେତକୁ ପାଣି ମଡ଼ାଇଥା'ନ୍ତି। ଓଡ଼ିଶାରେ ଏଭଳି ଅଞ୍ଚଳ ମଧ୍ୟ ରହିଛି ଯେଉଁଠାରେ ଚାଷୀ ଟେଣ୍ଡା ଏପରିକି ପାଣି ଗରା କିମ୍ବା ବାଲ୍ଟିରେ ବୋହି ଜମିରେ ପାଣି ମଡ଼ାଇବାକୁ ବାଧ୍ୟ ହୁଅନ୍ତି। ଅନେକ ଆଦିବାସୀ ଅଞ୍ଚଳରେ ଝରଣା ପାଣି ପରିବା ଚାଷ ପାଇଁ ଜଳସେଚନର ମୁଖ୍ୟ ମାଧ୍ୟମ। ଉପକୂଳ ଜିଲ୍ଲାମାନଙ୍କରେ ବର୍ଷା ଯୋଗୁଁ ପନିପରିବା ଉତ୍ପାଦନ ବାଧାପ୍ରାପ୍ତ ହେଲେ ବରଗଡ଼, ବଲାଙ୍ଗୀର ଓ କୋରାପୁଟ ଭଳି ଜିଲ୍ଲାରୁ ପରିବା ଆସିଥାଏ। ରାଜଧାନୀ ଭୁବନେଶ୍ୱର ଓ କଟକର ବର୍ଷାଦିନିଆ ପରିବା ବଜାର ମୁଖ୍ୟତଃ ଆଠଗଡ଼ ଉପରେ ନିର୍ଭରଶୀଳ। ଜହ୍ନି, କଲରା, କାକୁଡି, ଝୁଡ଼ଙ୍ଗ, ବାଇଗଣ ଓ ଭେଣ୍ଡି ଆଠଗଡ଼ରୁ ଆସେ। ତେବେ ଚଳିତ ଥରର ଲଘୁଚାପ, ମୌସୁମୀ ବର୍ଷା ଓ ପରେ ପରେ ବନ୍ୟା ସ୍ଥିତି ସେଠାକାର ପରିବା ଉତ୍ପାଦନକୁ ପ୍ରଭାବିତ କରିଛି। ତେଣୁ ଦର ଉଚ୍ଚା ରହିଛି।

ଏହାଛଡ଼ା ବର୍ଷ ତମାମ ସାରାରାଜ୍ୟରେ ପରିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହେଉଛି ଉପଯୁକ୍ତ ବଜାର। ପ୍ରାୟ ଗ୍ରାମାଞ୍ଚଳରେ ପରିବା ଚାଷ ହେଉଥିବା ବେଳେ ସେଠାକାର ଚାଷୀ ପାଇକାରୀ ବଜାର କିମ୍ବା ମଣ୍ଡିର ସୁବିଧା ପାଇନଥା'ନ୍ତି। ଆମ ରାଜ୍ୟ ସରକାରଙ୍କ ଆରଏମ୍‌ସିଏସ୍ ବିଭିନ୍ନ ହାଟ ବଜାରରୁ ମାହାସୁଲ ଆଦାୟ କରେ ଏବଂ କିଛି କିଛି ଭିତ୍ତିଭୂମି ନିର୍ମାଣ କରେ। କିନ୍ତୁ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଢାଞ୍ଚାରେ ପନିପରିବା ଓ ଫଳ ବିପଣନ ସୁଗମ ବ୍ୟବସ୍ଥା ଆମ ରାଜ୍ୟରେ ନାହିଁ। ଉଦାହରଣ ସ୍ୱରୂପ ବିଶାଖାପାଟଣା ମଣ୍ଡଳରେ କଞ୍ଚା ଆମ୍ବ କିମ୍ବା ବିଲାତି ବାଇଗଣ ଉତ୍ପାଦନ ଅଧିକ ହୋଇ ଦର କମିଯାଏ। ସ୍ଥାନୀୟ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ପୂର୍ବରୁ ଚାଷୀଙ୍କଠାରୁ ଉପଯୁକ୍ତ ମୂଲ୍ୟରେ କିଣି ସେଠାକାର ରୟତ ବଜାର ବ୍ୟବସ୍ଥାରେ ବଜାର ଦର ଠିକ ଥିବା ହାଇଦ୍ରାବାଦ ଭଳି କିଛି ସହରକୁ ସେହି ପରିବା କିମ୍ବା ଫଳକୁ ଚାଲାଣ କରାଯାଏ। ଏଭଳି ବ୍ୟବସ୍ଥିତ ବିପଣନ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ହୋଇପାରିନାହିଁ। ଫଳରେ ଆମ ଚାଷୀ ଋତୁକାଳୀନ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଆସୁଛନ୍ତି।

ଗୁଜୁରାଟ, ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଫଳ ଓ ପନିପରିବାର ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ଫଳରେ ଜୁସ୍, ଆଚାର, ସସ୍, ଜାମ୍, ଜେଲି ଓ ଚିପ୍ସ ଭଳି ବଜାର ଚାହିଦା ଥିବା ସାମଗ୍ରୀ ସେମାନେ ଉତ୍ପାଦନ କରୁଛନ୍ତି ଏବଂ ସେଠାକାର ଚାଷୀ ଅପେକ୍ଷାକୃତ ଭଲ ମୂଲ୍ୟ ପାଇପାରୁଛନ୍ତି। ସେମାନେ ପ୍ରାୟତଃ ଆମ ରାଜ୍ୟ ଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେଉନାହାନ୍ତି। ଆମ ମାଟିରେ ଆଳୁ, ପିଆଜ ଭଲ ଉତ୍ପାଦନ ହେଉଥିଲେ ମଧ୍ୟ ଉପଯୁକ୍ତ ସଂରକ୍ଷଣ ଭିତ୍ତିଭୂମିର ଅଭାବ ଯୋଗୁଁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି କଦଳୀ ଉତ୍ପାଦନ ପାଇଁ ଆମ ମାଟି ଓ ଜଳବାୟୁ ଅନୁକୂଳ। କିନ୍ତୁ ଆମ ବଜାରରେ ଆନ୍ଧ୍ର ଓ ମହାରାଷ୍ଟ୍ର କଦଳୀର ଆଧିପତ୍ୟ ଜାରି ରହିଛି। ତେଣୁ କେଉଁଠି ତ୍ରୁଟି ରହୁଛି ଦେଖିବାର ସମୟ ଆସିଛି।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାକାର ବ୍ୟବସ୍ଥା କୃଷି ଓ କୃଷକ ଅନୁକୂଳ ହେବା ନିହାତି ଜରୁରୀ। ଆନୁସଙ୍ଗିକ ଭିତ୍ତିଭୂମି ଏବଂ ଆବଶ୍ୟକ ବଜାର ବ୍ୟବସ୍ଥା କଲେ ଅଧିକରୁ ଅଧିକ କର୍ମନିଯୁକ୍ତି ସହିତ ସାଧାରଣ ଲୋକଙ୍କ ଅର୍ଥନୀତି ସୁଦୃଢ଼ ହୋଇପାରନ୍ତା। ●

(ଭଣ୍ଡାରିଡିହା, କେନ୍ଦୁଝର, ମୋ:୭୯୭୮୫୨୮୧୪୫)

## ରାଜା ଗାଲ ମାଧବ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଗତ ଅଧ୍ୟାୟରେ ଆମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ବ୍ରହ୍ମଲୋକ ଗମନ ଏବଂ ପ୍ରତ୍ୟାବର୍ତ୍ତନ ବୃତ୍ତାନ୍ତ ବିଷୟରେ ପଢ଼ିଥିଲେ। ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକରେ ବେଦବର ବ୍ରହ୍ମାଙ୍କ ସାକ୍ଷାତ ଅପେକ୍ଷାରେ ଥିବା ବେଳେ ମର୍ତ୍ତ୍ୟରେ ହଜାର ହଜାର ବର୍ଷ ବିତି ଯାଇଥିଲା। ସେହି କାଳଖଣ୍ଡରେ ଉତ୍କଳରେ ଗାଲମାଧବ ନାମକ ଜଣେ ରାଜା ରାଜୁତି କରୁଥିଲେ। ସେ ଥରେ ଘୋଡ଼ା ଚଢ଼ି ଶିକାର କରିବା ପାଇଁ ଯାଉଥିବା ବେଳେ ନୀଳାଚଳ ପାଦଦେଶର ବାଲୁକା ପରିପୂର୍ଣ୍ଣ କ୍ଷେତ୍ରରେ ଘୋଡ଼ାର ଖୁରା ପୋତି ହୋଇଥିବା ମନ୍ଦିରର ନୀଳଚକ୍ରରେ ବାଜିଲା। ରାଜା ଘୋଡ଼ାରୁ ଓହ୍ଲେଇ ନୀଳଚକ୍ରକୁ ଦେଖି ବାଲି କାଢ଼ି ଦେଉଳକୁ ଉଦ୍ଧାର କଲେ। ରାଜା ଭାବିଲେ ଯେ ତାଙ୍କର ପୂର୍ବପୁରୁଷମାନେ ଏ ମନ୍ଦିର ନିର୍ମାଣ କରିଥିଲେ। ଏହାପରେ ରାଜା ଦେବତା ପ୍ରତିଷ୍ଠା ପାଇଁ ଆୟୋଜନରେ ଲାଗିପଡ଼ିଲେ।

ତେଣେ ବ୍ରହ୍ମାଙ୍କର ତର୍ପଣ ସରିବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାକ୍ଷାତ ଦେଇ କହିଲେ, 'ତୁମେ ମୋ ପାଇଁ ଅପେକ୍ଷା କରିଥିବା ବେଳେ ଗାଲମାଧବ ନାମକ ଜଣେ ରାଜା ଉତ୍କଳରେ ଶାସନ କରୁଛନ୍ତି। ସେ ମନ୍ଦିରକୁ ନିଜ ଅଧିକାରକୁ ନେଇ ସାରିଛନ୍ତି। ତେଣୁ ମନ୍ଦିରର ମାଲିକାନା ସ୍ୱତ୍ତ୍ୱ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମୁଁ ତା'ର ପ୍ରତିଷ୍ଠା କରିପାରିବି ନାହିଁ।' ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଗାଲ ମାଧବଙ୍କ ପାଖକୁ ଯାଇ ମନ୍ଦିର ସେ ନିର୍ମାଣ କରିଥିବା କଥା କହିଲେ। କିନ୍ତୁ ଗାଲ ମାଧବ ରାଜି ହେଲେ ନାହିଁ। ଦୁହିଁଙ୍କ ଭିତରେ ମନ୍ଦିରର ମାଲିକାନାକୁ ନେଇ ବିବାଦ ତୀବ୍ର ହେବାରୁ ବ୍ରହ୍ମା ସେଠାରେ ପହଞ୍ଚି ମନ୍ଦିର ନିର୍ମାଣ ବେଳର କେହି ସାକ୍ଷୀ ଅଛନ୍ତି କି ବୋଲି ଗାଲ ମାଧବଙ୍କୁ ପଚାରିଲେ। ମନ୍ଦିର ନିର୍ମାଣର ସାକ୍ଷୀ ଆବଶ୍ୟକ ନାହିଁ ବୋଲି ଗାଲ ମାଧବ କହିଲେ। ଅପରପକ୍ଷରେ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜ ସପକ୍ଷରେ ସାକ୍ଷୀ ଦେବା ପାଇଁ ସମ୍ମତ ହେଲେ।

ଏହାପରେ ବ୍ରହ୍ମା ଓ ଗାଲ ମାଧବଙ୍କୁ ସାଙ୍ଗରେ ନେଇ ଇନ୍ଦ୍ରଦ୍ୟୁମ୍ନ କଳ୍ପବଟ ପାଖରେ ପହଞ୍ଚିଲେ। ସେ ଗଛର ଡାଳରେ ଭୂଷଣ୍ଡ କାକ ବସିଥିଲେ। ସେହି କାକ ତାଙ୍କର ସାକ୍ଷୀ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନ କହିବାରୁ ବ୍ରହ୍ମା କାକକୁ ସେ ବିଷୟରେ ପଚାରିଲେ। ଭୂଷଣ୍ଡ କାକ ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରିଥିବା କହିଲେ। କିନ୍ତୁ ଗାଲ ମାଧବ ତାହା ମାନିବାକୁ ପ୍ରସ୍ତୁତ ନ ଥିଲେ। ଏହାପରେ ଇନ୍ଦ୍ରଦ୍ୟୁମ୍ନ ଉଭୟଙ୍କୁ ନେଇ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ପହଞ୍ଚିଲେ। ପୋଖରୀରେ ବାସ କରୁଥିବା କଇଁଛମାନେ ତାଙ୍କ ଦେଉଳ ନିର୍ମାଣର ସାକ୍ଷୀ ବୋଲି ସେ ବ୍ରହ୍ମାଙ୍କୁ କହୁ କହୁ କଇଁଛମାନେ ପାଣି ଭିତରେ ଲୁଚିବାକୁ ଚାଲିଗଲେ। ଏହା ଦେଖି ଇନ୍ଦ୍ରଦ୍ୟୁମ୍ନ କହିଲେ-

- 'ବ୍ରହ୍ମା ଡାକନ୍ତି କୁର୍ମେ ହୋ ପଳାଅ କାହିଁ କି?, ସାକ୍ଷୀ ତୁମ୍ଭେ ଅଟ ଆମ୍ଭେ ଆସିଛୁ ତହିଁକି।'

ବ୍ରହ୍ମାଙ୍କୁ ଦେଖି କଇଁଛମାନେ ଆଶ୍ୱସ୍ତ ହୋଇ କହିଲେ, 'ରାଜା ଇନ୍ଦ୍ରଦ୍ୟୁମ୍ନ ସେମାନଙ୍କୁ ମନ୍ଦିର ନିର୍ମାଣ ପାଇଁ ପଥର ବୋହିବା କାମରେ ନିଯୁକ୍ତି ଦେଇଥିଲେ। ଏହି କଷ୍ଟକର କାମରେ ସେମାନଙ୍କ ଅନେକ ବଂଶଧର ନିପାତ ହୋଇଥିଲେ। ଆହୁରି ଅନେକଙ୍କ ଶାରୀରିକ ପୀଡ଼ା ଏ ପର୍ଯ୍ୟନ୍ତ ରହିଛି। ତେଣୁ ସେମାନେ ରାଜାଙ୍କୁ ଦେଖି ଲୁଚି ଯାଇଥିଲେ।'

'ବ୍ରହ୍ମା ବୋଇଲେ ଦେଉଳ ଅଟଇ କାହାର, କୁର୍ମେ ବୋଇଲେ ଦେଉଳ ଇନ୍ଦ୍ରଦ୍ୟୁମନର / ଦେଉଳ ଗଢ଼ାକୁ ଆମ୍ଭେ ବୋହିଛୁ ପଥର, ସ୍ୱରୂପ କହିଲୁ ଆମ୍ଭେ ଶୁଣ ବେଦବର / ଦେଉଳ ତୋଳିଣ ରାଜା ତୋତେ ଆଣିଗଲା, ଗାଲ ମାଧବ ଯେ ତହିଁ ବାଲି କଢ଼ାଇଲା।

'ଦେଉଳ ନିର୍ମାଣ କିଏ କରିଥିଲା' ଆଉ ତାହାର ପ୍ରମାଣ ଆବଶ୍ୟକ ନଥିଲା। ଶେଷରେ ଗାଲମାଧବ ସତ୍ୟ ସ୍ୱୀକାର କଲେ। ବ୍ରହ୍ମା ଅସନ୍ତୋଷ ପ୍ରକାଶ କରି ଗାଲ ମାଧବଙ୍କୁ କଳିଯୁଗରେ ଅପୂଜା ରହିବା ପାଇଁ ଅଭିଶାପ ଦେଲେ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ନିବେଦନ କଲେ।

ବ୍ରହ୍ମା କହିଲେ, 'ରାଜା ହୋଇଲୁ କି ବାଇ, କ୍ଷେତ୍ରପାଳ ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ। କ୍ଷେତ୍ରମାନଙ୍କରେ ବର ଶ୍ରୀପୁରୁଷୋତ୍ତମ, ଏହା ପ୍ରତିଷ୍ଠା କରିବା କାହାର ଯେ କ୍ଷମ।' ଏହା ଶୁଣି ରାଜା ବ୍ରହ୍ମାଙ୍କୁ ସବିନୟ ବାରମ୍ବାର ନିବେଦନ କରିବାରୁ ବେଦବର କହିଲେ-'ବ୍ରହ୍ମା ବୋଇଲେ ରାଜା ଏ କଥା ଏମନ୍ତ, ମୂର୍ତ୍ତିମନ୍ତ ହୋଇଣ ବସିବେ ଜଗନ୍ନାଥ। ଦେଉଳର ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ, ଏହା କଥାରେ ପ୍ରତିଷ୍ଠା କରିବଇଁ ମୁହିଁ। ଚକ୍ରର ଉପରେ ମୁହିଁ ବାନ୍ଧିଗଲେ ନେତ, ଦୂରୁ ଦେଖି ଲୋକମାନେ ହୋଇବେ ମୁକତ।' ●

(ଆଧାର- କୃଷ୍ଣ ଦାସଙ୍କ 'ଦେଉଳ ତୋଳା')

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା

## ଅଗଷ୍ଟ ୧୧ରେ ବିଧାୟକଙ୍କୁ ଶେଷ ସୁଯୋଗ

କଟକ,୪।୮(ସମିସ): ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ କେ. ଅନିଲ କୁମାରଙ୍କୁ ଜେରା ପାଇଁ ହାଜର ହେବାକୁ ହାଇକୋର୍ଟ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ଜେରା ପାଇଁ ଆସନ୍ତା ଅଗଷ୍ଟ ୧୧ ତାରିଖରେ କୋର୍ଟରେ ବିଧାୟକ କୌଣସି କାରଣରୁ ଅନୁପସ୍ଥିତ ରହନ୍ତି, ତେବେ ତାଙ୍କ ସାକ୍ଷ୍ୟକୁ କୋର୍ଟ ନଥିରୁ ବାଦ୍ ଦିଆଯିବ ବୋଲି କହିଛନ୍ତି ହାଇକୋର୍ଟ। ମନୋଜ କୁମାର ପଣ୍ଡାଙ୍କ ତରଫରୁ ଦାୟର ହୋଇଥିବା ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ବିଧାୟକଙ୍କୁ ଜେରା ପ୍ରକ୍ରିୟା ଆରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ବିଧାୟକଙ୍କ ପକ୍ଷରୁ ଗୋଟିଏ ସପ୍ତାହର ସମୟ ଲୋଡି ଏକ ଅନ୍ତରୀଣ ଆବେଦନ ଦାଖଲ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ ବ୍ରହ୍ମପୁରରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସ୍ଥାନୀୟ ବିଧାୟକ ଭାବେ ସେ ସେଠାରେ ଉପସ୍ଥିତ ରହିବା ଆବଶ୍ୟକ, ଯେଉଁଥିପାଇଁ ସେ ଆଜି କୋର୍ଟରେ ହାଜର ହୋଇପାରିନାହାନ୍ତି। ଅପରପକ୍ଷରେ, ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏହି ଆବେଦନକୁ ଦୃଢ଼ ବିରୋଧ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିଧାୟକ ଇଚ୍ଛାକୃତ ଭାବେ କୋର୍ଟରେ ହାଜର ହେବାରୁ ଓହରି ଯାଉଛନ୍ତି, ଯେତେବେଳେ କି ସେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଆଜି ମଧ୍ୟ ସେ ବ୍ରହ୍ମପୁରଠାରେ ଏକ ଆଧାର କେନ୍ଦ୍ରର ଉଦଘାଟନ କରିଛନ୍ତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଆବେଦନକୁ ଗ୍ରହଣ କରିଥିଲେ ସୁଦ୍ଧା ଆଉ କୌଣସି ପରିସ୍ଥିତିରେ ବିଧାୟକଙ୍କୁ ଅଧିକ ସମୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ପୁରୁଣା ନିୟମରେ ପେନ୍‌ସନ୍‌ର ହକ୍‌ଦାର ଅସ୍ଥାୟୀ କର୍ମଚାରୀ

## ରାଜ୍ୟ ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୪।୮(ସମିସ): ୨୦୦୫ ପେନସନ ନିୟମ ସଂଶୋଧନ ପୂର୍ବରୁ କାର୍ଯ୍ୟରତ ଅସ୍ଥାୟୀ (ଏନଏମଆର) କର୍ମଚାରୀଙ୍କ ପାଇଁ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୫ ପୂର୍ବରୁ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ନିୟମିତ ହୋଇଥିବା କର୍ମଚାରୀମାନେ ୧୯୯୨ର ପୁରୁଣା ପେନସନ ନିୟମ ଅଧୀନରେ ପେନସନ ପାଇବାକୁ ହକ୍‌ଦାର ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର କରାଯାଇଥିବା ରିଟ୍ ଅପିଲ୍‌କୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନାଙ୍କୁ ୧୯୯୨ ପେନସନ ନିୟମ ଅନୁସାରେ ସମସ୍ତ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାକୁ ଆସନ୍ତା ୮ ସପ୍ତାହ ମଧ୍ୟରେ ଶେଷ କରି ଭୁବନେଶ୍ୱରର ଆରଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ନିଷ୍ପତ୍ତି ହୋଇସାରିଥିବା ସତ୍ତ୍ୱେ ସରକାରୀ ଅଧିକାରୀମାନେ କର୍ମଚାରୀଙ୍କୁ ଅନାବଶ୍ୟକ ଆଇନଗତ ଲଢେଇ ଭିତରକୁ ଠେଲି ଦେଉଛନ୍ତି, ଯାହାକି ଆଶ୍ଚର୍ଯ୍ୟଜନକ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ସମ୍ବଲପୁର ଜିଇଡି ଅଧୀନରେ ୧୯୮୧ ନଭେମ୍ବର ୧୩ରୁ ଏନ୍‌ଏମ୍‌ଆର୍ ୱାୟରମ୍ୟାନ୍ ଭାବେ ନିଯୁକ୍ତି ପାଇଥିଲେ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନା। ଦୀର୍ଘ ଦିନର ସେବା ପରେ ୨୦୦୯ ଅକ୍ଟୋବର ୩୧ରେ ତାଙ୍କ ଚାକିରି ନିୟମିତ ହୋଇଥିଲା ଏବଂ ୩୯ ବର୍ଷର ନିରବଚ୍ଛିନ୍ନ ସେବା ପରେ ୨୦୨୧ ଜୁନ ୩୦ରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ପେନସନ ସୁବିଧା ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଡିସେମ୍ବର ୭ରେ ଜଣିକିଆ ବିଚାରପତି ତାଙ୍କ ସପକ୍ଷରେ ରାୟ ଦେଇ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ. ୧: • ଟେଣ୍ଡର ନଂ.: E-IND-WLII-2026-A-RT • କାର୍ଯ୍ୟର ନାମ ଓ ସ୍ଥାନ: ଅଣ୍ଡରସ୍ଲଙ୍ଗ ଏବଂ ଓଭରହେଡ୍ ପାଣି ଟାଙ୍କି ଥିବା କୋଚ୍‌ଗୁଡ଼ିକ ପାଇଁ ଜଳସ୍ତର ସୂଚକ ବ୍ୟବସ୍ଥା। • କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୫,୧୪,୭୨,୫୦୬.୬୦/- • ଜମା କରିବାକୁ ଥିବା ଅମାନତ ରାଶି (EMD): ଟ. ୧୦,୨୯,୫୦୦/- • କାର୍ଯ୍ୟ ସମାପ୍ତି ଅବଧି: ସ୍ୱୀକୃତି ପତ୍ର (LOA) ଜାରି ତାରିଖଠାରୁ ୦୧ ବର୍ଷ। • ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ଡିଭିଜନ। • ଦାଖଲର ତାରିଖ ଓ ସମୟ: ୨୭.୦୮.୨୦୨୬ ଅପରାହ୍ନ ୧୫:୦୦ ଘଣ୍ଟା। • ୱେବସାଇଟ୍ ବିବରଣୀ ଓ ନୋଟିସ୍ ବୋର୍ଡ ସ୍ଥାନ: ଟେଣ୍ଡର ଦସ୍ତାବିଜଗୁଡ଼ିକ IREPS ୱେବସାଇଟ୍ (www.ireps.gov.in) ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ଅନ୍ୟ କୌଣସି ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ। V/0186

Like us on: facebook.com/WesternRly


### AFFIDAVIT

I, Jagadish Prasad Agarwalla(48), S/o-Late Prabhu Dayal Agarwal, resident of At-Purnachandrapur, Ward No-26, Grand Road, Po/Ps-Bhanjpur, Dist-Myurbhanj, Pin No-757002, Odisha, declared by this affidavit No-80, dated 04-08-2026 that now onwards I shall be known as **JAGADISH AGARWAL** for all future purposes.

JAGADISH AGARWAL

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1084, Dtd. 04.08.2026, I, JASOBANTA SAHU, Son of - Bhagaban Sahu, permanent resident of Village - Mentri, PO - Mentri, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from JASHABANTA SAHU to JASOBANTA SAHU. Henceforth, I shall be known as **JASOBANTA SAHU** for all purposes.

Sd/- Jasobanta Sahu

### AFFIDAVIT

I, SACHI, aged about 19 years D/o- ARUN KUMAR TRIPATHI, Resident of AT/PO-BLOCK NO-7, FLAT NO-7-B, SPRINGVILLE HOMES, NEAR MANPUR OVERBRIDGE, DANAGADI, JAJPUR ROAD, JAJPUR, PIN-755026, declared by this Affidavit No.881/2026, Dated. 04.08.2026, That now onwards I shall Be Known as **SACHI TRIPATHI** for all future Purposes.

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 803, Dated 27-07-2026, I, JAGANANTH BHATRA, S/o - Debo Bhatara, permanent resident of Village - Purniguda, PO - Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HABITS BHATARA to BABITA BHATRA. Henceforth, she shall be known as **BABITA BHATRA** for all purposes.

Sd/- Jagananth Bhatra

### AFFIDAVIT

By virtue of an affidavit before the Executive Magistrate, Baramba Vide Affidavit No-3151/Dt. 5.6.2026 I, Jayanti Jena W/o Gurubari Jena of Vill/Po-Ratapata, Ps-Baramba, Dist-Cuttack declare that I have changed my minor son's name from ON JENA to OMM JENA. Henceforth he shall be known as **OMM JENA** for all propose.

Jayanti Jena

### AFFIDAVIT

By virtue of an affidavit (CF No.01, date: 24/07/2026) sworn before the Executive Magistrate, Padampur. I, Abdul Rasul Khan, S/o Abdul Khan, permanent & current resident of At: Padampur, PO: Rajborasambar, PS: Padampur, Dist: Bargarh, State: Odisha, PIN: 768036 declare that I have changed my name from Abdur Rasul Khan (Old name)to Abdul Rasul Khan. Henceforth, I shall be known as **Abdul Rasul Khan** (new name) for all purposes.

### AFFIDAVIT

I, SHAIK SABIR TULLAHA, aged about 43 years S/o-SHAIK RAJAQ TULLAHA, Resident of AT/PO-GOP, PATHANA MAHALA, PS-GOP, DIST-PURI, PIN-752110, ODISHA, declared by this Affidavit No.880/2026, Dated.03.08.2026, That now onwards I shall Be Known as **SEK SABIR TULLA** That for all future Purposes.

### AFFIDAVIT

By virtue of an affidavit no 1015, dtd-01.08.2026 sworn before Executive Magistrate, Rairakhol, I, Kshirod Raul, resident of Village Ghosaramal, P.S. Rairakhol, Dist. Sambalpur, Odisha, hereby declare that my minor daughter's name has been changed from Santos I Roul to Santoshi Raul. Both names refer to one and the same person. Henceforth she shall be known as **Santoshi Raul** for all purposes.

Kshirod Raul

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 813, dated 28-07-2026, I, SANJUKTA NAG, W/o - Sanjay Nag, permanent resident of Village - Khaliguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed the name of my Son from ABI NAG to SAYAN KUMAR NAG. Henceforth, he shall be known as **SAYAN KUMAR NAG** for all purposes.

Sd/- Sanjukta Nag

### AFFIDAVIT

I, Amit Kumar Agrawla, S/o-Ramnibash Agrawal, R/o-Vill./Po./Ps.- Sohela, Dist.-Bargarh state vide affidavit no.4841 dtd.20.08.2013 that, in my voter id card no. FJB1295146 my name has been wrongly mentioned as Amita Kumar Agrawal, S/o-Rama Nibash Agrawala. My correct name is **Amit Kumar Agrawla**, S/o-Ramnibash Agrawal.

Sd/- Amit Kumar Agrawla

### AFFIDAVIT

By virtue of an affidavit sworn before the Executive Magistrate, Bargarh vide affidavit no 465 dated 04.08.2026 I, Debjani Nayak, W/o- Ashish Kumbhar resident of At/Po-Chhuriapali, PS- Sohela, Dist - Bargarh, Pin -768033 declare that now onwards I shall be known as **Debajani Nayak** for all future purposes.

### ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT
ADMINISTRATIVE OFFICE BUILDING, NEAR BURLA POWER HOUSE,
BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

4001/239/2627

No. HHEP PUR-110, Vol-I / 5945 — Date: 03.08.2026

**TENDER CALL NOTICE NO. HHEP-63/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturer / authorized dealer or distributor/ reputed firms/ agency/ order suppliers only for supply of the following materials to HHEP, Burla as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Supply of AC-DC/ DC converters to HHEP, Burla | Rs. 7080/- (Rs. 6000/- + GST@18%) | 17,100.00 |

- Sale of tender paper : 10.08.2026 (10.00AM) to 24.08.2026 upto 05:30 PM
- Receipt of tender paper : 25.08.2026 upto 03:30 PM
- Date & time of opening of tender : 25.08.2026 at 04:00 PM

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpc.co.in

Sd/-
C & P Head, HHEP, Burla

OIPR-4001/4007/1/26-27/0021

### OFFICE OF THE SR. GENERAL MANAGER (ELECTRICAL)

UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: serge.uihep@ohpcltd.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & WC Building, Vanivihar Chhak, Janpath, Bholanagar, Bhubaneswar-751022,
Tel: 91-0674-2542983, 2542801, 2545286, Fax:2542802, E-Mail: mdce.corp@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

32001/643/2627

**'e'-Procurement Notice**

**NOTICE INVITING TENDER NO.UIHEP/16/2026-27 DATED.29.07.2026**

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Fabrication of railing over parapet wall including aluminium partition room at roof top of Erectors Hostel of UIHEP, Mukhiguda. | 10,62,774/- (Excluding GST) | 10,630/- | 'D' & 'C' Class Contractor registered with State Govt./Central Govt. / MES / Railways. | 6,000/- + GST @18% = 7,080/- | Three (03) calendar months |

Availability of tender document in the portal: From 06.08.2026 (10:00 Hrs) to 17.08.2026 (up to 13:00 Hrs.)
Last date & time of submission of tenders in the portal: 17.08.2026 up to 13:00 Hrs.
The date & time of opening of the bid: 17.08.2026 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal 'https://tendersodisha.gov.in'.

Unit Head
UIHEP, Mukhiguda

OIPR-32001/32136/1/26-27/0015

E-Mail:eonacbalimela@gmail.com

### OFFICE OF THE NOTIFIED AREA COUNCIL, BALIMELA

Odisha, Pin-764051

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧ ॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୨ ॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୦୫ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୦୬ ॥ ପଲିଥିନ ବ୍ୟାଗ ବ୍ୟବହାର ଠାରୁ ଦୁରେଇ ରୁହନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ, ବାଲିମେଳା**

**ଅଧ୍ୟକ୍ଷ**
**ବିଜ୍ଞାପିତ ଅଞ୍ଚଳ, ବାଲିମେଳା**

### OFFICE OF THE ROURKELA MUNICIPAL CORPORATION

Uditnagar, Rourkela Dist.-Sundargarh (Odisha) Pin-769012
Website: www.rmc.myrourkela.in EmailId: rourkelamunicipality@gmail.com

No. 10424 — Date: 04/08/26
13001/1413/2627

**TENDER CALL NOTICE**

Sealed tenders are invited from the reputed firms /Agencies for **"Overall Management of Table Tennis & Volley Ball/Lawn Tennis Court in side BPIS, Panposh on outsource Basis".**

Detail technical specifications, along with terms & conditions etc. may be seen from the Web site of Rourkela Municipal Corporation i.e. www.rmc.nic.in. Date of issue of tender documents from dtd.

The last date for receipt of sealed tender is 17.08.26 till 1:00 P.M. through Speed Post/ Regd. Post /Courier/ or by hand in the office address of the undersigned.

Commissioner
Rourkela Municipal Corporation

OIPR-13001/13131/1/26-27/0048

Phone No. (06854) 241159 / 232714
Email: ceo@koraputccb.com

### KORAPUT CENTRAL CO-OPERATIVE BANK LTD.,

HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 1907 / P&S / 2026-27 — / Date 04/08/2026

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2026 to 10.08.2027 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2026 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S,
KCC Bank Ltd., Head Office, Jeypore.
Mobile No. : 97775 19964.

Secretary,
KCC Bank Ltd., Jeypore.

4001/239/2627

### ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨, ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୦୦୩୨, ଇ-ମେଲ: bhubaneswar-samd@iob.bank.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ(ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ର ନିୟମ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର / ଅସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି,ଯାହାକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ /ସୁରକ୍ଷିତଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ । ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ /** **ଋଣଗ୍ରହୀତା / ବନ୍ଧକଦାତା: ଶ୍ରୀ ସୁରେନ୍ଦ୍ର ସେନ,** ପିତା: କୈଳାସ ସେନ୍ / **ଗ୍ୟାରେଣ୍ଟିଦାତା: ଶ୍ରୀ ଉପେନ୍ଦ୍ର ସେନ,** ପିତା: କୈଳାସ ସେନ୍, ଉଭୟଙ୍କ ଠିକଣା ସା: ପ୍ଲଟ୍ ନଂ.: ୩୫୬/୩୭୪୬, ପୁରୁଣା ରାଉସପାଟଣା, ହରିପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧ | **ଶ୍ରୀ ସୁରେନ୍ଦ୍ର ସେନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୫୬/୩୭୪୬, ଖାତା ନଂ.: ୧୨୦୫/୮୮୩, କ୍ଷେତ୍ର: ଏକର ୦.୦୦୭୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୩୫୬/୩୪୦୪, ଖାତା ନଂ.: ୧୨୦୫/୫୩୪, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୨୨୫ ଡିସିମିଲି,** ମୌଜା: ସାମନ୍ତସାହି, ୟୁନିଟ୍ ନଂ.: ୨୩, ଥାନା: ପୁରୀଘାଟ, ପୋ: ବକ୍ସି ବଜାର, ତହସିଲ: କଟକ, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ନାଗିନ୍ ସେନ୍, ପଶ୍ଚିମ: ସର୍ବସାଧାରଣ ଗଳି ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଉପେନ୍ଦ୍ର ସେନ୍ | ୧୪.୦୭.୨୦୨୬ ସୁଦ୍ଧା ଟ.୧୬,୨୨,୩୧୭.୬୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୪୨,୭୭,୦୦୦/- / ଟ.୪,୨୭,୭୦୦/- |
| **ରସୁଲଗଡ ଶାଖା, ଫୋନ.: ୮୯୨୫୯୫୧୬୭୬/** **ଋଣଗ୍ରହୀତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା,** ସ୍ୱାମୀ: ଶ୍ରୀ ବିଭୁତି ଭୂଷଣ ପ୍ରଧାନ, **ସ୍ଥାୟୀ ଠିକଣା:** ସା/ପୋ: ତାଳଜଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **ଯୋଗାଯୋଗ ଠିକଣା- (କ)** ପ୍ଲଟ୍ ନଂ.: ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୦୦୨, **(ଖ)** ପ୍ଲଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪ | **ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ** ନାମରେ ଥିବା ବାସୋପଯୋଗୀ ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୦୧୧, ଦକ୍ଷିଣ: ଖୋଲା ଡକ୍ ଏରିଆ, ପୂର୍ବ: ସର୍ବସାଧାରଣ କରିଡର, ପଶ୍ଚିମ: ଖୋଲା ଜମି / ରାସ୍ତା | ୧୮.୦୭.୨୦୨୬ ସୁଦ୍ଧା ଟ.୨୮,୬୧,୮୪୩.୧୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୨,୮୬,୦୦୦/- / ଟ.୨,୨୮,୬୦୦/- |
| **ବାଲେଶ୍ୱର ଶାଖା, ଫୋନ.: ୮୯୨୫୯୫୦୮୩୨ /** **ଋଣଗ୍ରହୀତା: ମେସର୍ସ ଶ୍ରୀ ଭଗବତୀ କ୍ରିଏସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ,** ସା: ୫୭, ଭାସ୍କରଗଞ୍ଜ-ଏ, ଏଫ୍.ଏମ୍ ସର୍କଲ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧ / **ବନ୍ଧକଦାତା: ଶ୍ରୀ ଦିଲ୍ଲିପ କୁମାର ଦାଶ,** ପିତା: ଶ୍ରୀ ନିରଞ୍ଜନ ଦାଶ, ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ନିରଞ୍ଜନ ଦାଶ,** ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ | **ଶ୍ରୀ ଦିଲ୍ଲିପ କୁମାର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୬/୧୬୩୯, ଖାତା ନଂ.: ୧୩୭, ଜମିର କ୍ଷେତ୍ର: ଏକର ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ: ନରସିଂହପୁର, ଥାନା/ତହସିଲ: ନୀଳଗିରି, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୩୪ ଏବଂ ୧୨୫୮, ଦକ୍ଷିଣ: ପ୍ଲଟ୍ ନଂ.: ୧୨୪୯ ଏବଂ ୧୨୫୦, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୨୪୧ ଏବଂ ୧୨୪୫ | ୩୦.୦୭.୨୦୨୬ ସୁଦ୍ଧା ଟ.୧୭,୮୯,୨୪୭.୫୧ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୯,୭୭,୦୦୦/- / ଟ.୯୭,୭୦୦/- |
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ /** **ଋଣଗ୍ରହୀତା: ମେସର୍ସ ସିଦ୍ଧି ଗଣେଶ ମେଟାଲ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ଷ୍ଟେସନ ବଜାର, ଜଗତ୍‌ପୁର, କଟକ-୭୫୪୦୨୧/**ଋଣଗ୍ରହୀତା ଏବଂ ସ୍ୱତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ପିତା: ବାବାଜୀ ଦାସ, ସା: ପାଇକସ୍ତା, ପୋ: ବୋରିଖି, ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୦ | **ଶ୍ରୀ ବ୍ରଜ କିଶୋର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୬୫, ଖାତା ନଂ.: ୭୬୯/୧୭୭, ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି ମୌଜା: ପାଇକସ୍ତା, ଥାନା: କୁଜଙ୍ଗ, ତହସିଲ: କୁଜଙ୍ଗ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଷ୍ଣୁ ଓଝା, ଦକ୍ଷିଣ: ନିଜ ପ୍ଲଟ୍, ପୂର୍ବ: ରାସ୍ତା, ପଶ୍ଚିମ: ପିତାମ୍ବର ଖୁଣ୍ଟିଆ | ୦୮.୦୩.୨୦୧୬ ସୁଦ୍ଧା ଟ.୪୩,୮୪,୦୦୦/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩,୨୪,୦୦୦/- / ଟ.୩୨,୪୦୦/- |
| **ଦଶରଥପୁର ଶାଖା, ଫୋନ.: ୮୯୨୫୯୫୨୬୩୦ /** **ଋଣଗ୍ରହୀତା: ମେସର୍ସ ବାଦଶାହା ରେଷ୍ଟୁରାଣ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ଧର୍ମରାଜ ଧିର,** ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ସା: ଓଡେଇ, ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ / **ବନ୍ଧକଦାତା: ଶ୍ରୀ ଧର୍ମରାଜ ଧିର,** ପିତା: ଶ୍ରୀ ବାବୁଲି ଧିର, ସା/ପୋ: ଦଶରଥପୁର, ଥାନା: ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ | **ଶ୍ରୀ ଧର୍ମରାଜ ଧିରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ପ୍ଲଟ୍‌ର କ୍ଷେତ୍ର: ଏକର ୦.୧୬୦୦ ଡିସିମିଲି ମୌଜା: ଓଡେଇ, ତହସିଲ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୮୫ (ରାସ୍ତା, ମାଲିକ-ସର୍ବସାଧାରଣ), ଦକ୍ଷିଣ: ପ୍ଲଟ୍ ନଂ.: ୧୭୮୨ (ଗୋପୀନାଥ ବାରିକ), ପୂର୍ବ: ପ୍ଲଟ୍ ନଂ.: ୧୭୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ: ପ୍ଲଟ୍ ନଂ.: ୧୭୭୨ (ରାମ ସାହୁ ଏବଂ ଅନ୍ୟମାନେ) | ୩୧.୦୭.୨୦୨୬ ସୁଦ୍ଧା ଟ.୧୪,୮୦,୬୭୮.୯୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩୬,୨୪,୦୦୦/- / ଟ.୩,୬୨,୪୦୦/- |
| **ଧୁରୁକୁଡିଆ ଶାଖା, ଫୋନ.: ୮୯୨୫୯୫୧୧୨୪/** **ଋଣଗ୍ରହୀତା: ମେସର୍ସ ସର୍ବେଶ୍ୱର ଡାଲ ମିଲ, ସ୍ୱତ୍ୱାଧିକାରୀ: ବିଜୟ କୁମାର ସ୍ୱାଇଁ,** ସା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଭାୟା: ଚଷାପଡା, କଟକ, ଓଡ଼ିଶା - ୭୫୪୦୨୭ / **ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀ ବିଜୟ କୁମାର ସ୍ୱାଇଁ,** ପିତା: ସ୍ୱ ଉମାକାନ୍ତ ସ୍ୱାଇଁ, ସା: କଟକିଆସାହି, ପୋ: ବଳରାମପୁର, ଥାନା: ଆଠଗଡ, କଟକ, ଓଡ଼ିଶା - ୭୫୪୦୨୯ | ୧) **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୮୩ ଡିସିମିଲି, ପ୍ଲଟ୍ ନଂ.: ୧, ଅନୁରୂପ ହାଲ ବନ୍ଦୋବସ୍ତ ପ୍ଲଟ୍ ନଂ.: ୫, ଖାତା ନଂ.: ୧, ମୌଜା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଥାନା: ଗୁରୁଡିଝାଟିଆ, ତହସିଲ: ଆଠଗଡ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨, ଦକ୍ଷିଣ: ପ୍ଲଟ୍ ନଂ.: ପ୍ଲଟ୍ ନଂ.: ୧ର ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୮୨ ୨) ସ୍ଥାପିତ ହୋଇଥିବା କଳକବ୍ଜା ଏବଂ ଯନ୍ତ୍ରପାତି ଯାହାର ପ୍ଲଟ୍ ନଂ.: ୦୫, ଖାତା ନଂ.: ୦୧, ମୌଜା: ଶ୍ରୀରଙ୍ଗପୁର, ଥାନା: ଗୁରୁଡିଝାଟିଆ, ପୋ: ଧୁରୁସିଆ, ଜିଲ୍ଲା: କଟକ, ଓଡ଼ିଶା - ୭୫୪୦୨୭ (କଳକବ୍ଜା ଏବଂ ଯନ୍ତ୍ରପାତିର ବିବରଣୀ: Fatka, worm, pocular machine with machine, pocular connect elemetre, stoner, dryer section, elemtre 5 nos, brofler, blower, Rola with motor (10 HP), Thukar Chala with motor, 4 chala with motor)। **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ରେକର୍ଡଭୁକ୍ତ କଳକବ୍ଜା ଓ ଯନ୍ତ୍ରପାତି ଯାହା ଆଇଓବି, ଧୁରୁକୁଡିଆ ଶାଖାକୁ ବନ୍ଧକ ଦିଆଯାଇଛି। | ୦୩.୦୬.୨୦୨୬ ସୁଦ୍ଧା ଟ.୬୧,୮୩,୦୨୯.୨୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୬,୯୦,୦୦୦/- / ଟ.୨,୬୯,୦୦୦/- |

**ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଇ-ନିଲାମ ତାରିଖ ଓ ସମୟ: ୨୬.୦୮.୨୦୨୬ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୨.୦୦ ଘଟିକା** (୫ ମିନିଟ୍ ସ୍ୱତଃ ବର୍ଦ୍ଧିତ ସମୟ ସହିତ)

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **https://baanknet.com/eauction-psb/bidder-registration** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇଚ୍ଛୁକ ବିଡ୍‌ଧାରୀ/କ୍ରେତାଙ୍କୁ ଅନୁରୋଧ କରାଯାଉଛିକି ସେମାନେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration**ରେ ରେଜିଷ୍ଟର କରନ୍ତୁ ଏବଂ **KYC** କାଗଜପତ୍ର ଅପ୍‌ଲୋଡ କରନ୍ତୁ। (୩) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration** ମାଧ୍ୟମରେ ଅମାନତ ରାଶି ଦାଖଲର ପ୍ରାମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ପାନ୍‌କାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସହିତ ଉପର ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୪) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **UPI / Net Banking / NEFT / RTGS PSB Alliance (baanknet.com)** ର ୱାଲେଟ୍ ମାଧ୍ୟମରେ ଇ-ନିଲାମ ସାଇଟ୍ **https://baanknet.com/eauction-psb/bidder-registration** ମାଧ୍ୟମରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। ନିଲାମଧାରୀମାନଙ୍କ ଦ୍ୱାରା ଅମାନତ ରାଶି **PSB Alliance (baanknet.com)** ଦ୍ୱାରା ପ୍ରଦତ୍ତ ନିଜର ୱାଲେଟ୍ ମାଧ୍ୟମରେ ଜମା କରାଯିବ ଯାହାକି ଇ-ନିଲାମ ୱେବ୍‌ସାଇଟ୍: **https://baanknet.com/eauction-psb/bidder-registration** ଦ୍ୱାରା **UPI / Net Banking / NEFT / RTGS** ମାଧ୍ୟମରେ ଦାଖଲ କରାଯିବ। (୫) ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ। (୬) ଅନ୍‌ଲାଇନ୍ ନିଲାମ ବିକ୍ରୟ ସ୍ୱୟଂଚାଳିତ ଭାବରେ ଏବଂ ଉପରୋକ୍ତ ସମୟରେ ଆରମ୍ଭ ହେବ। ନିଲାମ/ବିକ୍ରୟର ସ୍ୱତଃ ବର୍ଦ୍ଧିତ ସମୟ ଶେଷ ୫ ମିନିଟ୍ ସହିତ ପ୍ରାରମ୍ଭିକ ଭାବେ ୧୮୦ ମିନିଟ୍ ସମୟ ଅବଧି ପାଇଁ ଆରମ୍ଭ ହେବ। (୭) ଉପର ଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି: **ଟ.୨୦,୦୦୦/-**, ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର **୨୫%** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରିଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ- ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ-ଏ ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟି ଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥି ନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। ପଚାଶ ଲକ୍ଷରୁ ଅଧିକ ମୂଲ୍ୟର ସ୍ଥାବର ସମ୍ପତ୍ତି ହସ୍ତାନ୍ତର କ୍ଷେତ୍ରରେ ବିକ୍ରୟ ମୂଲ୍ୟର ୧% ଆୟକର ଟ୍ରାନ୍ସଫରି (ହସ୍ତାନ୍ତରିତ ବ୍ୟକ୍ତି) ବହନ କରିବେ। (୧୮) **ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା Authorized Officer, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: bhubaneswar-samd@iob.bank.in or visit website: https://baanknet.com/eauction-psb/bidder-registration.** (୧୯) ଏହି ପ୍ରକାଶନଟି **ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୯(୧) ଅନୁଯାୟୀ** ଉପରୋକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା **୧୫ ଦିନିଆ ନୋଟିସ୍ ଅଟେ** । (୨୦) ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର ସାଙ୍କେତିକ / ଗଠନାତ୍ମକ ଦଖଲରେ ଅଛି ଏବଂ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ ନିମନ୍ତେ ଦିଆଯାଇଛି। କେବଳ ସମ୍ପତ୍ତିର ହସ୍ତାନ୍ତର ଏବଂ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲର ହସ୍ତାନ୍ତର ଏବଂ ନିଲାମଧାରୀଙ୍କ ପାଇଁ ସମ୍ପତ୍ତି, ବ୍ୟାଙ୍କ ଦ୍ୱାରା କେବଳ ଆଇନ ଅନୁଯାୟୀ ଭୌତିକ ଦଖଲ ପାଇବା ପରେ ଏବଂ ସେହି ତାରିଖ କିମ୍ବା ବିଳମ୍ବରେ କର୍ତ୍ତୃପକ୍ଷ / କୋର୍ଟ / ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଦାନ କରାଯିବ। ସଫଳ ନିଲାମଧାରୀମାନଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କର ଅମାନତ ରାଶି / ଚୂଡାନ୍ତ ବିଡ୍ ରାଶି ଉପରେ କୌଣସି ସୁଧ/ ଦାବୀ / କ୍ଷତିପୂରଣ ଦିଆଯିବ ନାହିଁ। (୨୧) ଯଦି ଉପରୋକ୍ତ ଇ-ନିଲାମ ବିକ୍ରୟକୁ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଇତ୍ୟାଦି ପୂର୍ବରୁ ଅନୁମୋଦନ କରାଯାଏ ତେବେ ବିକ୍ରୟ /ନିଲାମର ଚୂଡାନ୍ତ କେବଳ ଉପରୋକ୍ତ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ଏବଂ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ପର୍ଯ୍ୟନ୍ତ, ନିଲାମଧାରୀମାନଙ୍କୁ ଅମାନତ ରାଶି/ଚୂଡାନ୍ତ ବିଡ୍ ରାଶି ଉପରେ ବ୍ୟାଙ୍କ କୌଣସି ପ୍ରକାରର ସୁଧ/ଦାବୀ/କ୍ଷତିପୂରଣ ଇତ୍ୟାଦି ପ୍ରଦାନ କରିବ ନାହିଁ।

ସ୍ଥାନ : ଭୁବନେଶ୍ୱର
ତାରିଖ: ୦୪.୦୮.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

### ଟିପିଏନ୍ଓଡିଏଲ୍‌ର ବେପରୁଆ ନୀତି

# ରାସ୍ତା ମଝିରେ ଢଳିଛି ବିଦ୍ୟୁତ୍ ଖୁଣ୍ଟ, ବିପଦରେ ଜନଜୀବନ

ବାରିପଦା, ୪।୮ (ସମିସ): ବାରିପଦା ସହର ସହ ତକତପୁରକୁ ସଂଯୋଗ କରୁଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତୁଳସୀଚୌରା ମୁଖ୍ୟ ରାସ୍ତାରେ ଏବେ ବିପଦ ସାଜିଛି ବିଦ୍ୟୁତ୍ ଖୁଣ୍ଟ। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ହଜାର ହଜାର ସାଧାରଣ ଜନତା, ବ୍ୟବସାୟୀ ଓ ଛାତ୍ରଛାତ୍ରୀ ଯାତାୟାତ କରୁଥିବାବେଳେ ରାସ୍ତା ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଜ୍ଜନକ ଭାବେ ଢଳି ରହିବା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର କାରଣ ପାଲଟିଛି। ପୂର୍ବରୁ ଏହି ଅଞ୍ଚଳର ଲୋକମାନେ ରେଳ ଲାଇନ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ନୂତନ ରାସ୍ତା ନିର୍ମାଣ ହେବା ପରେ ଫାଟକ ସମସ୍ୟା ଓ ରେଳ ଦୁର୍ଘଟଣାରୁ ଲୋକଙ୍କୁ ମୁକ୍ତି ମିଳିଥିଲା ସତ, କିନ୍ତୁ ଏବେ ରାସ୍ତା ମଝିରେ ରହିଯାଇଥିବା ଏହି ବିଦ୍ୟୁତ୍ ଖୁଣ୍ଟ ସାକ୍ଷାତ୍ 'ମୃତ୍ୟୁଯନ୍ତା' ପାଲଟିଛି।



ରାସ୍ତାର ମଝି ଭାଗରେ ଖୁଣ୍ଟଟି ଅତ୍ୟନ୍ତ ଢଳିଥିବା ଅବସ୍ଥାରେ ରହିଥିବାରୁ ବିଶେଷକରି ରାତି ସମୟ ଓ ଦ୍ରୁତଗାମୀ ଯାନବାହନ ଚାଳକଙ୍କ ପାଇଁ ଏହା ବଡ ଦୁର୍ଘଟଣାର କାରଣ ସାଜୁଛି। ପୂର୍ବରୁ ଏଠାରେ ଏକାଧିକ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ଟାଟା ପାୱାର ଉତ୍ତର ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଏନଓଡିଏଲ)ର କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଓ ନିଷ୍କ୍ରିୟତା ଯୋଗୁଁ ଆଜି ଲୋକଙ୍କ ଜୀବନ ସହ ଖେଳ ଚାଲିଛି। ରାସ୍ତା ଓସାରିଆ ଓ ପ୍ରଶସ୍ତୀକରଣ ହେବା ସମୟରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରାଯିବା କଥା, ମାତ୍ର ବିଭାଗୀୟ ଅବହେଳା ଯୋଗୁଁ ଏହାକୁ ସେମିତି ବିପଜ୍ଜନକ ଅବସ୍ଥାରେ ଛାଡ଼ି ଦିଆଯାଇଛି। କୌଣସି ବଡ଼ଧରଣର ଅପ୍ରୀତିକର ଘଟଣା କିମ୍ବା ଧନଜୀବନ ହାନି ହେବା ପୂର୍ବରୁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ତୁରନ୍ତ ଏହି ଖୁଣ୍ଟକୁ ହଟାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ତୁଳସୀଚୌରା ବାସିନ୍ଦା ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଯୁବ ସଚେତନତା କାର୍ଯ୍ୟକ୍ରମ



ବେତନଟୀ, ୪।୮ (ସମିସ): ବେତନଟୀ ବ୍ଲକ ଅଧୀନ ବଦକୋଟି ପଞ୍ଚାୟତର ଉମରଗୋଳା ଗାଁରେ ଯୁବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତି କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ଯୋଗଦେଇ ବିଭିନ୍ନ ଯୁବକ/ଯୁବତୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି କଲ୍ୟାଣ ସମିତି ଜିଲ୍ଲା ସମ୍ପାଦକ ହାଡ଼ିବନ୍ଧୁ କାଳନ୍ଦୀ, ଉପସଭାପତି ଲକ୍ଷିତ କାଳନ୍ଦୀ, ଗଣେଶ ଜୟରାମ, ଗୋବିନ୍ଦ ରାମ ଯୋଗଦେଇ ପିଲାମାନଙ୍କୁ ପାଠପଢ଼ି ବଡ ମଣିଷ ହେବା ଓ ନିଶାଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ।

● ବିଦ୍ୟାପୀଠ କ୍ଲାସେସ୍‌ରେ ଓସିଏସ୍ ଟପ୍ପର ଶୁଭଙ୍କରୀ ସୁଦେଷ୍ଣା ଦାଶ

## 'କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ'




ବାରିପଦା, ୪।୮ (ସମିସ): ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ନିରନ୍ତର ସାଧନା, ସଠିକ୍ ରଣନୀତି ଏବଂ ଆତ୍ମବିଶ୍ୱାସ ନିତାନ୍ତ ଆବଶ୍ୟକ। ଜୀବନରେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚିବା ପାଇଁ କଠିନ ପରିଶ୍ରମର ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ବାଙ୍ଗିରିପୋଷିର ବର୍ତ୍ତମାନର ତହସିଲଦାର ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍-୨୦୨୦) ପରୀକ୍ଷାରେ ଦ୍ୱିତୀୟ ରାଙ୍କ୍ ହାସଲ କରିଥିବା ଡ. ଶୁଭଙ୍କରୀ ସୁଦେଷ୍ଣା ଦାଶ ପ୍ରକାଶ କରିଛନ୍ତି। ସ୍ଥାନୀୟ 'ବିଦ୍ୟାପୀଠ କ୍ଲାସେସ୍' ପରିସରରେ ଆୟୋଜିତ ଏକ ବିଶେଷ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶାସନିକ ସେବା ପରୀକ୍ଷା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କୌଶଳ, ଉପଯୁକ୍ତ ବହି ଚୟନ ଏବଂ ସମୟ ପରିଚାଳନା ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ଏଥିସହିତ ଜୀବନର ବିଭିନ୍ନ ଆହ୍ୱାନ, ମାନସିକ ଚାପ ଓ ପ୍ରତିବନ୍ଧକକୁ କିପରି ସାହସର ସହ ସାମ୍ନା କରିହେବ, ସେ ନେଇ ନିଜ ସଂଘର୍ଷ ଓ ସଫଳତାର ପ୍ରେରଣାଦାୟୀ କାହାଣୀ ସେୟାର କରିଥିଲେ। 'ପରୀକ୍ଷାରେ ସଫଳ ହେବାକୁ ହେଲେ କେବଳ ସ୍ୱପ୍ନ ଦେଖିଲେ ହେବନାହିଁ, ସେହି ଅନୁସାରେ ନିଷ୍ଠାର ସହ ଦିନରାତି ଏକ କରିବାକୁ ପଡ଼ିବ। ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରହି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ ପ୍ରତ୍ୟେକ ବାଧାବିଘ୍ନ ଆପେ ଆପେ ଦୂର ହୋଇଯିବ' ବୋଲି ଡ. ଶୁଭଙ୍କରୀ କହିଛନ୍ତି । କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାପୀଠ କ୍ଲାସେସ୍ର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମଣ୍ଡଳ ମୁଖ୍ୟଅତିଥି ଡ. ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଓ ସ୍ୱାଗତ ଜଣାଇଥିଲେ। ଏହି ସେସନ୍‌ରେ ଅନୁଷ୍ଠାନର ଅଧ୍ୟକ୍ଷ ଜିତେନ୍ଦ୍ର ପାଲ, ଅଭିଷେକ ବେହେରା, ଭାଗ୍ୟଶ୍ରୀ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, ଗୁଣୀଜନ ଓ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ଦିବସ




ବାରିପଦା, ୪।୮ (ସମିସ): ବାରିପଦାସ୍ଥ ଗଣେଶ କଲ୍ୟାଣୀ ମଣ୍ଡପରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଝାଡ଼ଖଣ୍ଡ ଦଳର ସୁପ୍ରିମୋ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ସ୍ୱର୍ଗତ ଶିବୁ ସୋରେନଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇ ଶ୍ରଦ୍ଧା ଓ ସ୍ମୃତି ଚାରଣ ସଭା ଆରମ୍ଭ କରାଯାଇଥିଲା। ଗୁରୁଜୀଙ୍କୁ ଭଲ ପାଉଥିବା ଓ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତି ବିଶେଷ ଉପସ୍ଥିତ ହୋଇ ତାଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୋରେନ ଏକାଧାରାରେ ସମାଜ ସଂସ୍କାରକ, ନିର୍ଭିକ ଓ ସାହସୀ ରାଜନେତା ଥିଲେ। ତାଙ୍କ ଚେଷ୍ଟାରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହୋଇପାରିଛି। ସେ ୧୯୪୪ ଜାନୁଆରୀ ୧୧ ତାରିଖରେ ପୂର୍ବରୁ ବିହାର ରାଜ୍ୟ ଓ ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟର ନେମରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଜମିଦାରୀ ପ୍ରଥା ବିରୋଧରେ ଲଢ଼ି ସମାଜ ତଥା ଗରିବ ଜନସାଧାରଣଙ୍କ ମସିହା ପାଲଟିଥିଲେ। ପରବର୍ତ୍ତୀ ସମୟରେ ଦିଶୋମ ଗୁରୁ ଆଖ୍ୟା ପାଇଥିଲେ। ସୋରେନଙ୍କ ଉଦ୍ୟମରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ପ୍ରତିଷ୍ଠା ହୋଇ ଆଜି ଝାଡ଼ଖଣ୍ଡ ରାଜ୍ୟରେ ଶାସନ କରିବା ସହିତ ଦେଶରେ ବହୁ ରାଜ୍ୟରେ ଆଦିବାସୀ ଗରିବ ନିଷ୍ପେସିତ ଲୋକଙ୍କ ଅଧିକାର ପାଇଁ ଲଢେଇ କରୁଛି। ସେଥିମଧ୍ୟରୁ ମୟୁରଭଞ୍ଜ ଜିଲ୍ଲା ଅନ୍ୟତମ। ସୋରେନ ମୟୂରଭଞ୍ଜ ତଥା ମୟୂରଭଞ୍ଜବାସୀଙ୍କୁ ବହୁତ ଭଲ ପାଉଥିଲେ। ସେ ପାଇଁ ମୟୁରଭଞ୍ଜରେ ପାରିବାରିକ ସମ୍ପର୍କ ଯୋଡ଼ି ଥିଲେ। ସୋରେନ ୧୦ ଥର ସାଂସଦ ହୋଇଥିଲେ। ଏହାସହ ୮ ଥର ଲୋକସଭା ଓ ୨ଥର ରାଜ୍ୟ ସଭାକୁ ଓ ତତ୍ ସହିତ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଉକ୍ତ ସଭାରେ ଜିଲ୍ଲା ଉପସଭାପତି ଜିତୁ ମହାନ୍ତ, ବିରଞ୍ଚି ପାତ୍ର, ବାରିପଦା ସହର ସଭାପତି, ଯୁବ ନେତା ଅମୀର ଖାନ, ସିପୁ ମୁଦୁଲି, ପରାଣ ହେମ୍ବ୍ରମ, ବାରିପଦା ବ୍ଲକ୍‌ର ପାରନ ହେମ୍ବ୍ରମ, ବବଲୁ ସିଂ, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ପ୍ରିୟ ରଞ୍ଜନ ସୋରେନ,ହେମନ୍ତ ମହାନ୍ତ, ଶ୍ରବଣ ମହାନ୍ତ, ଦୀପକ ଗିରି, ବିଜୟ ଗୋପ ପ୍ରମୁଖ ଶତାଧିକ ଗୁରୁଜୀଙ୍କ ସମର୍ଥକ ଯୋଗ ଦେଇ ଥିଲେ ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ମହୁଲଡିହା,୪।୮ (ସମିସ): ଠାକୁରମୁଣ୍ଡା ଥାନା ବେତଝରୀ ଗ୍ରାମରେ ଚିତି ସାପ କାମୁଡ଼ାରେ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ବେତଝରୀ ଗ୍ରାମର ନାଗି ମାଝୀ (୭୨)। ସୋମବାର ରାତିରେ ଶୋଇ ଥିବାବେଳେ ତାଙ୍କୁ ଏକ ଚିତି ସାପ କାମୁଡ଼ି ଥିଲା। ରାତିରେ ନାଗିଙ୍କ ଛାତି ଓ ପେଟରେ ଯନ୍ତ୍ରଣା ହେବାରୁ ସେ ଦୁଇ ଝିଅଙ୍କୁ ଜଣାଇଥିଲେ। ପରିବାର ଲୋକେ ସକାଳ ୫ଟାରେ ନାଗିଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୨୦୨୪ ଅଗଷ୍ଟ ମାସରେ ନାଗିଙ୍କ ସ୍ୱାମୀ ଫାଗୁମାଝୀ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ତେବେ ନାଗିଙ୍କ ଜ୍ୱାଇଁ କାରାନ ଟୁଡୁଙ୍କ ଅଭିଯୋଗ କ୍ରମେ ଠାକୁରମୁଣ୍ଡା ଥାନା ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଏଥିସହ ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛନ୍ତି।

## ନଦୀ ସ୍ରୋତରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

ମହୁଲଡିହା,୪।୮ (ସମିସ): ଠାକୁରମୁଣ୍ଡା ଥାନା ଅଖାପଲାଣ ନିକଟସ୍ଥ ସିମ ନଦୀ ସ୍ରୋତରେ ଭାସିଯାଇ ଜଣେ ବୃଦ୍ଧ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଅଖାପଲାଣ ଗ୍ରାମର ଅନାମ ରେଣସିଆ (୬୫)। ଗତକାଲି ବୃଦ୍ଧ ଜଣକ ଶୌଚ, ସ୍ନାନାଦି ପାଇଁ ନିକଟସ୍ଥ ସିମ ନଦୀକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସି ଯିବାରୁ ସ୍ରୋତରେ ଭାସି ଯାଇଥିଲେ। ଅନାମଙ୍କ ପୁଅ ସନାତନ ଘଟଣା ସମ୍ପର୍କରେ ଜାଣିବା ପରେ ଗାଁ ଲୋକଙ୍କୁ ନେଇ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ସେ ଅଗ୍ନିଶମ ବାହିନୀ ଓ ଠାକୁରମୁଣ୍ଡା ଥାନାକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ଅକ୍ଲାନ୍ତ ପରିଶ୍ରମ କରି ଆଜି ସକାଳେ ନଦୀରୁ ଶବ ଉଦ୍ଧାର କରିଥିଲା। ସନାତନଙ୍କ ଏତଲାକ୍ରମେ ଠାକୁରମୁଣ୍ଡା ଥାନାଧିକାରୀ ଶରତ କୁମାର ମହାଳିକ ୧୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ସୂଚନା ଦେଇଛନ୍ତି। ଅନାମଙ୍କ ପରିବାରକୁ ସରକାର ନିୟମ ମୁତାବକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଆନ୍ତର୍ଜାତିକ କରାଟେ ଚାମ୍ପିଅନସିପରେ ମୟୂରଭଞ୍ଜ ଖେଳାଳିଙ୍କ କୃତିତ୍ୱ



ବାରିପଦା, ୪।୮ (ସମିସ): କୋଲକାତାର ଐତିହାସିକ ନେତାଜୀ ଇଣ୍ଡୋର ଷ୍ଟାଡିୟମରେ ୧୦ମ ଆନ୍ତର୍ଜାତିକ ଓପନ କରାଟେ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ଏଥିରେ ବାରିପଦାସ୍ଥ ଉତ୍କଳ କରାଟେ ସ୍କୁଲ ଖେଳାଳି ଅଂଶଗ୍ରହଣ କରିଥିଲେ। ଆନ୍ତର୍ଜାତିକ ମଞ୍ଚରେ ନିଜ ପ୍ରତିଭାର ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ଜୁଲାଇ ୩୧ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୧୦ମ ଆନ୍ତର୍ଜାତିକ ଓପନ କରାଟେ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଖେଳାଳି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତି ନିଜର ଦମଦାର ପ୍ରଦର୍ଶନ କରିଛନ୍ତି। ଅଲ୍ ଇଣ୍ଡିଆ ସେଶିନକାଇ ସିତୋ ର୍‌ୟୁ କରାଟେ ଡୋ ଫେଡେରେସନର ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନିଦିନିଆ ପ୍ରତିଯୋଗିତାରେ ଏହି ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସୁଶାନ୍ତ ବାରିକ ଓ କୋଚ୍ ସାଇ ସୁନ୍ଦର ବାରିକଙ୍କ ନେତୃତ୍ୱରେ ୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନେ ୭ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି। ସେଥିମଧ୍ୟରୁ କାତା ବିଭାଗରେ ଆଦିର ଦେ, ସମୀକ୍ଷା ବାରିକ, ବୈଭବ ପଟ୍ଟନାୟକ, ରିତିକାରାଣୀ ବେହେରା, ତାନ୍ୟ ତାପ୍ତି ମହାନ୍ତି ସ୍ୱର୍ଣ୍ଣପଦକ, ଜିଜ୍ଞାସା ବାସୁରି ରୌପ୍ୟ ପଦକ, ଆରୋହି ମହାପାତ୍ର କାଂସ୍ୟ ପଦକ, କୁମିତେରେ ଆଦିର ଦେ, ରିଟିକାରାଣୀ ବେହେରା ସ୍ୱର୍ଣ୍ଣପଦକ, ତାନ୍ୟାତାପ୍ତୀ ମହାନ୍ତି, ସମୀକ୍ଷା ବାରିକ, ବୈଭବ ପଟ୍ଟନାୟକ, ଆରୋହି ମହାପାତ୍ର, ଜିଜ୍ଞାସା ବାସୁରୀ କାଂସ୍ୟ ପଦକ ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗନେବେ ପିସିପୁରର ୭ ଖେଳାଳି



ବାରିପଦା, ୪।୮ (ସମିସ): ରାଇରଙ୍ଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ଜଣ ଖେଳାଳି ମନୋନୀତ ହୋଇଛନ୍ତି ।ବାରିପଦା ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଦେବ ତେଲେଙ୍ଗା, ଦେବାଶିଷ କୁଁଅର, ରାକେଶ ବେହେରା, ସଂଜିତ ସିଂହ, ସୁକୁଲ ହେମ୍ବ୍ରମ, ଆକାଶ କୁମାର ମହାନ୍ତ, ଗାଜ ଟୁଡୁ କୃତିତ୍ୱ ହାସଲ କରି ରାଜ୍ୟସ୍ତରରେ ଖେଳିବା ସୁଯୋଗ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଛାତ୍ରାବାସରେ ରହି ସମସ୍ତେ ୮ମ ଶ୍ରେଣୀରେ ପାଠ ପଢୁଛନ୍ତି । ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅତୀତରେ ଦୌଡ଼କୁଦ ସହ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ଶିକ୍ଷକ/ଶିକ୍ଷୟିତ୍ରୀ, କୋଚ ବିଷ୍ଣୁପ୍ରିୟା ସାହୁ, ହଷ୍ଟେଲ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ

ବାରିପଦା ୪।୮ (ସମିସ): ରାଞ୍ଚିସ୍ଥିତ ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଡ଼ମାଲି ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କର ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଅଞ୍ଚଳରେ ଆୟୋଜିତ ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧିଦଳ

■ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଦଳ




ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କୁଡ଼ମାଲି ଭାଷାର ଏକ ସ୍ନାତକୋତ୍ତର ବିଭାଗ ପ୍ରତିଷ୍ଠା କରିବା ପାଇଁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରଦାନ କରିଥିଲେ । ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ ଯେ, କୁଡ଼ମାଲି ପୂର୍ବ ଭାରତର ଏକ ସମୃଦ୍ଧ ଲୋକଭାଷା, ଯାହା ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବହୁଳ ଭାବେ ପ୍ରଚଳିତ ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଏକାଧିକ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ସଫଳତାର ସହ ଚାଲୁଥିବାରୁ ଓଡ଼ିଶାରେ ଏହାର ପ୍ରତିଷ୍ଠା ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣକୁ ନୂତନ ଦିଗ ପ୍ରଦାନ କରିବ । ପ୍ରତିନିଧିମାନେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ଅଧ୍ୟାପକମାନଙ୍କ ସହ ସକ୍ରିୟ ଶିକ୍ଷାଗତ ସହଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ । ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିବା ସହ ନୃତତ୍ତ୍ୱ ପରୀକ୍ଷାଗାରରେ ଥିବା ଆଧୁନିକ ବୈଜ୍ଞାନିକ ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ସଂଗ୍ରହାଳୟରେ ସଂରକ୍ଷିତ ଦୁର୍ଲଭ ଆଞ୍ଚଳିକ ନିଦର୍ଶନ, ଆଦିବାସୀ ବସ୍ତ୍ର ଓ ଜନଜାତି କଳାକୃତିର ଅଧ୍ୟୟନ କରିଥିଲେ । ପ୍ରତିନିଧିଗଣ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ମୁଖ୍ୟ ଡ଼. ବସନ୍ତ କୁମାର ମହାନ୍ତ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ସେମାନଙ୍କର ଶିକ୍ଷାଗତ ମାର୍ଗଦର୍ଶନ, ସମନ୍ୱୟ ଏବଂ ଆନ୍ତରିକ ଆତିଥ୍ୟ ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ ।

## କେନ୍ଦୁଜିଆଣୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ମହୁଲଡିହା,୪।୮ (ସମିସ): କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରିବା ସହିତ ପୁରାଣ କାହାଣୀ ମାଧ୍ୟମରେ ବିଜ୍ଞାନ ମନସ୍କ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ବେହେରା ଯୋଗ ଦେଇ ନିଷ୍ଠା ଓ ଏକାଗ୍ରତା ବଳରେ ସଫଳତା ମିଳିବ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ବିଜ୍ଞାନ ମେଳାର ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟ ଲକ୍ଷ୍ମଣ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ୩ଟି ବିଭାଗରେ ମୋଟ ୨୫୦ ଜଣ ଶିଶୁ ଓ କିଶୋର ବର୍ଗର ଶିଶୁ ଭାଇ ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ବିଜ୍ଞାନ, ଗଣିତ ଓ ସଂସ୍କୃତି ଜ୍ଞାନ ପତ୍ର ବାଚନ,ବିଜ୍ଞାନ ଓ ଗଣିତ ପ୍ରୟୋଗ,ପ୍ରଶ୍ନ ମଞ୍ଚ, ନିବନ୍ଧ, କଥା କଥନ, ତତ୍କାଳୀକ ଭାଷଣ, ମୂର୍ତ୍ତି କଳା ଆଦି ପ୍ରଦର୍ଶିତ ହୋଇଥଲା। ୧୮ ଜଣ ସ୍ଥାନୀୟ ତଥା ଅନ୍ୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଚାରକ ମଣ୍ଡଳୀ ଉପସ୍ଥିତ ରହି



ମୂଲ୍ୟାୟନ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଭାଗୀଙ୍କୁ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ନିମନ୍ତେ ଚୟନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଆଚାର୍ଯ୍ୟ ତ୍ରିଲୋଚନ ମହାନ୍ତ ଓ ଆଚାର୍ଯ୍ୟ ରାଜକୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ସେବକ ଭାଇ ଏଥିରେ ସହଯୋଗ କରିଥିଲେ।

## ଠାକୁରମୁଣ୍ଡା ଥାନା ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ମହୁଲଡିହା/ଠାକୁରମୁଣ୍ଡା, ୪।୮ (ସମିସ): ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନ ଠାକୁରମୁଣ୍ଡା ଥାନାରେ ଶରତ କୁମାର ମହାଳିକ ନୂତନ ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଥିବା ଓଆଇସି ସାବିତ୍ରୀ ଦଳେଇଙ୍କ ଜାମଦା ଥାନାକୁ ବଦଳି ହୋଇଛି। ଆଇଆଇସି ଶରତ ମହାଳିକ ଠାକୁରମୁଣ୍ଡା ଥାନା ଆସିବା ପୂର୍ବରୁ ହେଡ଼ କ୍ୱାଟରରେ ଥିଲେ। ଶ୍ରୀ ମହାଳିକ ପୂର୍ବରୁ ପାଞ୍ଚପୀଢ଼ ଉପଖଣ୍ଡ କରଞ୍ଜିଆରେ ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି। ୩ ତାରିଖ ସନ୍ଧ୍ୟାରେ ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ନିଜ ବିଚାର ବ୍ୟକ୍ତ କରିଥିଲେ। ଥାନାକୁ ଆସୁଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ପ୍ରାଥମିକତା ଦେବେ ବୋଲି କହିଥିଲେ। ଲୋକ ଯେଉଁ ବିଶ୍ୱାସ ଓ ଭରସା ନେଇ ଥାନାକୁ ଆସୁଛନ୍ତି ତାର ବିଶ୍ୱାସ ବଜାୟ ରଖିବାକୁ ପ୍ରୟାସ ରହିବ ବୋଲି ସେ କହିଥିଲେ। ଆଲୋଚନା ସମୟରେ ସରକାରୀ କାର୍ଯ୍ୟ ସହିତ ସମାଜସେବାରେ ତାଙ୍କର ରୁଚି ରହିଥିବା ଶ୍ରୀ ମହାଳିକ ପ୍ରକାଶ କରିଥିଲେ।



### ଆଶ୍ରମ ବିଦ୍ୟାଳୟରେ ନିର୍ଯାତନା ଅଭିଯୋଗ

# ୩ କିଲୋମିଟର ଚାଲିଚାଲି ଯାଇ ବିଡିଓଙ୍କୁ ଗୁହାରି କଲେ ଛାତ୍ରଛାତ୍ରୀ

ଶୁଳିଆପଦା/ମୋରଡା,୪।୮ (ସମିସ): ଶୁଳିଆପଦା ବ୍ଲକ୍ ଅଧୀନ କଣ୍ଟିସାହି ପଞ୍ଚାୟତ ପଥରନେସା ଆଶ୍ରମ ବିଦ୍ୟାଳୟରେ ପିଲାମାନଙ୍କୁ ଶାରୀରିକ ଓ ମାନସିକ

■ ପ୍ରଧାନଶିକ୍ଷକଙ୍କୁ ଅଭିଯୋଗ କଲେ ଟିସି ଧମକ
■ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବହିଷ୍କାର ଦାବି

ନିର୍ଯାତନା ଦେଉଥିବାରୁ ପ୍ରଧାନଶିକ୍ଷକ ନୀଳମାଧବ ଦଳେଇ, ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ନାୟକଙ୍କ ବହିଷ୍କାର ଦାବିରେ ଛାତ୍ରଛାତ୍ରୀ ତିନି କିଲୋମିଟର ଚାଲି ଚାଲି ବିଡ଼ିଓଙ୍କୁ ଅଭିଯୋଗ କରିବା ପାଇଁ ବ୍ଲକ୍ କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲେ। ତେବେ ଖବର ପାଇଁ ବିଡିଓ ସମସ୍ତଙ୍କୁ ଅଧା ବାଟରୁ ଅଟକାଇ ପୁନର୍ବାର ବିଦ୍ୟାଳୟକୁ ନେଇ ସମସ୍ୟା ବୁଝିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ମୁତାବକ, ଆଶ୍ରମରେ ଦିଆଯାଉଥିବା ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ପୋକଯୁକ୍ତ ଲଡ୍ଡୁ ଖାଇବା ପାଇଁ ଦିଆଯାଉଛି। ଏତଦ୍‌ବ୍ୟତୀତ ସ୍କୁଲ ଏବଂ ହଷ୍ଟେଲରେ ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ପ୍ରଦାନ ପ୍ରଦାନ କରାଯାଇଥାଏ। ସ୍କୁଲ ପରିସର ଏବଂ ହଷ୍ଟେଲ ରୁମ୍‌ରେ ଫିନାଇଲ ପକା ଯାଉ ନ ଥିବାରୁ ପୋକଜୋକଗୁଡ଼ିକ ଚାରି ଆଡ଼େ ଦେଖା ଦେଇଥାନ୍ତି। ଏନେଇ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ କରିବା ପରେ ସେମାନଙ୍କୁ ଟିସି ଦେଇ ଘରକୁ ପଠାଇ ଦେବେ ବୋଲି ପ୍ରଧାନ ଶିକ୍ଷକ ନୀଳମାଧବ ଦଳେଇ ଧମକ ଦେଉଥିବାର ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ଆଶ୍ରମ ବିଦ୍ୟାଳୟର ଅନ୍ୟ ଜଣେ ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ନାୟକ ପିଲାମାନଙ୍କୁ ଶ୍ରେଣୀ ଗୃହରେ ବାରମ୍ବାର ଅଶାଳୀନ କଥା ପଚାରୁଥିବାବେଳେ ମଙ୍ଗଳବାର ଦିନ ଜୈନିକ ସପ୍ତମ ଶ୍ରେଣୀର ଛାତ୍ର ଗାଧେଇବା ସମୟରେ ସାବୁନ ଲଗାଇ ଦେଇଥିବାରୁ ତାର ପେଟକୁ ମୁଥ ମାରିଥିଲେ, ଫଳରେ ଛାତ୍ରଟି ଅସହ୍ୟ ଯନ୍ତ୍ରଣାରେ ଛଟପଟ କଥା କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ନେବାରୁ ଛାତ୍ରଛାତ୍ରୀମାନେ ସମ୍ପୂର୍ଣ୍ଣ ମିଛ ଅଭିଯୋଗ କରୁଥିବା କହିଛନ୍ତି। ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ନାୟକଙ୍କୁ ପିଲାଟିକୁ ମୁଥ ମାରିବା ଅଭିଯୋଗ ସମ୍ପର୍କରେ ପ୍ରତିକ୍ରିୟା ନେବାରୁ ସେ ଶେଷରେ ପେଟରେ ମାରିଥିବା କଥା ସ୍ୱୀକାର କରିଛନ୍ତି। ଆଶ୍ରମ ବିଦ୍ୟାଳୟକୁ ବିଡ଼ିଓ ଲକ୍ଷ୍ମୀସାଗର ମାଝୀ, ଥାନା ଅଧିକାରୀ ସତ୍ୟନାରାୟଣ ବଳ, ବିଇଓ ରଶ୍ମିରଞ୍ଜନ ଗିରି,ଏବିଇଓ ଜଗନ୍ନାଥ ନାୟକ ଓ ଅନ୍ୟ ଅଧିକାରୀମାନେ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଉକ୍ତ ଦୁଇ ଶିକ୍ଷକଙ୍କ ଯଥାଶୀଘ୍ର ବହିଷ୍କାର ଦାବି କରିଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ।



## ମୃତ ଆମ୍ବୁଲାନ୍ସ ଆଟେଣ୍ଡାଣ୍ଟଙ୍କ ପରିବାରକୁ ଆର୍ଥିକ ସହାୟତା



ଆନନ୍ଦପୁର, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଯୁଗଳକିଶରପୁର ଗ୍ରାମର ଜୁଝାର ମୁଣ୍ଡାଙ୍କ ପୁତ୍ର ନଟବର ମୁଣ୍ଡା ଦୀର୍ଘ ୧୩ ବର୍ଷ ହେବ ଧକୋଠା ମେଡିକାଲରେ ୧୦୮ ଆମ୍ବୁଲାନ୍ସ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ହଠାତ୍ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିବା ବେଳେ ଜୀବନ ଚାଲି ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ଅଲ୍‌ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଶେଷକୃତ୍ୟ ପାଇଁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସଂଘ ସଭାପତି ସୁବୋଧନାଥ ଶର୍ମା, ହାଇ ପାୱାର କମିଟି ଜୀବନଜ୍ୟୋତି ଚାନ୍ଦଙ୍କ ସହ କେନ୍ଦୁଝର ଜିଲ୍ଲା ସଭାପତି ଗିରିଜା ପ୍ରସାଦ ଖୁଣ୍ଟିଆ ଓ କମିଟି ମେମ୍ବର ବିଜୟ କୁମାର ସାହୁ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀରେ ସାମିଲ ହୋଇ ସ୍ୱର୍ଗତ ନଟବରଙ୍କ ଗ୍ରାମ ପାଖରୁ ଏକ ଶୋକାକୁଳ ଶୋଭାଯାତ୍ରା ଆୟୋଜନ କରି ଗାଁରେ ପହଞ୍ଚିଥିଲେ। ତାଙ୍କ ପରିବାର ଲୋକଙ୍କୁ ୧ ଲକ୍ଷ୍ୟ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଂଘ ସଭାପତିଙ୍କ କହିବାନୁଯାୟୀ, ସଂଘର ଯେ କୌଣସି ସଦସ୍ୟ ଅକାଳ ବିୟୋଗ କରୁଛନ୍ତି ତତ୍କାଳୀନ ୧୦,୦୦୦ ଟଙ୍କା ଏବଂ ଶୁଦ୍ଧିକ୍ରିୟା ଭିତରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଦୀର୍ଘ ୩ ବର୍ଷ ଧରି ସଂଘ ପକ୍ଷରୁ ପ୍ରଦାନ କରାଯାଉଛି।

## ହାତୀ ଆକ୍ରମଣରେ ଯୁବକ ମୃତ

ତୁରୁମୁଙ୍ଗା, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ରାମଚନ୍ଦ୍ରପୁର ନିକଟରେ ସୋମବାର ୧୯ ଟିକିଆ ବଣୁଆ ହାତୀପଲ ଡେରା ପକାଇଥିଲେ। ଏହି ହାତୀପଲକୁ ଦେଖିବା ପାଇଁ ଘଟଗାଁ ବ୍ଲକ ଡଳଙ୍ଗପାଣି ଗ୍ରାମର ମଦନ ନାଏକ (୨୯) ସେଠାକୁ ଯାଇଥିବା ସମୟରେ ଏକ ମାଈ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସେ ଘରକୁ ଫେରିବା ପରେ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୁଲିସ ଓ ପାଟଣା ବନ ବିଭାଗ ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ପୂରଣ ହେଲାନି ଆଦର୍ଶ ବିଦ୍ୟାଳୟର ୭ ଶିକ୍ଷକ ପଦ

### ଅଭିଭାବକଙ୍କ ଅସନ୍ତୋଷ, ୪୯ ନଂ ଜାତୀୟ ରାଜପଥ ଅବରୋଧ ନିଷ୍ପତ୍ତି

ବାରିପଦା, ୪।୮ (ସମିସ)



ବାଙ୍ଗିରିପୋଷି ବ୍ଲକ ବଣକାଟି ପଞ୍ଚାୟତ ଜାମଦାପାଳ ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ୭ ଶିକ୍ଷକ ପଦବୀ ପୂରଣ ହେଉ ନ ଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଉତ୍ତେଜନା ରୂପଧାରଣ କରିଛି। ମଙ୍ଗଳବାର ଅଭିଭାବକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସାଇ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଶନିବାର ସୁଦ୍ଧା ଶିକ୍ଷକ ପଦବୀ ପୂରଣ ନ ହେଲେ ୪୯ ନଂ ଜାତୀୟ ରାଜପଥ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଏହି ଅବରୋଧରେ ସାମିଲ ହେବେ। ଏ ସମ୍ପର୍କରେ ଶନିବାର ଚୂଡ଼ାନ୍ତ ବୈଠକ ଶନିବାର ହେବ ବୋଲି ଜଣାପଡିଛି।

ସୂଚନା ମୁତାବକ, ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ଥିବାବେଳେ ଛାତ୍ରଛାତ୍ରୀ ବିଦ୍ୟାଳୟର ଗୋଟିଏ, ଦୁଇଟି କ୍ଲାସ କରି ଘରକୁ ଫେରୁଛନ୍ତି। ୬ ମାସ ପରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବୋର୍ଡ ପରୀକ୍ଷା। ପିଲା କ'ଣ ପଢ଼ିବେ ଓ ଲେଖିବେ ଅଭିଭାବକଙ୍କ ସହ ଛାତ୍ରଛାତ୍ରୀଙ୍କୁ ଚିନ୍ତା ଘାରିଛି। ଓଡ଼ିଆ, ପଦାର୍ଥବିଜ୍ଞାନ, କମ୍ପ୍ୟୁଟର, ରସାୟନ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ହିନ୍ଦୀ ଶିକ୍ଷକ ପଦବୀ ଖାଲିଥିବାରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପଢ଼ା କମ ଗପସପରେ ଦିନ ଯାଉଛି। ପଢ଼ା ନ ହୋଇ ପିଟି ୧ ପରୀକ୍ଷା ସରିଛି। ରେଜଲ୍ଟ ବାହାରୁ ବାହାରୁ ପିଟି ୨ ପରୀକ୍ଷା ୪ ତାରିଖ ମଙ୍ଗଳବାରରୁ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀ ଶିକ୍ଷକ ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ପରୀକ୍ଷା ବନ୍ଦ ରହୁ ବୋଲି ଅଧ୍ୟକ୍ଷା ଚୁମକିରାଣୀ ମାଝୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଶିକ୍ଷକ ପଦବୀ ପୂରଣ ହେଉ ନ ଥିବାରୁ ଅଭିଭାବକ ଗତମାସ ୨୧ ତାରିଖରେ ତାଲା ବନ୍ଦ ଆନ୍ଦୋଳନ କରିଥିଲେ। ନୋଡାଲ ଅଧିକାରୀ ଦାୟିତ୍ୱରେ ଥିବା ରାଇରଙ୍ଗପୁର ପ୍ରିନ୍ସପାଲ ପ୍ରତାପ ଚନ୍ଦ୍ର ବେହେରା ମଙ୍ଗଳବାର ସୁଦ୍ଧା ଶିକ୍ଷକ ପଦବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଅଭିଭାବକ ଓ ଛାତ୍ରଛାତ୍ରୀ ଉଠିଥିଲେ। ତେବେ ଆଜିକାଲି କହି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଠକୁଥିବାରୁ ଅଭିଭାବକ ପ୍ରଭାତ ହୋତା, ରମାକାନ୍ତ ରଥ, ସୁବ୍ରତ ବସା, ପଦ୍ମଲୋଚନ ଗିରି, ସମରାୟ ମୁର୍ମୁ, ଦାମୋଦର ହେମ୍ବ୍ରମ, ମହେନ୍ଦ୍ର ମାରାଣ୍ଡି, କୃଷ୍ଣ ପାତ୍ର, ପ୍ରଶାନ୍ତ ଦାସପଟ୍ଟନାୟକ, ପ୍ରଦୀପ୍ତ ହୋତା, ଅସିତ ଷଡ଼ଙ୍ଗୀ, ବିକ୍ରମ ହାଁସଦା, ଦୁବାଇ ମାଝୀ, ଧାନେନ୍ଦ୍ର ବେହେରା, ଜିତରାୟ ମାରାଣ୍ଡି, କାର୍ତ୍ତିକ ସିଂ, ରତିକାନ୍ତ ମହାକୁଡ଼ ଉପରୋକ୍ତ ଚରମ ନିଷ୍ପତ୍ତି ନେଇଛନ୍ତି।

## କୃଷ୍ଣଚନ୍ଦ୍ରପୁର ଜୁନିୟର କଲେଜରେ ସର୍ପାଘାତ ସଚେତନତା



ବେତନଟୀ, ୪।୮ (ସମିସ): ସ୍ଥାନୀୟ କୃଷ୍ଣଚନ୍ଦ୍ରପୁର ଜୁନିୟର କଲେଜରେ ସର୍ପାଘାତ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ ମେଡିକାଲର ମେଡିକାଲ ଅଫିସର ଡାକ୍ତର ମହେଶ୍ୱର ମାଝୀ ମୁଖ୍ୟଅତିଥି, ଡାକ୍ତରଖାନାର ବିପିଏମ ସୀମା ସଙ୍ଗୀତା ପରିଡା, ସୁପରଭାଇଜର ଜଗନ୍ନାଥ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ଏଥିସହିତ ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀଙ୍କ ସମେତ ଅଧ୍ୟାପକଙ୍କୁ ବର୍ଷକୁ ବର୍ଷ ଜୀବନ ହାନି ଘଟୁଥିବା ହେତୁ ସତର୍କତା ଅବଲମ୍ବନର ଯଥେଷ୍ଟ ଆବଶ୍ୟକତା ଥିବା ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଶେଖାୱତ ଅଲ୍ଲୀ ପରିଚାଳନା କରିଥିବାବେଳେ ଅତିଥିମାନେ ଏହାର କାରଣ ଓ ନିରାକରଣ, ପ୍ରତିକାର ପାଇଁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ବିଶେଷକରି ଗ୍ରୀଷ୍ମଦିନେ ଗରମ ସହି ନ ପାରି ଘର ଭିତରକୁ ସାପ ପ୍ରବେଶ କରିବା ସହିତ ବର୍ଷାଦିନେ ଗାତରେ ପାଣି ପଶିବା ଓ ଖାଦ୍ୟ ଅନ୍ୱେଷଣରେ ମୂଷା କିମ୍ବା ବେଙ୍ଗ ଶିକାର ପାଇଁ ସାପମାନେ ଘରେ ପଶିଥା'ନ୍ତି। କୁକୁଡ଼ା ମଧ୍ୟ ସାପଙ୍କ ପାଇଁ ବିପଦର କାରଣ ହେଉଥିବା ବକ୍ତାମାନେ ସତର୍କ କରାଇଥିଲେ। ଘର ବାରଣ୍ଡା ଓ ଅଗଣା ପରିଷ୍କାର ରଖିବା ସହିତ ରାତିରେ ପର୍ଯ୍ୟାପ୍ତ ଆଲୋକିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକଙ୍କ ମଧ୍ୟରେ ଭବେନ୍ଦ୍ର କୁମାର ଦେ, ଅଜିତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଅନ୍ୟ ସମସ୍ତ ଷ୍ଟାଫ ଉପସ୍ଥିତ ରହି ସହଯୋଗ କରିଥିଲେ। ଛାତ୍ରୀଙ୍କୁ ଆତ୍ମରକ୍ଷା ନିମନ୍ତେ କୌଶଳ ତାଲିମ ପ୍ରଦାନ ସହିତ ସର୍ପ ଦଂଶନରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ ଆବଶ୍ୟକତା ଓ ଗୁରୁତ୍ୱ ସଂପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଚେତନତା ତାଲିମ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାର ଆବଶ୍ୟକତା ଥିବା ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁ କହିଥିଲେ।

## ପୃଥକ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ବାରିପଦା/ରାଇରଙ୍ଗପୁର, ୪।୮ (ସମିସ): ମଙ୍ଗଳବାର ରାଇରଙ୍ଗପୁର ଅଞ୍ଚଳରେ ପୃଥକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ରାଇରଙ୍ଗପୁର ରୁରାଲ ଥାନା ଅନ୍ତର୍ଗତ ବିଜାତଳା ଅଞ୍ଚଳରେ ଏକ ସ୍କୋର୍ପିଓ ସହିତ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା, ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ବାଦାମପାହାଡ଼ ଥାନା ଅନ୍ତର୍ଗତ ଚୂଲିଭଙ୍ଗା ଗ୍ରାମର ପାଣ୍ଡର କିସ୍କୁ। ଆହତମାନେ ହେଲେ ସୀତାମଣୀ ସୋରେନ୍ ଓ ଆନନ୍ଦ କିସ୍କୁ। ପାଣ୍ଡର କିସ୍କୁ ତାଙ୍କ ଝିଅଙ୍କୁ ବଳରାମପୁର ଛାତ୍ରାବାସରେ ଦେଖାକରି ବାଇକ୍‌ରେ ଘରକୁ ଫେରୁଥିବା ସମୟରେ କେନାଲ ରାସ୍ତାରେ ଏକ ସ୍କୋର୍ପିଓ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ରାଇରଙ୍ଗପୁର ଡାକ୍ତରଖାନାକୁ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ପାଣ୍ଡରଙ୍କ ମୃତ୍ୟୁ ଘଟିଛି। ପୁଲିସ ବାଇକ୍ ଓ ସ୍କୋର୍ପିଓକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।






ଅନ୍ୟଏକ ଘଟଣାରେ ୨୨୦ନଂ ଜାତୀୟ ରାଜପଥର ବାଦାମପାହାଡ଼ ଥାନା ଅନ୍ତର୍ଗତ ଦଲକି ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଟ୍ରକ ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଧକ୍କା ହେବା ମାତ୍ରେ ଉଭୟ ଗାଡ଼ିର ସମ୍ମୁଖ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଷ୍ଟିୟରିଂ ଓ କ୍ୟାବିନ ମଝିରେ ଆହତ ଅବସ୍ଥାରେ ଫସି ରହିଥିଲେ। ବାଦାମପାହାଡ଼ ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଅଗ୍ନିଶମ ବାହିନୀ ଜଣେ ଡ୍ରାଇଭରଙ୍କୁ ତୁରନ୍ତ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟଜଣେ ଡ୍ରାଇଭର କ୍ୟାବିନ ଭିତରେ ଗଭୀର ଭାବେ ଫସି ରହିଥିବାରୁ ତାଙ୍କୁ ବାହାର କରିବା ପାଇଁ ଅଗ୍ନିଶମ ଟିମକୁ ଦୀର୍ଘ ୨ ଘଣ୍ଟା ଧରି କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଗୁରୁତର ଆହତ ଟ୍ରକ୍ ଡ୍ରାଇଭର ଜଣକ ବାଦାମପାହାଡ଼ ବୁରୁଡି ଗ୍ରାମର ମଦନ ହେମ୍ବ୍ରମ ଓ ହାଇୱା ଡ୍ରାଇଭର ଅନୁଗୋଳ ଜିଲ୍ଲା ପାଲଲହଡାର ବଳରାମ ମୁଣ୍ଡା ବୋଲି ଜଣାପଡିଛି। ଉଭୟଙ୍କ ଚିକିତ୍ସା ଜାରି ରହିଥିବାବେଳେ ବାଦାମପାହାଡ଼ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଜାମୁଘାଟ ଅସ୍ଥାୟୀ ପୋଲ; ବାଜି ଲାଗିଛି ଜୀବନ

କୁଆମରା, ୪।୮ (ସମିସ): ଜୟପୁର-ଉଦଳା ପୂର୍ତ୍ତ ବିଭାଗ ରାସ୍ତାର ପ୍ରବାହିତ ଦେଓ ନଦୀ ଗୋପବନ୍ଧୁନଗର ବ୍ଲକ ପାଇଁ ବିକାଶର ବାଟ ଓଗାଳିଛି। ଜୀବନକୁ ବାଜି ଲଗାଇ ଅସ୍ଥାୟୀ ପୋଲ ଉପରେ ଯାତାୟାତ କରୁଛନ୍ତି ଲୋକ। ଗୋପବନ୍ଧୁନଗର ବ୍ଲକର କୁଆମରା, ଆରପଟା, ପୁରୁଣା ବାରିପଦା, ସାଇଁକୁଳା, ଜୟପୁର, ବରଡିହି, କୁଶଳଦା, ପଶୁଦା ପ୍ରଭୃତି ପଞ୍ଚାୟତର ଜନସାଧାରଣ ପ୍ରଭାବିତ ହେଉଛନ୍ତି। ଶୀଘ୍ର ପୋଲ ନିର୍ମାଣ କାମ ଶେଷ କରାଯିବାକୁ ଦାବି ହେଉଛି।

ବର୍ଷାଋତୁ ୪ ମାସ ଅଞ୍ଚଳବାସୀଙ୍କ ପାଇଁ ଦୁଃଖର କାରଣ ସାଜିଛି ନଦୀର ଅସ୍ଥାୟୀ ପୋଲ। ୨୦୨୨ ଡିସେମ୍ବର ମାସରେ ଉକ୍ତ ନଦୀ ଉପରେ ୨୦ ବର୍ଷ ତଳର ନିର୍ମିତ ପୋଲ ଭୁଶୁଡି ପଡ଼ିଥିଲା। ପ୍ରଶାସନ ଓ ବିଭାଗୀୟ ଅବହେଳାରୁ ଇତିମଧ୍ୟରେ ତିନିବର୍ଷ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣର ନାଁ ଗନ୍ଧ ନାହିଁ। ତିନିଦିନ ହେଲା ଯାତାୟାତ ଓ ଗମନାଗମନ ଅଞ୍ଚଳବାସୀଙ୍କ ପାଇଁ ବାଧକ ସାଜିଛି। ଏହି ବ୍ଲକ୍‌ଟି ଉଦଳା ଉପଖଣ୍ଡ ପାଇଁ ସତେ ଯେପରି ଅଭିଶପ୍ତ ପାଲଟିଛି। ଉପଜିଲ୍ଲାପାଳ, ଅଦାଲତ, ଉପଖଣ୍ଡ ଡାକ୍ତରଖାନା, ଉପଖଣ୍ଡ ପୁଲିସ କାର୍ଯ୍ୟାଳୟ ସମେତ ବିଭିନ୍ନ ମୁଖ୍ୟ ବିଭାଗ କାର୍ଯ୍ୟାଳୟ ଉପରେ ଆବଶ୍ୟକତା ପଡ଼ିଥାଏ। ସେତୁ ଭାଙ୍ଗିବା ପରଠାରୁ ବର୍ଷା ଋତୁରେ ୧୫ କିଲୋମିଟର ରାସ୍ତାକୁ ୩୦ କିଲୋମିଟର ବୁଲିବାକୁ ପଡୁଛି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ ସେବା ମିଳିବାରେ ବିଳମ୍ବ ଘଟୁଛି। ଏବେ ବର୍ଷାଋତୁରେ ଅଧିକାଂଶ ଦିନ ଅସ୍ଥାୟୀ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ କିଛି ଅମାନିଆ ଭରା ପାଣିରେ ନଦୀ ପାର ହୋଇ ବିପଦରେ ପଡୁଛନ୍ତି। ଗତବର୍ଷ ନଦୀ ପାରି ସମୟରେ ଦୁଇଜଣ ବ୍ୟକ୍ତି ଓ ଗୋଟିଏ ବାଇକ ଭାସିଯାଇଥିଲେ। ତେବେ ନଦୀର ପାଣି କମିଯିବା ଓ ବର୍ଷା ଲାଗି ରହିବା ଯୋଗୁଁ ପୋଲର ଦୁଇ ପାଶ୍ୱର୍ ଅବସ୍ଥା କହିଲେ ନସରେ। ଯାତାୟାତ ସମୟରେ କେତେବେଳେ କ'ଣ ଘଟିବ, କିଛି କହିହେବନାହିଁ। ବାଇକ ଚାଳକ ବିପଦକୁ ସାଥୀରେ ନେଇ ଯିବାଆସିବା କରୁଛନ୍ତି। ୨୦୨୫ରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ୍ୟ ପୋଲ ନିର୍ମାଣ କାର୍ଯ୍ୟ ଆହୁରି ୩୦ ପ୍ରତିଶତ ବାକି ରହିଛି। କାମ ଶେଷ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଥିବାବେଳେ ଖୁବ୍‌ଶୀଘ୍ର କାମ ସରିବ ବୋଲି ବିଧାୟକ ଭାସ୍କର ଚନ୍ଦ୍ର ମଡେଇ କହିଛନ୍ତି।



## କାଦୁଅରେ ଅଟକିଛି ବିକାଶ

# ୫୦ ମିଟର ରାସ୍ତା ପାଇଁ ନୂଆସାହି ଲୋକେ ହନ୍ତସନ୍ତ

ବାରିପଦା, ୪।୮ (ସମିସ)

ସରକାରୀ ଯୋଜନାର ଫାଇଲ୍ ଚାଲୁଛି। ହେଲେ ବାରିପଦାରେ ଗାଡ଼ି ଚାଲିବା ତ ଦୂରର କଥା, ଗୋଡ଼ କାଢ଼ିବା ବି ମୁସ୍କିଲ୍।

### ଇଟା, ଗୋଡ଼ି ପକାଇ ଗ୍ରାମବାସୀ କଲେ ରାସ୍ତା ମରାମତି



ବାରିପଦା ପୌରପାଳିକା ଅନ୍ତର୍ଗତ ଭୁଗୁଡ଼ାକଟା ନୂଆସାହି-ଅମୃତ ପାର୍କ ସଂଯୋଗକାରୀ ରାସ୍ତାର ଦୃଶ୍ୟ ଦେଖିଲେ ଲାଗୁଛି ସେବା ଓ ସୁବିଧାର ସମସ୍ତ ଡିଣ୍ଡିମ୍ ପିଟା ବୋଧହୁଏ କେବଳ ପୋଷ୍ଟର ଓ ଭାଷଣ ଭିତରେ ସୀମିତ ରହିଛି। ମାତ୍ର ୫୦ ମିଟରର ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହେଉଥିଲେ ହେଁ ସ୍ଥାନୀୟ ପ୍ରଶାସନର କାନକୁ ଶୁଭୁନାହିଁ। ଫଳରେ ନୂଆସାହିର ଲୋକେ ଉକ୍ତ ରାସ୍ତାରେ ଇଟା, ଗୋଡ଼ି ପକାଇ ଯାତାୟାତ ଯୋଗ୍ୟ କରିବାକୁ ପ୍ରୟାସ କରିଛନ୍ତି। ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ବିଜ୍ଞାପନରେ 'ହାଟୋ-ବାଟୋ' ସବୁ ସୁନ୍ଦର ଦେଖାଯାଉଥିବାବେଳେ ବାସ୍ତବରେ ଭୁଗୁଡ଼ାକଟା ନୂଆସାହିର ଅବସ୍ଥା ଭିନ୍ନ। ବର୍ଷାଦିନ ଆସିଲେ ଏହି ରାସ୍ତା ରାସ୍ତା ନୁହେଁ, ବରଂ ସୁଇମିଂ ପୁଲ୍ ଓ କାଦୁଅ ଆଖଡ଼ାରେ ପରିଣତ ହୁଏ। ଅଟୋରିକ୍ସା ଓ ଦୁଇଚକିଆ ଯାନ ନିୟମିତ ଓଲଟୁଛି। କୋମଳମତି ଶିକ୍ଷାର୍ଥୀ ଓ ମହିଳା ଏହି ରାସ୍ତାରେ ପଡ଼ି ଗୋଡ଼, ହାତ ଭାଙ୍ଗି ହସ୍ପିଟାଲ ଯାଉଛନ୍ତି। ଏପରିକି ଜରୁରୀ ସେବା ଦେଉଥିବା ଆମ୍ବୁଲାନ୍ସ ବି ଏହି ରାସ୍ତା ଦେଖିଲେ ନିଜର ଜରୁରୀ ସେବା ଭୁଲି ଦୂରରୁ ଫେରିଯାଉଛି। ପ୍ରଶାସନର ଏହି ଦୂରଦୃଷ୍ଟିହୀନତାକୁ ଦେଖି ବାଧ୍ୟ ହୋଇ ଗ୍ରାମବାସୀ ନିଜେ ଇଟା, ଗୋଡ଼ି ପକାଇ ରାସ୍ତା ମରାମତି କରି ସରକାରୀ କାମ ନିଜ ହାତକୁ ନେଉଛନ୍ତି। ପୌରପାଳିକା, କାଉନସିଲର, ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ସବୁଠି ଦୌଡ଼ି ଦୌଡ଼ି ଲୋକଙ୍କ ଜୋତା ଘେରି ହୋଇଗଲାଣି, ତେବେ ପ୍ରଶାସନର ନିଦ ଭାଙ୍ଗୁନାହିଁ। ଟିକସ ନେବା ବେଳକୁ ପ୍ରଶାସନ ଯେତିକି ତତ୍ପର, ମୌଳିକ ସୁବିଧା ଦେବା ବେଳକୁ ସେତିକି ଉଦାସୀନ। ଏହି ଘଟଣା ସ୍ପଷ୍ଟ କରୁଛି ଯେ ଲୋକଙ୍କ ସମସ୍ୟା ସରକାରଙ୍କ ପାଇଁ କେବଳ ଗୋଟିଏ କାଗଜପତ୍ରର ଖେଳ।



ଯଦି ସରକାର ଓ ଜିଲ୍ଲାପାଳ ଏହି ୫୦ ମିଟର ରାସ୍ତାର ସ୍ଥାୟୀ ସମାଧାନ ଶୀଘ୍ର ନ କରନ୍ତି, ତେବେ ଆଗାମୀ ଦିନରେ ନେତା ଓ ପ୍ରଶାସନକୁ ଭୋଟ୍ ମାଗିବା ବେଳେ ଏହି କାଦୁଅ ରାସ୍ତାର ଦୃଶ୍ୟ ଦେଖି ଅପଦସ୍ଥ ହେବାକୁ ପଡ଼ିବ ବୋଲି ସ୍ଥାନୀୟ ବାସିନ୍ଦା ରାକ୍ଷୀ ନାୟକ, କାଦମ୍ବିନୀ ମଞ୍ଜରୀ ଦେଓ ଓ ଉପସ୍ଥିତ ସ୍ଥାନୀୟ ବାସିନ୍ଦା ଖୋଲାଖୋଲି ଚେତାବନୀ ଦେଇଛନ୍ତି।

● କାମ କରିବାକୁ ଯାଇ ଘରକୁ ଫେରିଲା ମୃତଦେହ

## ସହାୟତା ପାଇଁ ଆମ୍ବୁଲାନ୍ସ ଅଟକ ରଖିଲେ ପରିବାର



ମୋରଡା, ୪।୮ (ସମିସ): ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଏକ ଆମ୍ବୁଲାନ୍ସକୁ ଅଟକ ରଖିଛନ୍ତି ପରିବାର ଲୋକ। ଉକ୍ତ ଥାନା ଅଧୀନ ଶୀର୍ଷାପାଳ ଛକର ଟେମ୍ପା ମାରାଣ୍ଡିଙ୍କ ପୁଅ ବାଲାୟ ମାରାଣ୍ଡି ଗତ ସପ୍ତାହ ତଳେ ବାଲେଶ୍ୱର ଜିଲ୍ଲା କଶାଫଳିଆ ମୁହାଣକୁ ଦୈନିକ ମଜୁରୀ ହିସାବରେ ବୋଟିଂ ସାହାଯ୍ୟରେ ମାଛ ଧରିବାକୁ ଯାଇ ଦୁଇଦିନ ପରେ ସମୁଦ୍ରରେ ନିଖୋଜ ହୋଇଯାଇଥିଲେ। ଗତକାଲି ବାଲାୟଙ୍କ ମୃତଦେହ ସମୁଦ୍ର କୂଳରେ ଲାଗିଥିଲା ଓ ଆଜି ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ପରିବାର ବର୍ଗଙ୍କ ନିକଟକୁ ଅଣାଯାଇଥିଲା। ଆମ୍ବୁଲାନ୍ସ ପହଞ୍ଚିବା ପରେ ପରିବାର ଲୋକେ ଆମ୍ବୁଲାନ୍ସକୁ ଅଟକ ରଖିଛନ୍ତି ଓ ଆର୍ଥିକ ସହାୟତା ପାଇଁ ଦାବି କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ଓ ମୋରଡା ପୁଲିସ ପହଞ୍ଚିଥିବା ଜଣାପଡ଼ିଛି।

■ ମହିଳାଙ୍କୁ ଯୌନ ନିର୍ଯାତନା ମାମଲା

# କ୍ରାଇମବ୍ରାଞ୍ଚରେ ହାଜର ହେଲେ ଶରଣକୁଳ ଆଇଆଇସି

ନୟାଗଡ଼/ଭୁବନେଶ୍ୱର/କଟକ,୪।୮(ସମିସ): ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ପୂର୍ବତନ ଆଇଆଇସି ସୁଜିତ କୁମାର ଦାଶ ଆଜି କ୍ରାଇମବ୍ରାଞ୍ଚରେ

**ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ**

ହାଜର ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁଜିତ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ନିକଟରେ ହାଜର ହୋଇଛନ୍ତି। ଯୌନ ନିର୍ଯାତନା ଅଭିଯୋଗରେ ସୁଜିତଙ୍କ ନାମରେ କ୍ରାଇମ ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପୂର୍ବରୁ ସୁଜିତଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ହେଲେ ମାମଲାର ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ସୁଜିତଙ୍କୁ କ୍ରାଇମ ବ୍ରାଞ୍ଚ ଅଧିକାରୀ ଜେରା



କରୁଥିବା ବେଳେ ତାଙ୍କର ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ କରାଯାଇଛି। ତଦନ୍ତକାରୀ ଟିମର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଆସନ୍ତା ୧୭ ରେ ହେବାକୁ ଥିବା ଶୁଣାଣି ପାଇଁ ଆବଶ୍ୟକ ସମସ୍ତ ପ୍ରମାଣପତ୍ର ଏବେ ଯୋଗାଡ ଚାଲିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ କୋର୍ଟରେ ଦାଖଲ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ମୁତାବକ, ନୟାଗଡ଼ ସହରରେ ଥିବା ଏକ ହୋଟେଲ ତାଙ୍କୁ ସୁଜିତ ରଖିଥିଲେ। ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସକୁ ନେଇ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲେ। ଗୁରୁତର ଆଚରଣଗତ ତ୍ରୁଟି ଏବଂ କର୍ତ୍ତବ୍ୟରେ ଅବହେଳା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଥିଲେ। ମାମଲାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ। ଗିରଫଦାରୀ ଏଡାଇବାକୁ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। କୋର୍ଟ ତାଙ୍କୁ କ୍ରାଇମବ୍ରାଞ୍ଚରେ ହାଜର ହୋଇ ଚାଲୁରହିଥିବା ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ ୨୦୦ରୁ-୨୫୦ ବ୍ୟକ୍ତି ସମ୍ପୃକ୍ତ: କ୍ରାଇମବ୍ରାଞ୍ଚ ଡିଜି

ଭୁବନେଶ୍ୱର,୪।୮(ସମିସ): ସ୍କୁଲ ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ ୨୦୦ରୁ ୨୫୦ ଜଣଙ୍କ ଭୂମିକା ରହିଛି। ସମସ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଚିହ୍ନଟ କରିସାରିଛି। ତେବେ ଏହି ମାମଲାରେ ସମସ୍ତଙ୍କ ଭୂମିକା କଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ସେମାନଙ୍କର ଜେରା କରାଯାଉଛି। ଆଗାମୀ ଦିନରେ ଚିହ୍ନଟ ହୋଇଥିବା ଲୋକମାନଙ୍କୁ ଆହୁରି ପଚରାଉଚରା କରାଯିବ। ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରଯାଇଛି। ସେମାନେ ତଥ୍ୟ ଓ ପ୍ରମାଣ ସଂଗ୍ରହ କରି ତଦନ୍ତ ଜାରି ରଖିଛନ୍ତି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକର ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଗ୍ରହଣ କରିଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା (ନଂ.୦୮/୨୦୨୬) ରୁଜୁ କରାଯାଇଥିଲା। ଏହି ମାମଲା ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ଦାୟର କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତାମିଲନାଡୁ ବିରୋଧୀ..

ସନ୍ଧ୍ୟାରେ ଷ୍ଟାଲିନଙ୍କୁ ଛାଡ଼ି ଦିଆଯାଇଛି। ଏହି ମାମଲାରେ ଷ୍ଟାଲିନଙ୍କୁ ପଚରାଉଚରା ପରେ ପୁଲିସ ମୁକ୍ତ କରିଛି। ତ୍ରିଶା ମୁଖ୍ୟମନ୍ତ୍ରୀ ବିଜୟଙ୍କ ବାନ୍ଧବୀ ବୋଲି କୁହାଯାଉଛି।

ଅନ୍ୟପଟେ, ଡିଏମକେ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିଶୋଧ ବୋଲି କହିଛି। ଡିଏମକେ ସାଂସଦ କାନିମୋଝି କହିଛନ୍ତି ଯେ ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ ଗିରଫ କରିବା ସରକାରଙ୍କ କାପୁରୁଷତାକୁ ଦର୍ଶାଉଛି। ଷ୍ଟାଲିନ୍ ନିଜ ମନ୍ତବ୍ୟକୁ ସମର୍ଥନ କରି କହିଛନ୍ତି ଯେ ସେ କୌଣସି ଭୁଲ କରିନାହାନ୍ତି। ତେବେ ମାଡ୍ରାସ ହାଇକୋର୍ଟରେ ଏହି ମାମଲାର ଶୁଣାଣି ପରେ, ରାଜ୍ୟ ସରକାର ତାଙ୍କୁ ଆଜି ହିଁ ପଚରାଉଚରା ପରେ ଷ୍ଟେସନ ବେଲ୍‌ରେ ମୁକ୍ତ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସରକାରୀ ଓକିଲ କୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାଙ୍କୁ ହେପାଜତକୁ ନିଆଯାଇଥିଲା ଏବଂ ଆଜି ହିଁ ତାଙ୍କୁ ଛାଡ଼ି ଦିଆଯିବ।

### ଇ-୨୦ ପେଟ୍ରୋଲରେ...

ଇ-୨୦ ପେଟ୍ରୋଲ ପ୍ରଚଳନ ପରଠାରୁ ଇନ୍ଧନ ଇଞ୍ଜେକ୍ଟର, ଇନ୍ଧନ ପମ୍ପ, ଇଜିଆର୍ ଭାଲ୍‌ଭ ଏବଂ ଏଗ୍‌ଜଷ୍ଟ ସିଷ୍ଟମରେ କ୍ଷୟ ଏବଂ ଅଂଶଗୁଡ଼ିକର ଦ୍ରୁତ ଅବକ୍ଷୟ ନେଇ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି।

### ଇ-୨୦ ପେଟ୍ରୋଲକୁ...

ଯେକୌଣସି ଗୋଟିଏକୁ ବାଛିବାର ବିକଳ୍ପ ରହିବା ଆବଶ୍ୟକ, ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ ହ୍ରାସ କରାଯାଉ ଆଦି ଦାବି କେଜ୍ରିୱାଲ ଉପସ୍ଥାପନ କରିଛନ୍ତି। ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ସାଂସଦ ତରୁଣ ଚୁଘ୍ ଏହାକୁ ଏକ ଅର୍ଥହୀନ ଅଭିଯାନ ବୋଲି କହିବା ସହ ଏହା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାସ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ପଦଯାତ୍ରା କରିଥିଲେ ଏବଂ ସେଠାରେ ତାଙ୍କୁ ଅଟକ ରଖାଯାଇଥିଲା। ଆଜିର ପଦଯାତ୍ରା ପାଇଁ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି।

### ଓଡ୍ରାଫ୍ ହେବ...

କରିବରେ ଗୁରୁତ୍ୱ ଦେଇ ଆସିଥିଲେ। ଓଡ୍ରାଫ୍ ଜବାନମାନେ ଅଗ୍ନିଶମ ସେବା, ଜଳ ଉଦ୍ଧାର, ଭଙ୍ଗା କୋଠାରୁ ଲୋକଙ୍କୁ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଉନ୍ନତ ପ୍ରଶିକ୍ଷଣ ପାଇଆସୁଛନ୍ତି। ଫଳସ୍ୱରୂପ ବାତ୍ୟା, ବନ୍ୟା, ଭୂସ୍ଖଳନ, ସଡ଼କ ଦୁର୍ଘଟଣା ଏବଂ ଅନ୍ୟାନ୍ୟ ବଡ଼ ବିପର୍ଯ୍ୟୟରେ ଓଡ୍ରାଫ୍ ପ୍ରମୁଖ ବାହିନୀ ଭାବେ ସେଠାରେ ପହଞ୍ଚି ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରି ଆସୁଛି। ବିଶେଷ କରି ଫାଇଲିନ୍ (୨୦୧୩), ହୁଡହୁଡ୍ (୨୦୧୪), ଫନି (୨୦୧୯), ୟାସ୍ (୨୦୨୧) ଏବଂ ବିଭିନ୍ନ ବନ୍ୟା ପରିସ୍ଥିତିରେ ଓଡ୍ରାଫ୍‌ର ଦକ୍ଷତା ଓ ସାହସ ପ୍ରଶଂସିତ ହୋଇଛି। ଆଜି ଓଡ୍ରାଫ୍ କେବଳ ଓଡ଼ିଶାରେ ନୁହେଁ, ଆବଶ୍ୟକ ପଡ଼ିଲେ ଅନ୍ୟ ରାଜ୍ୟରେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛି। ଆଧୁନିକ ଉପକରଣ, ନିୟମିତ ପ୍ରଶିକ୍ଷଣ ଏବଂ ଉଚ୍ଚମାନର ପ୍ରସ୍ତୁତି ଯୋଗୁଁ ଓଡ୍ରାଫ୍ ଆଜି ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଭାବେ ପରିଚୟ ଲାଭ କରିଛି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଏଭଳି ପରିକଳ୍ପନା ପରେ କେନ୍ଦ୍ର ସରକାର ମଧ୍ୟ ଓଡ୍ରାଫ୍ ଢାଞ୍ଚାରେ ଏନ୍‌ଡିଆର୍‌ଏଫ୍ ଗଠନ କରିଛନ୍ତି।

ତେବେ ରାଜ୍ୟ ସରକାର ଏହି ବାହିନୀର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆରମ୍ଭ ହୋଇଛି। ସରକାର କହିଛନ୍ତି, ଚଳିତ ବନ୍ୟାରେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛି। ତେବେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ/ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସ୍‌ଡିଆର୍‌ଏଫ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି।

ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏସ୍‌ଡିଆର୍‌ଏଫ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ବନ୍ଦହେବ ଜଳ...

ଜଳସ୍ତର ନିର୍ଦ୍ଧାରିତ ସୀମାଠାରୁ କମ୍ ଥାଏ, ତେବେ ତୁରନ୍ତ ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବାକୁ କୁହାଯାଇଛି। ରାଜ୍ୟର ସମସ୍ତ ବିଦ୍ୟୁତ୍ ଉତ୍ପାଦନକାରୀ ଜଳଭଣ୍ଡାରଗୁଡ଼ିକ ଉପରେ ୨୪ ଘଣ୍ଟିଆ ନଜର ରଖିବା ସହ ଲାଇଭ୍ ଷ୍ଟୋରେଜ୍ ସ୍ତର, ଜଳ ପ୍ରବେଶ ଓ ହ୍ରାସ ହାରର ଦୈନିକ ହିସାବ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜଳ ସ୍ତର କ୍ରିଟିକାଲ୍ସ ବେସାଲ୍ଟ ତଳକୁ ଖସିଲେ ବିନା କୌଣସି ଅତିରିକ୍ତ ଅନୁମୋଦନ ପାଇଁ ଅପେକ୍ଷା ନକରି ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ କୁହାଯାଇଛି। ଯାହାଫଳରେ ପାନୀୟ ଜଳ ତଥା କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ ହେବ ନାହିଁ ବୋଲି ରାଜ୍ୟ ସରକାର ବିଚାର କରୁଛନ୍ତି।

ସୂଚନାଯୋଗ୍ୟ ଯେ ଏଯାବତ୍ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ତେବେ ଆଗାମୀ ଦିନରେ ବର୍ଷାର ପରିମାଣ କମିବା ନେଇ କେତେକ ପାଣିପାଗ ତଥା କୃଷି ବିଜ୍ଞାନୀ ଆକଳନ କରୁଥିବାରୁ ରାଜ୍ୟ ସରକାର ଏନେଇ ଆଗୁଆ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ଧାରା ଶ୍ରାବଣରେ...

ରହୁଛି। ଏଭଳି ସ୍ଥିତି ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଏହା ପରେ ଏକ ଲଘୁଚାପ ଆଶଙ୍କା ରହିଥିବାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପୂର୍ବାନୁମାନ କରାଯାଇଛି।

ଜୁନ୍ ୧ରୁ ଅଗଷ୍ଟ ୪ ମଧ୍ୟରେ ୭୫୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୬୦୦ ମିଲିମିଟ ତୁଳନାରେ ବର୍ତ୍ତମାନ ସୁଧା ବର୍ଷାର ପରିମାଣ ୨୬ ପ୍ରତିଶତ ଅଧିକ ରହିଛି। ମାଲକାନଗିରି, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ, ଝାରସୁଗଡ଼ା, ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିଛି।

### ରାଜ୍ୟରେ କମୁଛି...

ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜୀକୃତ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ, ଲିଙ୍ଗ ଚୟନ କିମ୍ବା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କଲେ ୨୫୦୦୦ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ପିସିପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକ ସାମିଲ କରି ସମନ୍ୱୟ ଦ୍ୱାରା ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯିବା ଉପରେ ବୋର୍ଡ ଗୁରୁତ୍ୱାରୋପ କରିଛି। ରାଜ୍ୟରେ ଅଲ୍‌ଟ୍ରାସାଉଣ୍ଡ ସୁବିଧାର ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନ୍‌ଲାଇନ୍ ଫର୍ମ-ଏଫ୍ ରିପୋର୍ଟ, ପଞ୍ଜୀକୃତ ଡାକ୍ତରୀ ପ୍ରାକ୍ଟିସନର ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମ୍‌ଆର) ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ଅଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିବା ସହ ସ୍ୱଚ୍ଛତା ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଥିବା ଆଲୋଚନା ହୋଇଥିଲା। ବୈଠକରେ ବିଧାୟିକା ଉପାସନା ମହାପାତ୍ର, ସଞ୍ଜଲି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନସଚିବ ତଥା କମିଶନର ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମଡି ଡ. ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ଥିଲେ।

---

**ଓଡ଼ିଶା ଡାକ ସର୍କଲରେ ପ୍ରସ୍ତାବିତ ପୁନର୍ଗଠନ ପ୍ରସ୍ତାବ**

# ଭୁବନେଶ୍ୱରରୁ ସମ୍ବଲପୁର ଅଧୀନକୁ ଯିବ ମୟୂରଭଞ୍ଜ ଓ ରାଇରଙ୍ଗପୁର ମଣ୍ଡଳ

**ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘର ବିରୋଧ**

ବାରିପଦା, ୪।୮(ସମିସ): ଓଡ଼ିଶା ଡାକ ସର୍କଲରେ ଅଞ୍ଚଳ, ଡିଭିଜନ ଓ ସବ୍‌ଡିଭିଜନର ପ୍ରସ୍ତାବିତ ପୁନର୍ଗଠନକୁ ନେଇ ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘ ବିରୋଧ କରୁଛି। ଏହି ପ୍ରସ୍ତାବକୁ ବିଲମ୍ବିତ ରଖି ବ୍ୟାପକ ସମୀକ୍ଷା କରିବାକୁ ଆବେଦନ କରାଯାଇଛି। ପୁରୀରୁ ୩ ଅଗଷ୍ଟ ୨୦୨୬ ତାରିଖରେ ଜାରି ହୋଇଥିବା ଏକ ଚିଠିରେ ଆରଜେସିଏମ କର୍ମଚାରୀ ସଂଘ ପକ୍ଷରୁ ସମ୍ପାଦକ ସପନ କୁମାର ମହାନ୍ତି ଓ ନେତା ରାଜେଶ ଚନ୍ଦ୍ର ବୋହିଦାର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଲଜିତ ସିଂଙ୍କୁ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁନର୍ଗଠନ ପ୍ରସ୍ତାବ ଅନୁଯାୟୀ, ମୟୂରଭଞ୍ଜ ଡାକ ମଣ୍ଡଳ ଓ ରାଇରଙ୍ଗପୁର ଡାକମଣ୍ଡଳକୁ ମୁଖ୍ୟାଳୟ (ଭୁବନେଶ୍ୱର) ପରିମଣ୍ଡଳରୁ ସମ୍ବଲପୁର ପରିମଣ୍ଡଳକୁ ସ୍ଥାନାନ୍ତର କରାଯିବ। ସେହିପରି ନୟାଗଡ଼ ମଣ୍ଡଳକୁ ମଧ୍ୟ ଭୁବନେଶ୍ୱରରୁ ବ୍ରହ୍ମପୁର ପରିମଣ୍ଡଳକୁ ନିଆଯିବ। ଆରଏମଏସ ବିଜି ମଣ୍ଡଳ ଓ ଆରଏମଏସ ଏନ ମଣ୍ଡଳକୁ ମିଶାଇ ଦିଆଯିବ। କଟକ ସିଟି ମଣ୍ଡଳର ଗୋଟିଏ ପୋଷ୍ଟାଲ ସବ୍‌ଡିଭିଜନକୁ କଟକ ସାଉଥ ମଣ୍ଡଳକୁ ସ୍ଥାନାନ୍ତର କରାଯିବ। କର୍ମଚାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ପରିବର୍ତ୍ତନ ଫଳରେ ପ୍ରଶାସନିକ, କାର୍ଯ୍ୟକାରୀ ଓ ମାନବ ସମ୍ପଦ ସମସ୍ୟା ସୃଷ୍ଟି ହେବ ଓ ଦକ୍ଷତାରେ କୌଣସି ଉଲ୍ଲେଖନୀୟ ଉନ୍ନତି ହେବନାହିଁ। ବିଶେଷ ଭାବେ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନ କ୍ଷେତ୍ରରେ ବର୍ତ୍ତମାନ ହେଡକ୍ୱାର୍ଟର ରିଜନାଲ ଅଫିସରୁ ଦୂରତା ପ୍ରାୟ ୨୫୦/୩୦୦ କିଲୋମିଟର। ପ୍ରସ୍ତାବିତ ବ୍ୟବସ୍ଥାରେ ଏହା ସମ୍ବଲପୁରରୁ ପ୍ରାୟ ୩୦୦/୩୮୦ କିଲୋମିଟର ହୋଇଯିବ। ଫଳରେ ୧୨୦/୨୦୦ କିଲୋମିଟରରୁ ଅଧିକ ଦୂରତା ବଢ଼ିବ।



ସେହିପରି ନୟାଗଡ଼ ଡିଭିଜନ କ୍ଷେତ୍ରରେ ମଧ୍ୟ ପ୍ରଶାସନିକ ଦୂରତା ବଢ଼ିବ। ଏହି ଦୂରତା ବୃଦ୍ଧି ଫଳରେ ନିରୀକ୍ଷଣ, ସମୀକ୍ଷା ବୈଠକ, ତଦନ୍ତ, ଶୃଙ୍ଖଳା କାର୍ଯ୍ୟବାହୀ ଆଦିରେ ବିଳମ୍ବ ହେବ। ଖର୍ଚ୍ଚ ବଢ଼ିବ ଓ କ୍ଷେତ୍ରସ୍ତରୀୟ ତଦାରଖ କମିଯିବ ବୋଲି କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି।

ଆରଏମଏସ ମଣ୍ଡଳ (ଡିଭିଜନ) ମିଶ୍ରଣ ଓ କଟକର ସବ୍‌ଡିଭିଜନ ସ୍ଥାନାନ୍ତର ବିଷୟରେ ମଧ୍ୟ ବିସ୍ତୃତ ଅଧ୍ୟୟନ ବିନା ନିଷ୍ପତ୍ତି ନେବାକୁ ସେମାନେ ବିରୋଧ କରିଛନ୍ତି। କର୍ମଚାରୀମାନଙ୍କୁ ଅଧିକ ଦୂରତା ଯାତ୍ରା କରିବାକୁ ପଡ଼ିବ, ଯାହାଫଳରେ କାର୍ଯ୍ୟକ୍ଷମ ସମୟ ହ୍ରାସ ପାଇବ ଓ ଶାରୀରିକ କ୍ଳାନ୍ତି ବଢ଼ିବ। ଏଭଳି ବଡ଼ ପରିବର୍ତ୍ତନ ପୂର୍ବରୁ ଭୌଗୋଳିକ ଅଭିଗମ୍ୟତା, କାର୍ଯ୍ୟଭାର, ଆର୍ଥିକ ପ୍ରଭାବ, ଜନସାଧାରଣର ସୁବିଧା ଓ ସମସ୍ତ ଷ୍ଟେକହୋଲ୍ଡରଙ୍କ ମତାମତକୁ ବିଚାରକୁ ନେଇ ବ୍ୟାପକ ଅଧ୍ୟୟନ କରାଯିବା ଉଚିତ। ଏହାପୂର୍ବରୁ ଆରଜେସିଏମ ମାଧ୍ୟମରେ ଆଲୋଚନା କରାଯିବା ଆବଶ୍ୟକ। ଏଥିପାଇଁ ପ୍ରସ୍ତାବିତ ପୁନର୍ଗଠନକୁ ବିଲମ୍ବିତ ରଖି ସମୀକ୍ଷା କରିବା ଓ କର୍ମଚାରୀଙ୍କ ସହିତ ଆଲୋଚନା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକମଣ୍ଡଳ (ଡିଭିଜନ) ସମ୍ବଲପୁର ପରିମଣ୍ଡଳ (ରିଜିଓନ) ଅଧୀନକୁ ଯିବାକୁ ଘୋର ବିରୋଧ କରିଛନ୍ତି। ସେ ଗୁରୁବାର ଭୁବନେଶ୍ୱରରେ ଡାକ ବିଭାଗର ରାଜ୍ୟ ମୁଖ୍ୟଙ୍କୁ ଭେଟି ପ୍ରତିବାଦ ପତ୍ର ପ୍ରଦାନ କରିବେ। ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଭଞ୍ଜସେନା ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବୃହତ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ବାରିପଦା, ରାଇରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝରର ଡାକମଣ୍ଡଳକୁ ନେଇ ଉତ୍ତର ଓଡିଶା ଡାକମଣ୍ଡଳ ଗଠନ କରାଯାଇ ମୟୂରଭଞ୍ଜରେ ଏହାର ମୁଖ୍ୟାଳୟ କରିବାକୁ ଶ୍ରୀ ଜେନା ମଙ୍ଗଳବାର ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କୁ ଏକ୍ସ ଯୋଗେ ଟ୍ୱିଟ କରି ଅନୁରୋଧ ଜଣାଇଛନ୍ତି।

# କାକଟପୁର ମା' ମଙ୍ଗଳା ପୀଠର ହେବ ଉନ୍ନତିକରଣ

ଭୁବନେଶ୍ୱର,୪।୮(ସମିସ): ପୁରୀ ଜିଲ୍ଲା କାକଟପୁର ମା'ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ,



■ ଚିଲିକା, କାଳିଜାଈ ଓ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ ଉପରେ ଗୁରୁତ୍ୱ

■ ଇକୋ-ଟୁରିଜିମ୍ ସହ ଦୁଃସାହସିକ କ୍ରୀଡା, ୱାଟର ସ୍ପୋର୍ଟସ୍, ଟ୍ରେକିଂର ମଜାନେବେ ପର୍ଯ୍ୟଟକ

ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ସେହିପରି ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଚିଲିକା ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ କରାଯିବ। ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତ୍ତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବ। ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏନେଇ ଚିଲିକା ହ୍ରଦର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଆଲୋଚନା ହୋଇଥିଲା।

ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା। ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡ଼ିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଞ୍ଚଳର ବିକାଶ ସହ ଓଡିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଆଲୋଚନା ହୋଇଥିଲା। ଏହାସହ ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍‌ଫିଲ୍ଡ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱର୍କ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା ହୋଇଥିଲା। ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତମାନେ ଉପସ୍ଥିତ ଥିଲେ।

# ଚୁକ୍ତିଭିତ୍ତିକ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟଙ୍କ ଚାକିରି ସମାପ୍ତି ନିର୍ଦ୍ଦେଶ ରଦ୍ଦ

କଟକ,୪।୮(ସମିସ): ସମସ୍ତ ଜିଲ୍ଲାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଅଫିସରେ କାର୍ଯ୍ୟରତ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ (ଡିପିଏ)ଙ୍କ ଚାକିରି ସମାପ୍ତ ପାଇଁ ରାଜ୍ୟ ସରକାରଙ୍କ ୨୦୧୯ ଜୁନ୨୨ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସଙ୍ଗୀତା ହୋତା ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଦାବି ଉପରେ ସରକାର ବିଚାର କରି ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ହାଇକୋର୍ଟ କହିଛନ୍ତି।

ଆବେଦନକାରୀମାନେ ୨୦୧୪-୧୫ରୁ ଚୁକ୍ତିଭିତ୍ତିକ ଭାବେ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ପଦରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ଆର୍ଥିକ ସହାୟତାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟ ପରିଚାଳନା ପାଇଁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୨୦୧୭ରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ପାଣ୍ଠି ଯୋଗାଣ ବନ୍ଦ କରିଦେବା ପରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କିଛି ଦିନ ସେବା ବୃଦ୍ଧି କରିଥିଲେ। ୨୦୧୯ରେ ସେମାନଙ୍କ ସେବା ସମାପ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏଗୁଡ଼ିକ ସ୍ଥାୟୀ ଓ ମଞ୍ଜୁରୀପ୍ରାପ୍ତ ପଦ ନଥିଲା ଏବଂ କେନ୍ଦ୍ରୀୟ ଅନୁଦାନ ବନ୍ଦ ହୋଇଯାଇଥିବାରୁ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କ ସେବା ସମାପ୍ତ କରାଯାଇଛି। ତେବେ ଆବେଦନକାରୀ ଦର୍ଶାଇଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟର ସୁଚାରୁ ପରିଚାଳନା ପାଇଁ ଡିପିଏ ନିଯୁକ୍ତି ନିତାନ୍ତ ଜରୁରୀ ବୋଲି ବାରମ୍ବାର ସୁପାରିସ କରିଥିଲେ। ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ଓ ଭାଇଟାଲ ଷ୍ଟାଟିଷ୍ଟିକ୍ସ କ୍ଲର୍କ (ଭିଏସସି)ଙ୍କ କାର୍ଯ୍ୟାବଳୀ ଓ ଦାୟିତ୍ୱ ପ୍ରାୟ ସମାନ। ସରକାର ଡିପିଏଙ୍କୁ ନିୟମିତ ନ କରି ଭିଏସସି ପଦ ପାଇଁ ନୂତନ ବିଜ୍ଞାପନ ପ୍ରକାଶ କରିବା ଅନ୍ୟାୟ ଓ ସମ୍ବିଧାନର ଧାରା ୧୪, ୧୬ ଓ ୨୧ର ଉଲ୍ଲଂଘନ ଅଟେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

**ବନ୍ୟା ମୁକାବିଲା ପାଇଁ କେନ୍ଦ୍ର ଅନୁଦାନ ପ୍ରସଙ୍ଗରେ ବର୍ଷିଲା ବିଜେଡି**

# କେନ୍ଦ୍ରୀୟ ଅନୁଦାନ ହ୍ରାସ ଲୁଚାଇବାକୁ ବନ୍ୟା ସହାୟତା ପ୍ରଚାର

ଭୁବନେଶ୍ୱର,୪।୮(ସମିସ): ରାଜ୍ୟରେ ବନ୍ୟା ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ପକ୍ଷରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି। ମାତ୍ର ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ। ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ। ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢିବା ପରିବର୍ତ୍ତେ କମିଛି। ରାଜ୍ୟର ବିଜେପି ନେତାମାନେ ବାସ୍ତବ ଚିତ୍ରକୁ ଲୁଚାଇବା ଉଦ୍ଦେଶ୍ୟରେ ବନ୍ୟା ମୁକାବିଲା ପାଇଁ ମିଳିଥିବା ସହାୟତାକୁ ପ୍ରଚାର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଡ. ମହାନ୍ତି କହିଥିଲେ ଯେ ପ୍ରମୁଖ ବିକାଶମୂଳକ ଯୋଜନାଗୁଡ଼ିକରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩-୨୪ରେ ୨୧,୫୦୦ କୋଟିରୁ ୨୦୨୪-୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି । ଅର୍ଥାତ୍ ୨ ବର୍ଷ ମଧ୍ୟରେ ପ୍ରାୟ ୪,୫୦୦ କୋଟି ବା ୧୮.୧୯ ପ୍ରତିଶତ ହ୍ରାସ ପାଇଛି । ଏହା କେବଳ ଏକ ଅର୍ଥନୈତିକ ହିସାବ ନୁହେଁ; ଏହାର ସିଧାସଳଖ ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର

■ ଦୁଇ ବର୍ଷରେ ପ୍ରମୁଖ ବିକାଶ ଯୋଜନାରେ ୪,୫୦୦ କୋଟି ହ୍ରାସ

■ ଆବାସ, ପାନୀୟ ଜଳ, ଗ୍ରାମୀଣ ସଡ଼କ ଓ କୃଷି ଯୋଜନା ପ୍ରଭାବିତ

ଲୋକଙ୍କ ଉପରେ ପଡ଼ିବ। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି, ଅର୍ଥାତ୍ ପ୍ରାୟ ୩,୫୦୦ କୋଟି ହ୍ରାସ ଘଟିଛି । ସେହିପରି ସହାରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୨୯୫ କୋଟି ହ୍ରାସ ପାଇଛି। ଯେଉଁ ସରକାର ଗରିବଙ୍କୁ ଘର ଦେବାର କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ତା'ର ଉତ୍ତର ଦେବାର ଆବଶ୍ୟକତା ରହିଛି ବୋଲି ଡଃ ମହାନ୍ତି କହିଛନ୍ତି।

ଅନୁରୂପ ଭାବେ ଜଳ ଜୀବନ ମିଶନରେ ମଧ୍ୟ ଓଡ଼ିଶାକୁ ମିଳୁଥିବା ଅନୁଦାନ ୧,୫୮୧ କୋଟିରୁ ୩୬୮ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୧,୨୦୦ କୋଟିରୁ ଅଧିକ ହ୍ରାସ। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବାର ଲକ୍ଷ୍ୟ ଥିବାବେଳେ ଅନୁଦାନରେ ଏଭଳି ବଡ଼ ହ୍ରାସ କାହିଁକି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାର ଅନୁଦାନ ୧,୨୬୨ କୋଟିରୁ ୭୧୨ କୋଟିକୁ ହ୍ରାସ ପାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ରେ ଓଡ଼ିଶା ୨୨୩ କୋଟି ପାଇଥିବା ବେଳେ ୨୦୨୪-୨୫ରେ ଅନୁଦାନ ଶୂନ୍ୟ ହୋଇଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଅନୁଦାନ ୧୪୬ କୋଟିରୁ ୩୨ କୋଟିକୁ ହ୍ରାସ ପାଇଥିବା ବେଳେ ଅମୃତ ଭାରତ ରେଳ ଷ୍ଟେସନ୍ ବିକାଶ ପ୍ରକଳ୍ପରେ ଓଡ଼ିଶାକୁ ଦେଶର ସର୍ବନିମ୍ନ ଆବଣ୍ଟନ ପାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରଖାଯାଇଛି। ସେହିପରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଆବଣ୍ଟନରେ ଓଡ଼ିଶା ଦେଶର ୧୪ତମ ସର୍ବନିମ୍ନ ଆବଣ୍ଟନ ପାଇଥିବା ରାଜ୍ୟ ବୋଲି ତଥ୍ୟରୁ ଜଣାପଡୁଛି। ନିର୍ବାଚନ ପୂର୍ବରୁ ବିଜେପି ଡବଲ୍ ଇଞ୍ଜିନ୍ ସରକାର ଡବଲ ବିକାଶ ନାରା ଦେଇଥିଲା। କିନ୍ତୁ ଉପଲବ୍ଧ ତଥ୍ୟ ଅନୁସାରେ ଗରିବଙ୍କ ଘର, ପାନୀୟ ଜଳ, ଗ୍ରାମୀଣ ସଡ଼କ, କୃଷି ଓ ଜଳସେଚନ ଭଳି ମୌଳିକ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହାକୁ ଲୁଚାଇ ରାଜ୍ୟ ବିଜେପି ସରକାର ବନ୍ୟା ମୁକାବିଲା ପାଇଁ ମିଳିଥିବା ୫୦୦ କୋଟି ଟଙ୍କାକୁ ନେଇ ପ୍ରଚାର କରୁଛି। ଅନୁଦାନ ହ୍ରାସ ସମ୍ପର୍କରେ ରାଜ୍ୟ ବିଜେପି ସରକାର ଏହାର ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଉତ୍ତର ଦେବାକୁ ଡ. ମହାନ୍ତି ଆହ୍ୱାନ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପରିବାର ସହିତ ହସ ଖୁସିର ସମୟ ବିତାଇବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ଧନୁ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ଯୋଜନା ମୁତାବକ କାମ କରିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିପାରନ୍ତି। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କୁମ୍ଭ:** ଅଚାନକ ଖୁସି ଖବର ମିଳିପାରେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଐତିହ୍ୟ

- ୧୭୭୫-ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩-ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



# 'ରାମାୟଣ' ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'

ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହି ଫିଲ୍ମ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଛି। ଏଥିରେ ରଣବୀର କପୁର ରାମ ଭୂମିକାରେ, ୟଶ୍ ରାବଣ, ସାଇପଲ୍ଲବୀ ସୀତା ଓ ରବି ଦୁବେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ତେବେ ସାଇପଲ୍ଲବୀଙ୍କୁ ଏହି ଫିଲ୍ମ ପାଇଁ ତାଙ୍କ କ୍ୟାରିୟରର ସବୁଠୁ ଅଧିକ ପାରିଶ୍ରମିକ ମିଳିଥିବା ଚର୍ଚ୍ଚା ହେଉଛି। ଏହି ଫିଲ୍ମ ପାଇଁ ସେ ୧୨ କୋଟି ନେଇଥିବା ଜଣାପଡ଼ିଛି। ପୂର୍ବରୁ ତାଙ୍କୁ ଗୋଟିଏ ଫିଲ୍ମ ପାଇଁ ୨ରୁ ୩ କୋଟି ମିଳୁଥିଲା। 'ଥଣ୍ଡେଲ' ଫିଲ୍ମ ପାଇଁ ସେ ସର୍ବାଧିକ ୫ କୋଟି ନେଇଥିଲେ। ଏହା ତାଙ୍କ କ୍ୟାରିୟରର ଏଯାବତ୍ ସବୁଠୁ ଅଧିକ ଫି ଥିଲା। ଏବେ 'ରାମାୟଣ' ତାଙ୍କର ଏହି ରେକର୍ଡକୁ କାଟିଛି। ସାଇ କେବଳ ଅଭିନୟ ପାଇଁ ନୁହେଁ ତାଙ୍କ ବିଚାରଧାରାକୁ ନେଇ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି। ସେ ଦର୍ଶକଙ୍କୁ ଭ୍ରମିତ ନ କରିବା ପାଇଁ କୋଟି କୋଟି ଟଙ୍କାର ଏକ ଫେୟାରନେସ୍ କ୍ରିମ୍‌ର ବିଜ୍ଞାପନକୁ ପ୍ରତ୍ୟାଖ୍ୟାନ କରି ଚର୍ଚ୍ଚାକୁ ଆସିଥିଲେ। ସାଇ ନିକଟରେ ଅମିର୍ ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍‌ଙ୍କ ସହ 'ଏକ ଦିନ' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ହେଲେ 'ରାମାୟଣ'ରେ ଅଭିନୟ କରିବା ପରେ ଏବେ ସେ ବଲିଉଡ୍ ଆଗଧାଡ଼ିର ଅଭିନେତ୍ରୀମାନଙ୍କୁ କଡ଼ା ଟକ୍କର ଦେଇଛନ୍ତି।

# ୪୨ ବର୍ଷ ଧରି ଟିଭି ସାମ୍ନାରେ ମହିଳା




ଦୁନିଆରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଛି, ଯାହା ଦୀର୍ଘ ବର୍ଷ ପରେ ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏମିତି ଏକ ଘଟଣା କ୍ରୋଏସିଆର ରାଜଧାନୀ ଜାଗ୍ରେବରେ ଘଟିଥିଲା। ଏଠାରେ ଜଣେ ମହିଳାଙ୍କ ଶବ ପ୍ରାୟ ୪୨ ବର୍ଷ ପରେ ତାଙ୍କ ଫ୍ଲାଟ୍‌ରୁ ମିଳିଥିଲା। ଏହି ମାମଲା ହେଡଭିଗା ଗୋଲିକ୍ ନାମକ ଜଣେ ମହିଳାଙ୍କ ସହ ଜଡ଼ିତ, ଯାହାଙ୍କ କାହାଣୀ ଆଜି ବି ଦୁନିଆର ସବୁଠାରୁ ରହସ୍ୟମୟ ଘଟଣାଗୁଡ଼ିକ ମଧ୍ୟରେ ଗଣାଯାଏ। ହେଡଭିଗା ଗୋଲିକ୍‌ଙ୍କ ଜନ୍ମ ୧୯୨୪ ମସିହାରେ ହୋଇଥିଲା। ପଡ଼ୋଶୀମାନେ ତାଙ୍କୁ ଶେଷ ଥର ପାଇଁ ୧୯୬୬ ମସିହାରେ ଦେଖିଥିଲେ। ଏହାପରେ ପଡ଼ୋଶୀମାନେ ଭାବିନେଲେ ଯେ, ସେ ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ହେଲେ ସେ ସେହି ଫ୍ଲାଟ୍ ଭିତରେ ହିଁ ମୃତ ଅବସ୍ଥାରେ ପଡ଼ି ରହିଥିବେ ବୋଲି କେହି କଳ୍ପନା ସୁଦ୍ଧା କରି ନ ଥିଲେ। ୨୦୦୮ ରେ କିଛି ସରକାରୀ ଅଧିକାରୀ ଫ୍ଲାଟ୍‌ର ମାଲିକାନା ସହ ଜଡ଼ିତ ଏକ ମାମଲାର ଯାଞ୍ଚ ସମୟରେ କବାଟ ଖୋଲାଇଥିଲେ। ଯେତେବେଳେ ପୁଲିସ୍ ଉପସ୍ଥିତିରେ ସରକାରୀ ଅଧିକାରୀମାନେ ଭିତରକୁ ଗଲେ, ସେତେବେଳେ ସେମାନଙ୍କ ସାମ୍ନାରେ ଏମିତି ଏକ ଦୃଶ୍ୟ ଥିଲା ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ, ରୁମ୍‌ରେ ଏକ ପୁରୁଣା ଟେଲିଭିଜନ, ଆସବାବପତ୍ର ଏବଂ ଚା' କପ୍ ଠିକ୍ ସେମିତି ହିଁ ରଖାଯାଇଥିଲା। ଚେୟାର୍ ପାଖରେ କମ୍ବଳରେ ଗୁଡ଼ା ହୋଇଥିବା ମହିଳାଙ୍କର ଏକ ମମି ଭଳି ହୋଇଯାଇଥିବା ଶବ ମିଳିଥିଲା। ରୁମ୍‌ରେ ଥିବା ଅନେକ ଜିନିଷ ବର୍ଷ ବର୍ଷ ଧରି ପ୍ରାୟ ନିଜ ସ୍ଥାନରେ ହିଁ ରହିଥିଲା, ସେଥିପାଇଁ ଏହି ଘଟଣାକୁ ଅନେକ ରିପୋର୍ଟରେ "ଫ୍ରୋଜନ୍ ଇନ୍ ଟାଇମ୍" ଅର୍ଥାତ୍ ସମୟ ଅଟକି ଯାଇଥିବା ଦୃଶ୍ୟ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଘଟଣାକୁ କିଛି ରିପୋର୍ଟରେ କୁହାଯାଇଥିଲା ଯେ, ହେଡଭିଗା ଚା' ପ୍ରସ୍ତୁତ କରି ଚେୟାରରେ ଟିଭି ଦେଖିବାକୁ ବସିଥିଲେ। ଏହା ପରେ କୌଣସି ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ପଡ଼ୋଶୀମାନେ ବର୍ଷ ବର୍ଷ ଧରି ଭାବୁଥିଲେ ଯେ ହେଡଭିଗା ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଡଭିଗାଙ୍କ ମୃତ ଶରୀର ଦୀର୍ଘ ୪୨ ବର୍ଷ ଧରି ସେହି ଘରେ ଥିଲେ ସୁଦ୍ଧା ତାଙ୍କ ପଡ଼ୋଶୀମାନେ ଏବିଷୟରେ ଟେର୍ ପାଇ ନଥିଲେ।

# ୧୦ ହଜାରରେ ଫ୍ଲାଟ୍ ଲୋକଙ୍କୁ କିଣିବା ପାଇଁ ଅନୁରୋଧ

ଆଜିର ସମୟରେ ଲୋକଙ୍କ ପକ୍ଷେ ନିଜର ଘରଟିଏ କିଣିବା ଆଦୌ ସହଜ ନୁହେଁ। କାରଣ ଦିନକୁ ଦିନ ଜମି ସହ ଫ୍ଲାଟ୍‌ଗୁଡ଼ିକର ଦାମ୍ ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଏଭଳି ସ୍ଥିତିରେ ରୁଷର ଆର୍କଟିକ ସହରରେ ଲୋକଙ୍କୁ ଫ୍ଲାଟ୍ କିଣିବା ପାଇଁ ଅନୁରୋଧ କରାଯାଉଛି। ଏଠାରେ ହଜାର ହଜାର ସଂଖ୍ୟକ ଆପାର୍ଟମେଣ୍ଟ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ଏପରିକି କିଛି ଆପାର୍ଟମେଣ୍ଟ ୧୦ ହଜାର ଟଙ୍କାରେ ବି ଉପଲବ୍ଧ। କେବଳ ସେତିକି ନୁହେଁ, ଫ୍ଲାଟ୍‌ର ଦାମ୍ ଖୁବ୍ ଶସ୍ତା ହୋଇଥିବା ବେଳେ ରହିବା ଲାଗି ଆବଶ୍ୟକ ଜିନିଷ ବି ମହଜୁଦ ଅଛି। ଏହା ସତ୍ତ୍ୱେ ଲୋକେ ଫ୍ଲାଟ୍ କାହିଁକି କିଣୁ ନାହାନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବଡ଼ କାରଣ ହେଉଛି ସେହି ଅଞ୍ଚଳର ପାଣିପାଗ। ରୁଷର ଆର୍କଟିକ୍ ଅଞ୍ଚଳରେ ଶୀତ ଦିନେ ତାପମାତ୍ରା ଅନେକ ସମୟରେ ଶୂନରୁ ମାଇନସ୍ ୧୨ ଡିଗ୍ରୀ ତଳକୁ ଚାଲିଯାଏ। ଏଣୁ ଦୀର୍ଘ ସମୟ ଧରି ଏଭଳି ହାଡ଼ ଭଙ୍ଗା ଥଣ୍ଡାରେ ରହିବା ଆହ୍ୱାନପୂର୍ଣ୍ଣ ହୋଇଯାଏ। ଏହାସହ ଏଭଳି ପାଣିପାଗରେ ଘରକୁ ରହିବା ଯୋଗ୍ୟ ଉଷ୍ମ ରଖିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏନେଇ କିଛି ଲୋକଙ୍କ କହିବା କଥା, ଫ୍ଲାଟ୍ କିଣିବାଠୁ ଅଧିକ ମହଙ୍ଗା ଏହାକୁ ବର୍ଷ ତମାମ ରହିବାଯୋଗ୍ୟ କରି ରଖିବା। ଆର୍କଟିକ୍ ଅଞ୍ଚଳରେ ଘର ଭିତରେ ଲଗାତାର ହିଟିଂ ସିଷ୍ଟମ ଚଳାଇବାକୁ ପଡ଼ିଥାଏ। ଯଦି ଏଭଳି କରା ନ ଯାଏ, ତେବେ ତାପମାତ୍ରା ଖୁବ୍ କମ୍ ହୋଇପାରେ। ଏହି କାରଣ ଯୋଗୁ ବିଜୁଳି, ଇନ୍ଧନ ଏବଂ ହିଟିଂ ସହ ଜଡ଼ିତ ଖର୍ଚ୍ଚ ଖୁବ୍ ବଢ଼ିଯାଏ। ଅନେକ ଲୋକଙ୍କ କହିବା କଥା, କମ୍ ଟଙ୍କାରେ ଫ୍ଲାଟ୍ କିଣିବା ସହଜ ହୋଇଥିଲେ ହେଁ ଘରକୁ ଗରମ ରଖିବା ପାଇଁ ପ୍ରତି ମାସରେ ଆସୁଥିବା ବିଜୁଳି ଖର୍ଚ୍ଚ ସେମାନଙ୍କ କ୍ଷମତାରୁ ବାହାରେ ହୋଇପାରେ। ଏକଦା ଶିଳ୍ପ ଏବଂ ଖଣି କାର୍ଯ୍ୟକଳାପ ଯୋଗୁଁ ଏଠାରେ ଜନସଂଖ୍ୟା ଅଧିକ ଥିଲା, ହେଲେ ସମୟ ସହିତ ରୋଜଗାର ଅବସର ହ୍ରାସ ପାଇବାରେ ଲାଗିଲା। ଫଳରେ ଲୋକେ ରୋଜଗାର ଏବଂ ଅନୁକୂଳ ପାଣିପାଗ ସନ୍ଧାନରେ ଅନ୍ୟ ସହରକୁ ଯିବାକୁ ଲାଗିଲେ। ଯଦ୍ଦ୍ୱାରା ଅନେକ ଆବାସିକ କୋଠା ଖାଲି ପଡ଼ିଲା ଏବଂ ସମ୍ପତ୍ତିର ଚାହିଦା ଦ୍ରୁତ ଗତିରେ ହ୍ରାସ ପାଇଲା। ଅନ୍ୟପଟେ କିଛି ଫ୍ଲାଟ୍‌ରେ ଖଟ, ସୋଫା, ଆଲମାରି, ଟେବୁଲ, ଚୌକି, ରୋଷେଇ ଲାଗି ବାସନକୁସନ ବି ଅଛି। ସାଧାରଣତଃ ନୂଆ ଘର କିଣିବା ପରେ ଲୋକଙ୍କୁ ଆସବାବପତ୍ର କିଣିବାକୁ ପଡ଼େ, ହେଲେ ଏଠାରେ ଏହି ସୁବିଧା ପୂର୍ବରୁ ଥିଲେ ହେଁ ଫ୍ଲାଟ୍ କିଣିବା ଲାଗି ଲୋକ ମିଳୁ ନାହାନ୍ତି।




# ସମ୍ଭାବନା



## ପ୍ରଡକ୍ଟ ଡିଜାଇନ୍‌ରେ କ୍ୟାରିୟର୍

**ବର୍ତ୍ତମାନ ସମୟରେ କମ୍ପାନି ଏମିତି ଲୋକଙ୍କୁ ଚାହୁଁଛି, ଯିଏ କି ଏମିତି ପ୍ରଡକ୍ଟ ଡିଜାଇନ କରିପାରୁ ଥିବେ, ଯାହା କେବଳ ଆକର୍ଷଣୀୟ ଲାଗୁ ନ ଥିବ, ବରଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରି ପାରୁଥିବେ। ଏହି କାମ ହିଁ ଜଣେ ପ୍ରଡକ୍ଟ ଡିଜାଇନର କରିଥାନ୍ତି। ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଲାଗି ଏହା ଏକ ସୁନ୍ଦର କ୍ୟାରିୟର୍।**



ପ୍ରଡକ୍ଟ ଡିଜାଇନ୍‌ରେ କୌଣସି ଉତ୍ପାଦର ବିଚାରଧାରା, ଉପଯୋଗିତା, ଡିଜାଇନ, ନିର୍ମାଣ, ଏବଂ ବ୍ୟବହାରକାରୀଙ୍କ ଅନୁଭୂତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଏ। ଏହାର ଉଦ୍ଦେଶ୍ୟ କେବଳ କୌଣସି ଉତ୍ପାଦକୁ ସୁନ୍ଦର କରିବା ନୁହେଁ, ବରଂ ଏହାକୁ ଅଧିକ ଉପଯୋଗୀ, ସୁରକ୍ଷିତ ଓ ସୁବିଧାଜନକ କରିବା। ଜଣେ ପ୍ରଡକ୍ଟ ଡିଜାଇନର ଗ୍ରାହକଙ୍କ ଆବଶ୍ୟକତାକୁ ବୁଝି ଏମିତି ଉତ୍ପାଦ ପ୍ରସ୍ତୁତ କରନ୍ତି, ଯାହାକି ବ୍ୟବହାର କରିବାରେ ସହଜ ହୋଇଥାଏ। ତା'ସହ ଏହା ଯେଭଳି ବଜାରର ଆବଶ୍ୟକତାକୁ ପୂରଣ କରିପାରୁଥିବ, ସେ ଦିଗରେ ଦୃଷ୍ଟି ଦେବା ଦରକାର। ଏ ଲାଗି ଗବେଷଣା ସହ ସ୍କେଚ୍ ଏବଂ ଥ୍ରୀଡି ମଡେଲ ପ୍ରସ୍ତୁତ କରାଯାଏ। ପ୍ରଡକ୍ଟ ଡିଜାଇନର ଇଞ୍ଜିନିୟର ଏବଂ ମାର୍କେଟିଂ ଟିମ୍ ସହିତ ମିଶି କାମ କରନ୍ତି ଏବଂ ପ୍ରୋଟୋଟାଇପ୍ ତିଆରି କରି ତାହାର ପରୀକ୍ଷା କରିଥାନ୍ତି। ସେହିପରି ସ୍କେଚିଂ, ଡିଜାଇନିଂ, ଟେକ୍ନୋଲୋଜି ଏବଂ ସମସ୍ୟା ସମାଧାନରେ ରୁଚି ଥିଲେ ଏହା ଏକ ଉତ୍ତମ କ୍ଷେତ୍ର ହୋଇପାରିବ।

ମ୍ୟାନୁଫାକଚରିଂ କମ୍ପାନି, ଅଟୋମୋବାଇଲ ଇଣ୍ଡଷ୍ଟ୍ରି, ଇଲେକଟ୍ରୋନିକ୍ ସେକ୍ଟର, ଫର୍ଣ୍ଣିଚର ଓ ହୋମ ପ୍ରଡକ୍ଟ କମ୍ପାନି, ହେଲଥ କେୟାର ଉପକରଣ ନିର୍ମାତା, ଷ୍ଟାର୍ଟଅପ୍, ଡିଜାଇନ କନସଲଟେନ୍ସିରେ ଚାକିରି ମିଳିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ବର୍ଷକୁ ୪ରୁ ୮ ଲକ୍ଷ ପ୍ୟାକେଜ୍ ମିଳେ। ଅଭିଜ୍ଞତା ବଢ଼ିଲେ ଏହା ବର୍ଷକୁ ୧୫-୩୦ରେ ପହଞ୍ଚେ।

## ସାହାଯ୍ୟରୁ ସକାରାତ୍ମକ ପରିବର୍ତ୍ତନ

**ଅନେକ ଲୋକ ସ୍ୱ ଇଚ୍ଛାରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି। ଆଉ କିଛି ଏଭଳି ବି ଥାନ୍ତି, ଯେଉଁମାନେ ସାହାଯ୍ୟ କରିବା ପାଇଁ କୁଣ୍ଠାବୋଧ ପ୍ରକାଶ କରନ୍ତି। ତେବେ ସାହାଯ୍ୟ କରିବାର ଗୁଣ ପିଲାବେଳୁ ପ୍ରତ୍ୟେକଙ୍କ ପାଖରେ ରହିବା ଭଲ। ପିଲାବେଳୁ ସାହାଯ୍ୟ ମନୋଭାବ ରହିଲେ, ଏହା ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ।**



- ଅନ୍ୟ ପ୍ରତି ଭଲ ମନୋଭାବନା ରଖିଲେ, ହାପି ହର୍ମୋନ କ୍ଷରଣ ହୁଏ। ଏଭଳି ସ୍ଥିତିରେ ନିଜକୁ ନେଇ ଓ ଅନ୍ୟକୁ ନେଇ ଭଲ ଅନୁଭବ ହୁଏ। ଏପରିକି ସମାଜ ପ୍ରତି ଭଲ ଚିନ୍ତାଧାରା ରହେ।
- କଠିନ ସମୟରେ ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ମନ ହାଲୁକା ଲାଗେ। ଗବେଷଣା ଅନୁସାରେ, ଅନ୍ୟ ପାଇଁ ଭଲ ପ୍ରଦର୍ଶନ ଓ ସାହାଯ୍ୟ କରୁଥିବା ଲୋକ ଅବସାଦରୁ ଶୀଘ୍ର ମୁକ୍ତି ପାଇଥାନ୍ତି। କଠିନ ପରିସ୍ଥିତିରେ ସେମାନଙ୍କ ସାମ୍ନାରେ ଅନେକ ବାଟ ଖୋଲି ଥାଏ।
- ଲଗାତାର ଭଲ ରାସ୍ତାରେ ଚାଲିଲେ ଓ ପରୋପକାର କାର୍ଯ୍ୟରୁ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଭଲ ରାସ୍ତାରେ ତଥା ଅନ୍ୟକୁ ସାହାଯ୍ୟ କରିବାର ପ୍ରଭାବ ସମ୍ପର୍କ ଉପରେ ପଡ଼ିଥାଏ। ଅନ୍ୟ ପ୍ରତି ଭଲ ଭାବନା ପ୍ରଦର୍ଶନ କରିବା ଦ୍ୱାରା ବ୍ୟକ୍ତିଗତ, ବୃତ୍ତିଗତ ଏବଂ ସାମାଜିକ ସମ୍ପର୍କ ମଜଭୁତ ହୁଏ। ଏଭଳି ଲୋକ କେବେ ବି ଏକାକୀତ୍ୱ ଅନୁଭବ କରି ନ ଥାନ୍ତି।

## କୋ-ୱାର୍କର୍ ଡେଟିଂ

**ଆଜିର ସମୟରେ ଅନେକ ଲୋକ ପାର୍ଟନରକୁ ଅଫିସ୍‌ରେ ପାଉଛନ୍ତି। ଯାହାକୁ 'କୋ-ୱାର୍କର୍' ଡେଟ୍ ବୋଲି କୁହାଯାଉଛି। ଏହା ଜେନ୍ ଜେଡ୍‌ଙ୍କ କ୍ଷେତ୍ରରେ ଏବେ ଅଧିକ ଦେଖିବାକୁ ମିଳୁଛି।**



ଡେଟିଂ କୋଚ୍‌ଙ୍କ ମତରେ, ଅଫିସ୍‌ରେ କାହାକୁ ଡେଟ୍ କରିବାର ଫାଇଦା ହେଉଛି ସେହି ବ୍ୟକ୍ତିଙ୍କୁ ଜଣେ ଭଲରେ ଜାଣିଥାଏ। ପ୍ରତିଦିନ ଜଣେ ନିଜ କାମକୁ କିଭଳି ଦାୟିତ୍ୱର ସହ କରନ୍ତି, ଏହା ଜଣେ ଜାଣିପାରେ। କଠିନ ପରିସ୍ଥିତିରେ ସେହି କର୍ମଚାରୀଙ୍କ ବ୍ୟବହାର, ଅନ୍ୟ ସହିତ କିଭଳି କଥାବାର୍ତ୍ତା ଓ କାମକୁ କେତେ ଗୁରୁତ୍ୱ ଦିଅନ୍ତି, ସବୁ କଥା ଉପରେ ଜଣକର ନଜରରେ ରହେ। ଏହା ଦ୍ୱାରା ଜଣକ ସ୍ୱଭାବକୁ ବୁଝିବା ସହଜ ହୁଏ। ସେହିପରି ଅଫିସ୍‌ରେ ସମ୍ପର୍କ ଧୀରେ ଧୀରେ ଆଗକୁ ବଢ଼ିଥାଏ। ଏପରିକି ଅଫିସ୍‌ରେ ପରସ୍ପର ସହିତ କଥା ହେବା ଓ ପରସ୍ପରକୁ ବୁଝିବା ଲାଗି ବି ସମୟ ମିଳିଥାଏ। ଅନ୍ୟପଟେ କୋ-ୱାର୍କର ଡେଟିଂ ଧାରାର ନକାରାତ୍ମକ ଦିଗ ବି ଅଛି।

କୌଣସି କାରଣ ପାଇଁ ଯଦି ସମ୍ପର୍କ ଭାଙ୍ଗିଯାଏ, ତା'ପରେ ପ୍ରତିଦିନ ସେହି ବ୍ୟକ୍ତିଙ୍କ ସହ କାମ କରିବା ସହଜ ହୋଇ ନ ଥାଏ। ଏହା ଦ୍ୱାରା ଉଭୟଙ୍କୁ ଅସହଜ ଲାଗେ। ସେହିପରି ଅନେକ ସମୟରେ ଏହାର ପ୍ରଭାବ କାମ, ଅଫିସ୍ ପରିବେଶ ଓ କ୍ୟାରିୟର ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

ତେବେ କୋ-ୱାର୍କର ଡେଟିଂର ଉଭୟ ଭଲ ଓ ଖରାପ ଦିଗ ଥିବା ଡେଟିଂ କୋଚ୍ କହନ୍ତି। ଯଦିଓ ଲୋକେ ନିଜର ଅଧିକାଂଶ ସମୟ ଅଫିସ୍ ସହକର୍ମୀଙ୍କ ସହ ଅତିବାହିତ କରନ୍ତି, ତେଣୁ କୋ-ୱାର୍କର ସହିତ ଡେଟ୍ ଦେଖା ଦିଏ। ତେବେ ଏଭଳି ସ୍ଥିତିରେ ଜଣକ ସହ ନିଜକୁ ସୀମିତ ନ ରଖି ନିଜ ପାଇଁ କ'ଣ ଠିକ୍ ଓ ଭୁଲ ଆହୁରି ଜାଣିବା ପାଇଁ ଅଫିସ୍‌ରେ ବନ୍ଧୁତା ବଢ଼ାଇବା ଦରକାର। ଏହା ଦ୍ୱାରା ନୂଆ ଲୋକଙ୍କ ସହିତ ଭେଟ ହୁଏ ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

## ସାମାଜିକ ଗଣମାଧ୍ୟମରେ କ'ଣ ପୋଷ୍ଟ କରିବେ ନାହିଁ



**ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ, ଲିଙ୍କଡ୍‌ଇନ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଲୋକଙ୍କ ନିତିଦିନ ଜୀବନର ଅଂଶ ପାଲଟିଛି। ଲୋକ ନିଜ ଫଟୋ, ଚିନ୍ତାଧାରା, କାମ ସମ୍ପର୍କିତ ଅଭିଜ୍ଞତା ଆଦି ଏଥିରେ ସେୟାର୍ କରନ୍ତି। ତେବେ କର୍ମଜୀବୀମାନେ ସାମାଜିକ ଗଣମାଧ୍ୟମରେ କେଉଁ ସବୁ ଜିନିଷ ପୋଷ୍ଟ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**

- ଅଫିସ୍ ଦସ୍ତାବିଜ୍, କ୍ଲାଏଣ୍ଟ ତଥ୍ୟ, ନୂଆ ପ୍ରୋଜେକ୍ଟ ପାସ୍‌ୱାର୍ଡ, ମିଟିଂ ନୋଟ୍ ନୂଆ ପ୍ରଡକ୍ଟ ସମ୍ପର୍କିତ ତଥ୍ୟ ସୋସିଆଲ ମିଡିଆରେ ସେୟାର୍ କରିବା ଭଲ ନୁହେଁ। କମ୍ପାନି ଏହାକୁ ଗୋପନୀୟର ଉଲ୍ଲଙ୍ଘନ ବୋଲି ବିଚାର କରେ।
- ସୋସିଆଲ ମିଡିଆରେ କମ୍ପାନି ତଥା ମ୍ୟାନେଜର ବିରୋଧରେ ଅପମାନଜନକ ପୋଷ୍ଟ କରିବା ବୃତ୍ତିଗତ ଜୀବନକୁ କ୍ଷତି ପହଞ୍ଚାଏ।
- ଅଫିସ୍‌ରେ କୌଣସି କର୍ମଚାରୀ, କ୍ଲାଏଣ୍ଟ, ଗ୍ରାହକଙ୍କ ଫଟୋ ଓ ଭିଡିଓକୁ ବିନା ଅନୁମତିରେ ପୋଷ୍ଟ କରିବା ଅନୁଚିତ।
- ଅନେକ ସମୟରେ କର୍ମଚାରୀ ଉତ୍ସାହରେ ଅଫିସ୍, ଫ୍ୟାକ୍ଟ୍ରି, ଲ୍ୟାବ୍, କଂଟ୍ରୋଲ ରୁମ୍, ମିଟିଂ ଫଟୋ ଓ ଭିଡିଓ ପୋଷ୍ଟ କରିଥାନ୍ତି। ସେଥିରେ ସମ୍ବେଦନଶୀଳ ତଥ୍ୟ, ସ୍କ୍ରିନ, ଦସ୍ତାବିଜ, ସୁରକ୍ଷା ବ୍ୟବସ୍ଥା ଥାଏ। ତେଣୁ ଏସବୁ ପୋଷ୍ଟ କରିବା କମ୍ପାନିର ନୀତି ବିରୋଧ ହୋଇପାରେ।
- ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ନେଉଥିଲେ ଏହି ସମୟରେ ପାର୍ଟି, ଯାତ୍ରାର ଫଟୋ ସୋସିଆଲ ମିଡିଆରେ ସେୟାର୍ କରନ୍ତୁ ନାହିଁ। କମ୍ପାନିର ଭରସା ପ୍ରଭାବିତ ହୋଇପାରେ।
- କମ୍ପାନି ଲୋଗୋ, ବ୍ରାଣ୍ଡ ତଥା ନାଁ ବ୍ୟବହାର କରିବା ସମୟରେ ସୋସିଆଲ ମିଡ଼ିଆ ପଲିସି ଉପରେ ଦୃଷ୍ଟି ଦେବା ଆବଶ୍ୟକ।
- ଅଫିସ୍‌ରେ ଖରାପ ଦିନ ପରେ ତୁରନ୍ତ ସୋସିଆଲ ମିଡିଆରେ ଭାବନାତ୍ମକ ପୋଷ୍ଟ କରିବା ବନ୍ଦ କରନ୍ତୁ। ଏହା ଅଫିସ୍ ଛବି ଉପରେ ପ୍ରଭାବ ପକାଇପାରେ।

# ଶ୍ରୀଲଙ୍କା ନିକଟରୁ ସିରିଜ୍ ହାରିଲେ ପାକିସ୍ତାନୀ ମହିଳା




ଦାମ୍ବୁଲା,୪।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ପାକିସ୍ତାନ ମହିଳା ଟିମ୍ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଶେଷ ମ୍ୟାଚ୍‌ରେ ହାରିଥିଲେ ମଧ୍ୟ ଏହି ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଶ୍ରୀଲଙ୍କା ୨-୧ରେ ଜିତିନେଇଛି। ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ମଧ୍ୟ ଶ୍ରୀଲଙ୍କା ୨-୧ରେ ଜିତିଥିଲା। ଏଠାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ୱିକେଟରେ ୧୧୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୮.୨ ଓଭରରେ ୬ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଯାଇଥିଲା। ପାକିସ୍ତାନ ପକ୍ଷରୁ ୩୯ ରନ୍ କରିଥିବା ଆୟେଶା ଜାଫର ଓ ସ୍ପିନର ମାନେ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

● ୱେଷ୍ଟଇଣ୍ଡିଜ୍-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ

# ଆସଦ୍ ସଫିକ୍‌ଙ୍କ ଶତକ

ପୋର୍ଟ ଅଫ୍ ସ୍ପେନ୍,୪।୮ (ଏଜେନ୍ସି): ଆସଦ୍ ସଫିକ୍ ଓ ବାବର ଆଜମଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ କଡ଼ା ଜବାବ ଦେଇଛି। ଜଷ୍ଟିନ୍ ଗ୍ରିଭସ (୭୩) ଓ ଅଧିନାୟକ ରୋଷ୍ଟୋନ ଚେଜ୍ (୭୦)ଙ୍କ ଅର୍ଦ୍ଧଶତକ ବଳରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସ ୩୧୪ ରନ୍‌ରେ ଶେଷ ହୋଇଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ପାକିସ୍ତାନ ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୨୬୬ ରନ୍ କରିଥିଲା। ଏହି ସମୟରେ ଆସଦ ସଫିକ୍ ୧୦୭ ଓ ବାବର ଆଜମ ୮୬ ରନ୍‌ରେ ଅପରାଜିତ ରହିଥିଲେ। ଦଳର ଓପନର ଆଜନ ଆୱେସ ୫୫ ଓ ଇମାମ-ଉଲ-ହକ୍ ୧୪ ରନ୍ କରି ଆଉଟ ହୋଇଥିଲେ। ଏଭଳି ନିର୍ଜୀବ ପିଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବା କଷ୍ଟକର ହୋଇପଡ଼ିଥିଲା। ଜୋମେଲ ୱାରିକାନ ଓ ସମର ଯୋଶେଫ୍ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ୱେଷ୍ଟଇଣ୍ଡିଜ୍ ଇନିଂସରେ ସ୍ପିନର ସାଜିଦ୍ ଖାନ୍‌ଙ୍କୁ ୪ଟି ୱିକେଟ ମିଳିଥିଲା।

# ଚେନ୍ନଇ ଓପନକୁ ୧୦ କୋଟି




ଚେନ୍ନଇ,୪।୮ (ଏଜେନ୍ସି): ଡବ୍ଲ୍ୟୁଟିଏ-୨୫୦ ଚେନ୍ନଇ ଓପନ ଆୟୋଜନ ଲାଗି ଯେଉଁ ପ୍ରତିବନ୍ଧକ ରହିଥିଲା ତାହା ଏବେ ଦୂର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ତାମିଲନାଡୁ ଟେନିସ ସଂଘ ପକ୍ଷରୁ ସଭାପତି ବିଜୟ ଅମୃତରାଜ ୨୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। କିନ୍ତୁ ଏତେ ଅର୍ଥ ରାଶି ସଂଘ ନିକଟରେ ନ ଥିଲା। ଏଣୁ ସେ ସରକାରଙ୍କ ସହାୟତା ଲୋଡିଥିଲେ। ନୂଆ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ବ୍ୟୟ ଅଟକଳର ଅଧା ବା ୧୦ କୋଟି ଟଙ୍କା ଦେବାକୁ ରାଜି ହେବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇପାରିବ ବୋଲି ଅମୃତରାଜ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ନଭେମ୍ବର ୨ରୁ ଆରମ୍ଭ ହୋଇ ୮ରେ ଶେଷ ହେବ। ଏଥିରେ ଏକକ ବିଭାଗରେ ୩୨ଜଣ ଓ ଡବଲ୍ସରେ ୧୬ ଯୋଡି ଖେଳାଳି ଅଂଶଗ୍ରହଣ କରିବେ। ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଅର୍ଥାଭାବ ଯୋଗୁଁ ୨୦୨୩ ଓ ୨୦୨୪ରେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରରେ ସ୍ଥାନ ପାଇ ନ ଥିଲା।

● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

# ସିନ୍ଧୁ ୯ମ, ସାତ୍ତ୍ୱିକ-ଚିରାଗ ୫ମ ସିଡ୍



ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ରେ ଅଗଷ୍ଟ ୧୭ରୁ ୨୩ ଯାଏ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ସୁପରଷ୍ଟାପିଭି ସିନ୍ଧୁଙ୍କୁ ବାଳିକା ଏକକ ବିଭାଗରେ ୮ମ ସିଡ୍ ମାନ୍ୟତା ମିଳିଛି। ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପ୍ରତ୍ୟେକ କାଟେଗୋରୀରେ ୨ ଜଣ ଲେଖାଏଁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଏକକରେ ଲକ୍ଷ୍ୟ ସେନ୍‌ଙ୍କୁ ୧୪ତମ ସିଡ୍, ମିଶ୍ରିତ ଯୁଗଳରେ ଧ୍ରୁବ କପିଳା ଓ ତନିସା କ୍ରାଷ୍ଟୋଙ୍କୁ ୧୫ତମ ସିଡ ମିଳିଛି। ଚଳିତବର୍ଷ ଏପ୍ରିଲ ୨୮ ତାରିଖର ମାନ୍ୟତା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ଚଳିତବର୍ଷ ଜୁଲାଇ ୨୮ ସୁଦ୍ଧା ବିଶ୍ୱ ର୍‍ୟାଙ୍କିଙ୍ଗ ଅନୁଯାୟୀ ଟୁର୍ଣ୍ଣାମେଣ୍ଟର ସିଡ୍ ସ୍ଥିର ହୋଇଛି।

## ଅଗଷ୍ଟ ୧୫ରୁ ଟେଷ୍ଟ ସିରିଜ୍

# ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ



ମୁମ୍ବଇ,୪।୮ (ଏଜେନ୍ସି)

ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ ଆରମ୍ଭ ହୋଇଛି। ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଆଜି କଲମ୍ବୋ ଅଭିମୁଖେ ଯାତ୍ରା କରିଛି। ଅଗଷ୍ଟ ୧୫ରୁ ଏହି ଟେଷ୍ଟ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଅଗଷ୍ଟ ୭ରୁ ୯ ତାରିଖ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଏଥିରୁ ଶ୍ରୀଲଙ୍କାକୁ ଭାରତ କିପରି ସମ୍ମାନ ଦେଉଛି ତାହା ସ୍ପଷ୍ଟ ଜଣାପଡୁଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରି ଦେଶ ଗସ୍ତରେ ଯାଇଥିବା ଭାରତ ଗତ କିଛି ବର୍ଷରେ ଅଭ୍ୟାସ ମ୍ୟାଚ୍ ଖେଳି ନାହିଁ। ଶ୍ରୀଲଙ୍କାର ସ୍ପିନରଙ୍କୁ ମୁକାବିଲା କରିବା ଏହି ଫଟାଫଟ କ୍ରିକେଟରଙ୍କ ଲାଗି ମୁସ୍କିଲ ହେଉଛି। ଏଥିଲାଗି ଏହି ଅଭ୍ୟାସ ମ୍ୟାଚ୍‌ର ବ୍ୟବସ୍ଥା କରାଯାଇଛି। ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଓ କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ପିଚ୍‌ରେ ସ୍ପିନରମାନେ ବେଶ ପ୍ରଭାବ ବିସ୍ତାର କରିଥାନ୍ତି। ଏଣୁ ସେମାନଙ୍କୁ କିପରି ମୁକାବିଲା କରାଯାଇପାରିବ ତାହା ଭାରତରୁ ଖେଳାଳିମାନେ ପ୍ରସ୍ତୁତି କରିଛନ୍ତି। ଶ୍ରୀଲଙ୍କା ଯିବା ପୂର୍ବରୁ ମୁମ୍ବଇରେ ଦୁଇ ଓପନର ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ବେଶ କିଛି ଦିନ ହେଲା ସ୍ପିନରଙ୍କ ବିପକ୍ଷରେ ଅଭ୍ୟାସ ଚଳାଇଛନ୍ତି।

### ସୁଦର୍ଶନଙ୍କ ଫିଟ୍‌ନେସ୍‌କୁ ଅପେକ୍ଷା

ଭାରତୀୟ ଟେଷ୍ଟ ଦଳ ଘୋଷଣାବେଳେ ଦୁଇଜଣ ଆହତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଯଶପ୍ରୀତ୍ ବୁମ୍‌ରା ଫିଟ୍ ନ ହେବାରୁ ତାଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି ଓ ତାଙ୍କ ସ୍ଥାନରେ ରଣଜୀ ଚାମ୍ପିଅନ ଜମ୍ମୁ-କଶ୍ମୀର ଦଳର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି। ଅନ୍ୟତମ ଆହତ ଖେଳାଳି ସାଇ ସୁଦର୍ଶନ ଟିମ୍ ସହ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଫିଟନେସ୍ ପାଇବା ଲାଗି ସଂଘର୍ଷ କରୁଛନ୍ତି। ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଫିଟ୍ କରାଇବ ବୋଲି ଆଶା ରହିଛି। ଦଳ ସହ ସେ ଯାଇ ନ ଥିଲେ ମଧ୍ୟ ଅଗଷ୍ଟ ୭ରେ ଭାରତ ଖେଳିବାକୁ ଥିବା ଅଭ୍ୟାସ ମ୍ୟାଚ୍‌ରେ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ମେଡିକାଲ ଟିମ୍ ରହିଛି। ସେ ଏବେ ପୂରା ଫିଟ୍ ହୋଇଯାଇଛନ୍ତି ଓ ଆସନ୍ତାକାଲିଠାରୁ ବ୍ୟାଟିଂ ଅଭ୍ୟାସ କରିବେ ବୋଲି ଆଶା କରାଯାଉଛି।

### ଚୂଡାନ୍ତ ଏକାଦଶରେ ୨ ପେସ୍, ୩ ସ୍ପିନର

ଶ୍ରୀଲଙ୍କାରେ ଭାରତ ୨ ଜଣିଆ ପେସ୍ ବୋଲରଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏପରି ହେଲେ ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ରଥମ ପସନ୍ଦର ବୋଲର ଭାବେ ନିଆଯିବ। ଏମାନଙ୍କ ମଧ୍ୟରୁ ଯଦି କେହି ଆହତ ହୁଅନ୍ତି, ତେବେ ଗୁରନୁର ବ୍ରାରଙ୍କୁ ସୁଯୋଗ ମିଳିବ। ଭାରତ ଦଳରେ ୪ଜଣ ସ୍ପିନରଙ୍କୁ ସାମିଲ କରିଥିଲାବେଳେ ୩ଜଣ ନିଶ୍ଚିତ ଖେଳାଇବ। ଦୁଇ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଓ ମାନବ ସୂତାରଙ୍କୁ ସହ ଅଫ୍ ସ୍ପିନର ସାରାଂଶ ଜୈନ ଡେବ୍ୟୁ କରିପାରନ୍ତି। କୁଲଦୀପ ଯାଦବଙ୍କୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ।

### ଟେଷ୍ଟ ସିରିଜ୍ ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୭ରୁ ୦୯।୮ | ଅଭ୍ୟାସ ମ୍ୟାଚ୍ | ଏସ୍‌ଏସ୍‌ସି |
| ୧୫ରୁ ୧୯।୮ | ପ୍ରଥମ ଟେଷ୍ଟ | ଗଲ୍ |
| ୨୩ରୁ ୨୭।୮ | ଦ୍ୱିତୀୟ ଟେଷ୍ଟ | ଏସ୍‌ଏସ୍‌ସି |

ବିଦ୍ର: ଏସ୍‌ଏସ୍‌ସି- ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍, କଲମ୍ବୋ।

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ସୋନି ଲିଭ୍।

### ଭାରତ ସପକ୍ଷରେ ରେକର୍ଡ

ଶ୍ରୀଲଙ୍କାରେ ଭାରତ ଶେଷଥର ଲାଗି ୨୦୧୭ରେ ଟେଷ୍ଟ ସିରିଜ୍ ଖେଳିଥିଲା। ଏହା ପରେ ଦୁଇଟି ଟେଷ୍ଟ ସିରିଜ୍ ଆୟୋଜିତ ହୋଇଥିଲାବେଳେ ଉଭୟ ଭାରତରେ ଖେଳାଯାଇଥିଲା। ୨୦୧୭ରେ ଭାରତ ୩-୦ରେ ଟେଷ୍ଟ ସିରିଜ୍ ଜିତିଥିଲା। ଭାରତ ବିପକ୍ଷରେ ଶ୍ରୀଲଙ୍କା ଶେଷଥର ଲାଗି ୨୦୦୮ରେ ଟେଷ୍ଟ ସିରିଜ୍ ଜିତିଥିଲା। ଘରୋଇ ଦଳ ୨-୧ରେ ଏହାକୁ କବ୍‌ଜା କରିଥିଲା। ଏହା ମଧ୍ୟରେ ୧୯୮୨ରୁ ଏଯାଏ ଦୁଇ ଦେଶ ମଧ୍ୟରେ ୪୬ଟି ଟେଷ୍ଟ ଆୟୋଜିତ ହୋଇସାରିଛି। ଏଥିରେ ଭାରତ ୨୨ଟି ଓ ଶ୍ରୀଲଙ୍କା ୭ଟିରେ ଜିତିଛି। ଭାରତରେ ଖେଳାଯାଇଥିବା ଟେଷ୍ଟରେ ଏଯାଏ ଶ୍ରୀଲଙ୍କା ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍‌ରେ ଜିତନାହିଁ। କିନ୍ତୁ ଶ୍ରୀଲଙ୍କାରେ ଖେଳାଯାଇଥିବା ୨୪ ଟେଷ୍ଟ ମଧ୍ୟରୁ ଭାରତ ୯ଟିରେ ଓ ଶ୍ରୀଲଙ୍କା ୭ଟିରେ ବିଜୟୀ ହୋଇଛି। ୨୦୧୫ରେ ଶେଷଥର ଲାଗି ଶ୍ରୀଲଙ୍କା ନିକଟରୁ ଭାରତ ଟେଷ୍ଟ ମ୍ୟାଚରେ ପରାଜିତ ହୋଇଥିଲା।

### ୪ ଜଣ ସ୍ପିନର ନେଟ୍ ବୋଲର

ଏହି ଗସ୍ତରେ ଯାଇଥିବା ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କୁ ନେଟ ବୋଲର ଭାବେ ନିଆଯାଇଛି। ସେମାନେ ହେଲେ ଅଫ୍ ସ୍ପିନର ତନୁସ କୋଟିଆନ୍, ବାହମତୀ ରିଷ୍ଟ ସ୍ପିନର ଶିବାଙ୍ଗ କୁମାର, ଲେଗ୍ ସ୍ପିନର ବିପରାଜ ନିଗମ ଓ ବାମହାତୀ ଅର୍ଥୋଡକ୍ସ ବୋଲର ହର୍ଷ ଦୁବେ।

**ଭାରତୀୟ ଦଳ** : ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍, ଋଷଭ ପନ୍ତ୍ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୂତାର, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ଆକ୍ୱିବ ନବି, କୁଲଦୀପ ଯାଦବ, ଦେବଦତ୍ତ ପାଡିକଲ।

# ମହିଳା ଏସିଆ କପ୍ ୟୁଏଇରେ

ଦୁବାଇ,୪।୮ (ଏଜେନ୍ସି): ମହିଳା ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏଥର ୟୁଏଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାର ଭେନ୍ୟୁ ଓ ତାରିଖ ଏସିଆନ୍ କ୍ରିକେଟ କାଉନ୍ସିଲ ପକ୍ଷରୁ ଘୋଷଣା କରାଯାଇ ନ ଥିଲାବେଳେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଅଂଶଗ୍ରହଣକାରୀ ଟିମ୍ ଗୁଡିକୁ ସୂଚନା ଦେବା ସହ ଓ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ମାଲେସିଆ, ଥାଇଲାଣ୍ଡ ଓ ମାଲେସିଆ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟ ଭେନ୍ୟୁ ଘୋଷଣା କରାଯାଇ ନ ଥିବାରୁ ଟିମ୍ ଗୁଡିକ ଅଡୁଆରେ ପଡ଼ିଛନ୍ତି। ସେହିପରି ଏସିଆ କପ୍ ପରେ ସେପ୍ଟେମ୍ବର ୧୭ରୁ ୨୪ ଯାଏ ଜାପାନର ନାଗୋୟାଠାରେ ଏସିଆନ୍ ଗେମ୍ସ ଖେଳାଯିବ। ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ହୋଇ ରହିଛି।

# ଲୌସାନେରେ ନୀରଜ-ଅର୍ସାଦ-ରୁମେଶ ଲଢ଼େଇ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍କଟଲାଣ୍ଡରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ନୀରଜ ଚୋପ୍ରା, ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଅର୍ସାଦ୍ ନଦୀମ ଓ ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥିରାଗେଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଏହି ଚାମ୍ପିଅନଙ୍କୁ ପଛରେ ପକାଇ ରୁମେଶ ଏଠାରେ ଚାମ୍ପିଅନ ହୋଇଥିଲେ। ଏସିଆ ମହାଦେଶର ଏହି ୩ ଜାଭେଲିନ୍ ଫିଙ୍ଗାଳି ବିଶ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି। ଏହି ୩ ଜାଭେଲିନ୍ ଫିଙ୍ଗାଳିଙ୍କ ସହ ବିଶ୍ୱଚାମ୍ପିଅନ କେଶରନ ୱାଲକଟ, ପୂର୍ବ ବିଶ୍ୱଚାମ୍ପିଅନ ଆଣ୍ଡରସନ ପିଟର୍ସ, ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ ଥୋମାସ ରୋହେଲର ପ୍ରମୁଖ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ଡାଇମଣ୍ଡ ଲିଗ୍‌ରେ ଭାଗନେବେ। ଏହା ବିଶ୍ୱର ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜାଭେଲିନ୍ ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି। ଚଳିତ ସିଜନରେ ରୁମେଶ ଶ୍ରେଷ୍ଠ ସଫଳତା ପାଇଛନ୍ତି।


# ବିବିଏଲ୍‌ର ସବୁଠାରୁ ଦାମୀ ଖେଳାଳି ହେବେ ଷ୍ଟୋକ୍ସ



ସିଡ୍‌ନୀ, ୪।୮ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବେନ୍ ଷ୍ଟୋକ୍ସ ବିଗ୍ ବାସ୍ ଲିଗ୍ (ବିବିଏଲ୍) ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇପାରନ୍ତି। ବିବିଏଲ୍‌ର ୨୦୨୬-୨୭ ସଂସ୍କରଣ ପୂର୍ବରୁ ଅଲରାଉଣ୍ଡର ଷ୍ଟୋକ୍ସଙ୍କୁ କିଣିବା ଦୌଡ଼ର ସର୍ବାଗ୍ରେ ରହିଛି ସିଡ୍‌ନୀ ସିକ୍ସର୍ସ। କିଛି ସପ୍ତାହ ତଳେ ୩୫ ବର୍ଷ ବୟସ୍କ ବେନ୍ ଷ୍ଟୋକ୍ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଫଳରେ ଷ୍ଟୋକ୍ସ ସାରାବିଶ୍ୱରେ ଫ୍ରାଞ୍ଚାଇଜି କ୍ରିକେଟ୍ ଖେଳିବା ପାଇଁ ଯଥେଷ୍ଟ ସମୟ ପାଇବେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କ୍ରିକେଟ୍ ଅଷ୍ଟ୍ରେଲିଆ ବିବିଏଲ୍‌ର ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି। ଏହା ଅନୁସାରେ, ବିଦେଶୀ ଖେଳାଳିଙ୍କ ତାଲିକାରୁ ନୁହେଁ; ଏକ ଫ୍ରାଞ୍ଚାଇଜି ନିଜ ଆଡ଼କୁ ଜଣେ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ କରି ତାଙ୍କ ସହ ଦଳର ପ୍ରମୁଖ ଖେଳାଳି ଭାବେ ଚୁକ୍ତି କରିପାରିବ। ଏକ ରିପୋର୍ଟ ଅନୁସାରେ, ବେନ୍ ଷ୍ଟୋକ୍ସଙ୍କୁ କିଣିବା ପାଇଁ ସିଡ୍‌ନୀ ସିକ୍ସର୍ସ ୬ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫ କୋଟି ୭୨ ଲକ୍ଷ ଟଙ୍କା) ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି। ଏପରି ହେଲେ ଷ୍ଟୋକ୍ସ ବିବିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବେ। ସିଡ୍‌ନୀ ସିକ୍ସର୍ସ ଦଳ ଷ୍ଟୋକ୍ସଙ୍କୁ ନେବା ପାଇଁ ଯୋଜନା କରିଥିବା ବେଳେ ହୋବାର୍ଟ ହରିକେନ୍‌ସ ମଧ୍ୟ ତାଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାସହ ନ୍ୟୁଜିଲାଣ୍ଡର ବିସ୍ଫୋରକ ଓପନର ଫିନ୍ ଆଲେନ୍‌ଙ୍କୁ ନେବା ପାଇଁ ବିବିଏଲ୍‌ର ଏକାଧିକ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ଗତବର୍ଷ ପର୍ଥ ସ୍କର୍ଚର୍ସ ପାଇଁ ଖେଳି ଫିନ୍ ଆଲେନ୍ ୧୮୪.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ସର୍ବାଧିକ ୪୬୬ ରନ୍ କରିଥିଲେ। ପୁଣି ଏକ ସଂସ୍କରଣରେ ଆଲେନ୍ ସର୍ବାଧିକ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ଫଳରେ ପର୍ଥ ସ୍କର୍ଚର୍ସ ୬ଷ୍ଠ ଥର ବିବିଏଲ୍ ଚାମ୍ପିଅନ୍ ହୋଇଥିଲା। ଏବେ ଇଂଲଣ୍ଡରେ ଚାଲିଥିବା ଦିନିକିଆ କପ୍‌ରେ ଷ୍ଟୋକ୍ସ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଫର୍ମ ଓ ଅଭିଜ୍ଞତା ଯୋଗୁଁ ଷ୍ଟୋକ୍ସଙ୍କୁ ନେବା ପାଇଁ ବିବିଏଲ୍ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ୨୦୧୪-୧୫ରେ ଷ୍ଟୋକ୍ସ ମେଲ୍‌ବୋର୍ଣ୍ଣ ରେନେଗେଡ୍‌ସ ପାଇଁ ବିବିଏଲ୍ ଖେଳିଥିଲେ ହେଁ ଭଲ ପ୍ରଦର୍ଶନ କରି ପାରିନଥିଲେ।

# ରିୟାନ୍, ଦିଲୀପଙ୍କୁ ଧନ୍ୟବାଦ ଦେଲା ବିସିସିଆଇ





ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଜିମ୍ବାୱେ ଗସ୍ତ ପରେ ଭାରତୀୟ କ୍ରିକେଟ୍ ଦଳର ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍‌ଡି ପ୍ରଶିକ୍ଷକ ଟି. ଦିଲୀପଙ୍କ ଚୁକ୍ତି ଅବଧି ବଢ଼ାଇନାହିଁ ବିସିସିଆଇ। ନେଦରଲାଣ୍ଡସର ଡୋସ୍କାଟେ ଆଇପିଏଲ୍ ଦଳ କଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଥିବା ବେଳେ ଦିଲୀପଙ୍କ ସ୍ଥାନରେ ଶୁଭଦୀପ ଘୋଷ ଫିଲ୍‌ଡିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଦୁଇ ବିଦାୟୀ ପ୍ରଶିକ୍ଷକ ଡୋସ୍କାଟେ ଓ ଦିଲୀପଙ୍କୁ ଭାରତୀୟ ଦଳ ପାଇଁ ସେମାନଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଛି ବିସିସିଆଇ। ତା'ର ଏକ୍ସ ପୃଷ୍ଠାରେ ବିସିସିଆଇ ଲେଖିଛି- ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍‌ଡି ପ୍ରଶିକ୍ଷକ ଟି. ଦିଲୀପଙ୍କୁ ଧନ୍ୟବାଦ। ତୁମର ନିଷ୍ଠା, ପେସାଦାର ମନୋବୃତ୍ତି ଓ ଅକ୍ଳାନ୍ତ ପ୍ରଚେଷ୍ଟା ଦଳର ଯାତ୍ରା ଓ ସଫଳତାରେ ବଡ଼ ଭୂମିକା ଥିଲା। ତୁମ ଜୀବନର ପରବର୍ତ୍ତୀ ଅଧ୍ୟାୟ ପାଇଁ ଉଭୟଙ୍କ ସଫଳତା କାମନା କରୁଛୁ। ଟି. ଦିଲୀପ ୨୦୨୧ରୁ ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ଥିଲେ। ପରେ ୨୦୨୫ରେ ତାଙ୍କୁ ଏକ ବର୍ଷ ଲାଗି ପୁନଃ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କ ସମୟରେ ଭାରତୀୟ ଦଳର ଫିଲ୍‌ଡିଂ ନିମ୍ନମାନର ହେବାରୁ ବିସିସିଆଇ ତାଙ୍କ ଚୁକ୍ତି ବଢ଼ାଇ ନଥିଲା। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟକ, ପେସ୍ ବୋଲିଂ ପ୍ରଶିକ୍ଷକ ମର୍ନେ ମର୍କେଲ ଓ ସ୍ପିନ୍ ପ୍ରଶିକ୍ଷକ ସାଇରାଜ ବାହୁତୁଲେ ସ୍ଥାନ ବଜାୟ ରଖିଛନ୍ତି।

## ମହମ୍ମଦ ସାମିଙ୍କୁ ଅଗରକରଙ୍କ ସ୍ପଷ୍ଟ ବାର୍ତ୍ତା

# ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ଦଳରେ ସ୍ଥାନ ନାହିଁ





ନୂଆଦିଲ୍ଲୀ, ୪।୮ (ଏଜେନ୍ସି)

ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆହତ ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରା ବାଦ୍ ପଡ଼ିଛନ୍ତି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ମନୋନୟନ କମିଟି ବୁମ୍‌ରାଙ୍କ ସ୍ଥାନରେ ଜାମ୍ମୁ-କାଶ୍ମୀରର ପେସ୍ ବୋଲର ଆକିବ୍ ନବିଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରଥମଥର ଜାମ୍ମୁ-କାଶ୍ମୀରକୁ ରଣଜୀ ଟ୍ରଫି ଆମ୍ପିଅନ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆକ୍ୱିବ୍ ନବି ପୁରସ୍କୃତ ହେବାକୁ ସମସ୍ତେ ପ୍ରଶଂସା କରିଛନ୍ତି। ତେବେ ଏହି ନିଷ୍ପତ୍ତି ବରିଷ୍ଠ ଭାରତୀୟ ଫାଷ୍ଟବୋଲର ମହମ୍ମଦ ସାମିଙ୍କ ବର୍ତ୍ତମାନର ସ୍ଥିତିର କଠୋର ବାସ୍ତବତାକୁ ମଧ୍ୟ ଦର୍ଶାଉଛି। ୨୦୨୫ରେ ସାମି ଶେଷଥର ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ତେବେ ୨୦୨୩ ପରଠାରୁ ମହମ୍ମଦ ସାମି ଜାତୀୟ ଦଳ ପାଇଁ କୌଣସି ଟେଷ୍ଟ ଖେଳିନାହାଁନ୍ତି। ଭାରତ ପାଇଁ ସାମି ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଆରମ୍ଭରୁ ଖରାପ ଫିଟ୍‌ନେସ୍ ଯୋଗୁଁ ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନଥିଲା। ତେବେ ଗତବର୍ଷ ଘରୋଇ କ୍ରିକେଟ୍‌ରେ ନିୟମିତ ଭଲ ପ୍ରଦର୍ଶନ ମଧ୍ୟ ତାଙ୍କୁ ଭାରତୀୟ ଦଳକୁ ଫେରାଇ ଆଣି ପାରିନଥିଲା। ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଅଜିତ ଅଗରକରଙ୍କୁ ବାରମ୍ବାର ପ୍ରଶ୍ନ କରାଯାଇଛି। ଜବାବରେ ଆଗରକର କହି ଆସୁଛନ୍ତି ଯେ ଟେଷ୍ଟ କ୍ରିକେଟ୍ ଖେଳିବା ପାଇଁ ଆବଶ୍ୟକ ଫିଟ୍‌ନେସ ସାମିଙ୍କର ନାହିଁ। ତେବେ ସାମି ଗତବର୍ଷ ବଙ୍ଗଳା ପାଇଁ ଗତ ୭ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳି ୧,୩୮୩ଟି ବଲ୍ ପକାଇଛନ୍ତି ଏବଂ ୧୬.୭୨ ଆଭ୍‌ରେଜରେ ୩୭ଟି ୱିକେଟ୍ ନେଇଛନ୍ତି। ଏହି ସମୟରେ ମହମ୍ମଦ ସାମି ୫୦ଟି ମେଡେନ୍ ଓଭର ପକାଇଛନ୍ତି ଏବଂ ୩ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଛନ୍ତି। ୯୦ ରନ୍‌ରେ ୮ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସେହି ରଣଜୀ ଟ୍ରଫିରେ ଆକିବ୍ ନବି ଦେଶର ସମସ୍ତ ଫାଷ୍ଟବୋଲରଙ୍କୁ ପଛରେ ପକାଇ ଦେଇଥିଲେ। ନବି ସାରାଦେଶରେ ସର୍ବାଧିକ ୬୦ଟି ୱିକେଟ୍ ନେଇଥିଲେ। ତାଙ୍କ ଆଭ୍‌ରେଜ ୧୨.୫୬ ଥିବା ଏବଂ ୭ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଥିଲେ। ତେଣୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ଆକିବ୍ ନବି ହକ୍‌ଦାର ଥିଲେ। ପରୋକ୍ଷରେ ହେଉ ପଛେ; ମହମ୍ମଦ ସାମିଙ୍କ ପାଇଁ ଅଗରକରଙ୍କ ବାର୍ତ୍ତା ବହୁତ ସ୍ପଷ୍ଟ। ଯଦି ଏହି ଭେଟେରାନ୍ ଫାଷ୍ଟବୋଲର ଭାରତୀୟ ଟେଷ୍ଟ ଦଳକୁ ଫେରିବାକୁ ଚାହାନ୍ତି; ତେବେ ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରହି ନିୟମିତ ପ୍ରଥମଶ୍ରେଣୀ (ରଣଜୀ ଓ ଦୁଲିପ ଟ୍ରଫି) ମ୍ୟାଚ୍ ଖେଳିବାକୁ ପଡ଼ିବ ଏବଂ ଘରୋଇ କ୍ରିକେଟ୍‌ର ଅନ୍ୟ ଫାଷ୍ଟବୋଲରଙ୍କଠାରୁ ତାଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ଆନ୍ତର୍ଜାତିକ କ୍ରିକେଟ୍ ଖେଳିନଥିବା ପେସ୍ ବୋଲର ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଏବଂ ନିୟମିତ ଭାବେ ୱିକେଟ୍ ନେଇ ଦଳକୁ ଜିତାଉଛନ୍ତି। ଏପରି କରି ସେମାନେ ଭାରତୀୟ ଦଳରେ ସ୍ଥାନ ପାଇବା ଲାଗି ଦାବିଦାର ହେଉଛନ୍ତି। ତେଣୁ ଟେଷ୍ଟ ଦଳକୁ ଫେରିବାକୁ ହେଲେ ଏପରି ପେସ୍ ବୋଲରଙ୍କ ତୁଳନାରେ ସାମିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

## ଫାଓ ଲିଗ୍‌ରେ ମୁସ୍ତାକିମ୍‌ଙ୍କ ହ୍ୟାଟ୍ରିକ୍

# ଚୌଦ୍ୱାରର ବୃହତ୍ ବିଜୟ



ଭୁବନେଶ୍ୱର,୪।୮ (ସମିସ): କଟକରେ ଚାଲିଥିବା ଫାଓ ଲିଗ୍‌ର ଆଜିର ମୁକାବିଲାରେ ଚୌଦ୍ୱାରର ୱାଇଏ ଫୁଟବଲ କ୍ଲବ୍ ୭-୦ ଗୋଲରେ ଚାଉଳିଆଗଞ୍ଜ କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିଜୟୀ ଚୌଦ୍ୱାର ଦଳ ପକ୍ଷରୁ ମୁସ୍ତାକିମ୍ ଖାନ୍ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ରାଜେଶ କୁମାର ବେହେରା ୨ଟି ଓ ତ୍ରିଦେବ ମୁଖୀ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଚୌଦ୍ୱାର ଟିମ୍ ୫-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ପରାଜିତ ଚାଉଳିଆଗଞ୍ଜ କ୍ଲବ୍ ପକ୍ଷରୁ କେହି ଗୋଲ ସ୍କୋର କରି ପାରି ନ ଥିଲେ। ଏହି ବିଜୟ ଫଳରେ ଚୌଦ୍ୱାର ପୂରା ପଏଣ୍ଟ ପାଇ ଟେବଲର ଉପରକୁ ଉଠିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS